ବର୍ଷ-୨୪, ସଂଖ୍ୟା-୨୦୭
ଭୁବନେଶ୍ୱର
୨୭ ଅଗଷ୍ଟ, ୨୦୨୪ ମଙ୍ଗଳବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 207
Bhubaneswar
27 August, 2024, Tuesday
Page-08, Rs.: 2.00

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



# ପାକିସ୍ତାନରେ ଆତଙ୍କୀଙ୍କ ନରସଂହାର

ବାଲୋଚିସ୍ତାନ,୨୬।୮ : ଅଶାନ୍ତ ହୋଇ ଉଠିଛି ପାକିସ୍ତାନ। ଘନଘନ ଆତଙ୍କବାଦୀ ଆକ୍ରମଣରେ ଥରି ଉଠିଛି ବଲୁଚିସ୍ତାନ। ଏହି ଆକ୍ରମଣରେ ରିପୋର୍ଟ ଅନୁଯାୟୀ ୭୩ ଜଣଙ୍କ ମୃତ୍ୟୁ ଘଟିଛି। ଏଥିରେ ପାକିସ୍ତାନର ୧୪ ଜଣ ପାକିସ୍ତାନୀ ସେନା ଥିବା ଜଣାପଡିଛି।



ପ୍ରଥମେ ଆତଙ୍କବାଦୀମାନେ ଯାତ୍ରୀବାହୀ ବସ୍ ଉପରେ ଆକ୍ରମଣ କରିଥିଲେ। ଆତଙ୍କବାଦୀମାନେ ଗୁଳି କରି ୨୩ଜଣଙ୍କୁ ହତ୍ୟା କରିଛନ୍ତି। ଅନ୍ୟଏକ ରିପୋର୍ଟରେ ସେଠାରେ ମୋଟ ୩୮ ଜଣଙ୍କର ମୃତ୍ୟୁ ଘଟିଛି। ଏହାର କିଛି ଘଣ୍ଟା ପରେ ସେହି ବଲୁଚିସ୍ତାନର କଲାତ ଜିଲ୍ଲାରେ ଆତଙ୍କବାଦୀଙ୍କ ବର୍ବରକାଣ୍ଡ ଦେଖିବାକୁ ମିଳିଛି। ସେମାନେ କରିଥିବା ଆକ୍ରମଣରେ ୧୩ ଜଣ ସେନା ଓ ପୋଲିସ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ପାଲଟା ଜବାବରେ ୨୧ ଜଣ ଆତଙ୍କବାଦୀ ମଧ୍ୟ ପ୍ରାଣ ହରାଇଛନ୍ତି। ସେହିପରି ଆତଙ୍କବାଦୀମାନେ ବୋଲାନରେ ଗୋଟିଏ ରେଳ ଧାରଣାକୁ ଉଡ଼ାଇ ଦେଇଛନ୍ତି। ସେଠାରେ ୧୦ ଜଣ ସାଧାରଣ ଜନତା ପ୍ରାଣ ହରାଇଛନ୍ତି।

ଏପରି ଘନଘନ ଆକ୍ରମଣକୁ ପାକିସ୍ତାନ ରାଷ୍ଟ୍ରପତି ଆସିଫ ଅଲି ଜର୍ଦାରୀ ଓ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ ନିନ୍ଦା କରିଛନ୍ତି।ଦେଶରେ କୌଣସି ପ୍ରକାରର ଆତଙ୍କବାଦକୁ ଗ୍ରହଣ କରାଯିବ ନାହିଁ ବୋଲି ଶରିଫ କହିଛନ୍ତି।।

ଏଏଫପି ରିପୋର୍ଟ ଅନୁଯାୟୀ, ବାଲୁଚିସ୍ତାନ ପ୍ରଦେଶର ମୁସାଖେଲ ଜିଲ୍ଲାରେ ଆତଙ୍କବାଦୀମାନେ ଅନେକ ବସ୍, ଟ୍ରକ୍ ଏବଂ ଭ୍ୟାନ୍ ଅଟକାଇଥିଲେ। ଆତଙ୍କବାଦୀମାନେ ପରିଚୟ ପଚାରି ସେମାନଙ୍କର ଜାତି ଚିହ୍ନଟ କରିବା ପରେ ଲୋକଙ୍କୁ ଗୁଳି କରିଥିଲେ। ଏହି ଘଟଣାରେ ୫ଜଣ ମଧ୍ୟ ଆହତ ହୋଇଛନ୍ତି।ମୁସାଖେଲର ଜଣେ ବରିଷ୍ଠ ଅଧିକାରୀ ନଜିବୁଲ୍ଲା କାକର କହିଛନ୍ତି ଆତଙ୍କବାଦୀମାନେ ପଞ୍ଜାବକୁ ବାଲୁଚିସ୍ତାନ ସହ ସଂଯୋଗ କରୁଥିବା ରାଜପଥରେ ଅନେକ ବସ୍, ଟ୍ରକ୍ ଏବଂ ଭ୍ୟାନ୍ ଅଟକାଇଥିଲେ। ପଞ୍ଜାବକୁ ଆସୁଥିବା ଏବଂ ପଞ୍ଜାବରୁ ଯାଉଥିବା ଯାନଗୁଡିକ ଯାଞ୍ଚ କରାଯାଇ ପଞ୍ଜାବରୁ ଆସିଥିବା ଲୋକଙ୍କୁ ଚିହ୍ନଟ କରାଯାଇ ଗୁଳି ଚଳାଇଥିଲେ। ପାକିସ୍ତାନୀ ଖବରକାଗଜ ଡନ୍ ରିପୋର୍ଟ ଅନୁଯାୟୀ ଆସିଷ୍ଟାଣ୍ଟ କମିଶନର ନଜୀବ କାକର କହିଛନ୍ତି ଯେ ସଶସ୍ତ୍ର ବ୍ୟକ୍ତିମାନେ ମୁସାଖେଲରେ ରାଜପଥ ଅବରୋଧ କରି ଯାତ୍ରୀମାନଙ୍କୁ ଗାଡ଼ିରୁ ଓହ୍ଲାଇ ଦେଇଥିଲେ। ସେମାନେ ମଧ୍ୟ ୩୫ଟି ଗାଡିରେ ନିଆଁ ଲଗାଇ ଦେଇଛନ୍ତି।ବୁଗତି ଏହି ଘଟଣା ପରେ ପ୍ରତିକ୍ରିୟା ଦେଇଛନ୍ତି। ଏହି ଆତଙ୍କବାଦୀ ଘଟଣାକୁ ସେ ଦୃଢ଼ନିନ୍ଦା କରିଛନ୍ତି। ଆତଙ୍କବାଦୀଙ୍କ ଅମାନୁଷିକ କାର୍ଯ୍ୟରେ ନିହତ ହୋଇଥିବା ପରିବାରବର୍ଗଙ୍କୁ ସେ ସମବେଦନା ଜଣାଇଛନ୍ତି।

## ଆଜି ଓଡ଼ିଶା ଆସିବେ ଇଡି ନିର୍ଦ୍ଦେଶକ

ଭୁବନେଶ୍ୱର,୨୬।୮(ମହାଭାରତ): ଓଡ଼ିଶା ଆସିବେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ନିର୍ଦ୍ଦେଶକ ରାହୁଲ ନବୀନ। ଆସନ୍ତାକାଲିଠୁ ୩ ଦିନିଆ ଗସ୍ତରେ ଆସିବେ ରାହୁଲ ନବୀନ। କାଲି ସନ୍ଧ୍ୟା ପ୍ରାୟ ୭ ଟା ୫୫ ମିନିଟ୍ରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବେ। ସେଠାରୁ ସିଧାସଳଖ ରାହୁଲ ନବୀନ ପୁରୀ ଗସ୍ତରେ ଯିବେ।

ସେଠାରେ ରାତ୍ରିଯାପନ କରିବା ସହ ବୁଧବାର ସକାଳେ ମହାପ୍ରଭୁଙ୍କୁ ଦର୍ଶନ କରିବେ। ପରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ନିର୍ଦ୍ଦେଶକ କଟକ ଆସି ଏକ କାର୍ଯ୍ୟକ୍ରମରେ ଯୋଗ ଦେବାର ରହିଛି। ପରେ ସେ ଭୁବନେଶ୍ୱରରେ ଥିବା ଇଡି ଅଫିସକୁ ଆସି ଏକାଧିକ ପୁରୁଣା ମାମଲାର ଫାଇଲ ଖୋଲିବା ସହ ନୂଆ ମାମଲା ରୁଜୁନେଇ ଆଲୋଚନା କରିପାରନ୍ତି ଇଡି ନିର୍ଦ୍ଦେଶକ।

# ଭଣ୍ଡାର ଘର ମାଟି ତଳ ଯାଞ୍ଚ କରାଯିବ : ଆଇନ ମନ୍ତ୍ରୀ

ଭୁବନେଶ୍ୱର,୨୬।୮(ମହାଭାରତ): ଭଣ୍ଡାରର ହେବ ଯାଞ୍ଚ, ଭଣ୍ଡାର ଘର ମାଟି ତଳେ କିଛି ପଦାର୍ଥ ଅଛିକି ନାହିଁ ତାର ଯାଞ୍ଚ କରାଯିବ। ଏଭଳି କହିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ।ସେ ଆହୁରି କହିଛନ୍ତି ଯେ ରତ୍ନ ଭଣ୍ଡାରର ସୁରକ୍ଷା ଆମର ପ୍ରାଥମିକତାୟ ଯାଞ୍ଚ ପରେ ରତ୍ନଭଣ୍ଡାର ମରାମତି ତାପରେ ହେବ ଗଣତି ମଣତି। ୧୯୭୮ ମସିହାରେ ପ୍ରସ୍ତୁତ ତାଲିକା ତଥ୍ୟ ସହ ମେଳକ ହେବ। ରତ୍ନଭଣ୍ଡାର ଭିତରେ ହେବ ଗଣତି ମଣତି କାମ।



ରତ୍ନ ଭଣ୍ଡାରର ବାକ୍ସଗୁଡ଼ିକ ସ୍ଥାନାନ୍ତରିକରଣ ସରିଛି ଏବେ ମରାମତି କାର୍ଯ୍ୟ ହେବ। ଏହାପରେ ସର୍ବେ ହେବ ମାଟି ତଳେ କିଛି ପଦାର୍ଥ ଅଛିକି ନାହିଁ ତାର ଯାଞ୍ଚ କରାଯିବ। ସମ୍ପୂର୍ଣ୍ଣ ମରାମତି ସରିଲେ ଗଣତି ମଣତି ଆରମ୍ଭ ହେବ। ଏହା ରତ୍ନ ଭଣ୍ଡାର ଭିତରେ ହିଁ ହେବ। ମୁଁ ଆଶା କରୁଛି ୧୯୭୮ରେ ଯାହା ଥିଲା ତାହା ଥିବ। ଏହି ଗଣତି ୧୯୭୮ ମସିହା ଲିଷ୍ଟ ଅନୁସାରେ ହେବ। ୧୯୭୮ରେ ଯେଉଁ ଡାଟା ବେଶ ହୋଇଥିଲା ସେହି ଅନୁସାରେ ମେଳ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

ସେହିପରି ଖୁବ ଶୀଘ୍ର ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟା ତଦନ୍ତ କମିଶନ ରିପୋର୍ଟ ସାର୍ବଜନୀନ କରାଯିବ। ଏ ନେଇ ନିଷ୍ପତ୍ତି ନେବେ ସରକାର। ମୁଖ୍ୟମନ୍ତ୍ରୀ ଏ ନେଇ ଆଲୋଚନା କରିଛନ୍ତି। ଆଗାମୀ ଦିନରେ ସରକାର କଣ କରିବେ ସେ ନେଇ ଶୀଘ୍ର ନିଷ୍ପତ୍ତି ହେବ। ଏଭଳି ସୂଚନା ଦେଇଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ସେ ଆହୁରି କହିଛନ୍ତି, ଯେଉଁ କଥା ଆମେ ବିଗତ ଦିନରେ କହିଥିଲୁ, ଏବେ ଶୀଘ୍ର ଆଲୋଚନା କରାଯାଇ କମିଶନ ରିପୋର୍ଟ ଓ ଅନ୍ୟାନ୍ୟ ଦିଗ ସମ୍ପର୍କରେ ନିଷ୍ପତ୍ତି ନିଆଯିବ।

# ‘ସୁଭଦ୍ରା’ର ବିସ୍ତୃତ ଗାଇଡଲାଇନ୍

ଭୁବନେଶ୍ୱର,୨୬।୮(ମହାଭାରତ): ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନା 'ସୁଭଦ୍ରା'ର ଗାଇଡଲାଇନ୍ ଆସିଯାଇଛି। ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ 'ସୁଭଦ୍ରା'ର ଗାଇଡ୍ଲାଇନ୍ ଜାରି କରାଯାଇଛି। ଏହି ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ୫୦ ହଜାର ଟଙ୍କା ମିଳିବ। ବାର୍ଷିକ ୧୦ ହଜାର ଟଙ୍କା ହାରରେ ୨୦୨୪-୨୫ରୁ ୨୦୨୮-୨୯ ମଧ୍ୟରେ ଅର୍ଥାତ ୫ ବର୍ଷ ମଧ୍ୟରେ ୫୦ ହଜାର ଟଙ୍କା ପ୍ରଦାନ କରାଯିବ।

ବାର୍ଷିକ ୧୦ ହଜାର ଟଙ୍କାରୁ ୫ ହଜାର ଟଙ୍କା ଲେଖାଏଁ ୨ଟି କିସ୍ତିରେ ଜମା କରାଯିବ। ପ୍ରତି ବର୍ଷ ପ୍ରଥମ କିସ୍ତି ରକ୍ଷା ବନ୍ଧନରେ ଓ ଦ୍ୱିତୀୟ କିସ୍ତି ଅନ୍ତର୍ଜାତୀୟ ମହିଳା ଦିବସ (ମାର୍ଚ୍ଚ୮)ରେ ପ୍ରଦାନ କରାଯିବ। ଏହି ଅର୍ଥକୁ ହିତାଧିକାରୀଙ୍କ ନାମରେ ଆଧାର-ସକ୍ଷମ ଓ ଡିବିଟି- ସକ୍ଷମ ଏକକ-ଧାରକ ବ୍ୟାଙ୍କ ଆକାଉଣ୍ଟରେ ଆଧାର ପେମେଣ୍ଟ ବ୍ରିଜ୍ ସିଷ୍ଟମ (ଏପିବିଏସ୍) ବ୍ୟବହାର କରି ଡାଇରେକ୍ଟ ବେନିଫିଟ ଟ୍ରାନ୍ସଫର (ଡିବିଟି) ମାଧ୍ୟମରେ ଜମା କରାଯିବ। ଡିଜିଟାଲ କାରବାରକୁ ଉତ୍ସାହିତ କରିବାପାଇଁ ସରକାର ଏକ ବ୍ୟାପକ ପୁରସ୍କାର ଓ ସ୍ୱୀକୃତି କାର୍ଯ୍ୟକ୍ରମ ଆରମ୍ଭ କରିବେ। ଏହା ଅଧୀନରେ ସମସ୍ତ ଗ୍ରାମ ପଞ୍ଚାୟତ/ପୌରାଞ୍ଚଳ ସଂସ୍ଥାରୁ ୧୦୦ ଜଣ ମହିଳା, ଯେଉଁମାନେ ନିର୍ଦ୍ଦିଷ୍ଟ ଆର୍ଥିକ ବର୍ଷରେ ସର୍ବାଧିକ ସଂଖ୍ୟକ ଡିଜିଟାଲ କାରବାର କରିଥିବେ, ସେମାନେ ୫୦୦ ଟଙ୍କାର ଅତିରିକ୍ତ ଲାଭ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟ ଜରିଆରେ ପାଇବେ। ଏଥିପାଇଁ ବିସ୍ତୃତ ଏସ୍ଓପି ପ୍ରସ୍ତୁତ କରାଯାଇ ସୂଚିତ କରାଯିବ।

ଏହି ଯୋଜନା ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାରେ କାର୍ଯ୍ୟକାରୀ ହେବ। ଯୋଗ୍ୟତା ମାନଦଣ୍ଡ ପୂରଣ କରୁଥିବା ସମସ୍ତ ମହିଳା ଏହି ଯୋଜନା ଅଧୀନରେ ଅନ୍ତର୍ଭୁକ୍ତ ହେବେ।

ଯୋଗ୍ୟତା ମାନଦଣ୍ଡ- ଆବେଦନକାରୀ ଓଡ଼ିଶାର ବାସିନ୍ଦା ହୋଇଥିବା ଆବଶ୍ୟକ। ଆବେଦନକାରୀଙ୍କ ବୟସ ୨୧ ବର୍ଷ କିମ୍ବା ତା'ଠାରୁ ଅଧିକ ଏବଂ ୬୦ ବର୍ଷରୁ କମ୍ ହୋଇଥିବା ଆବଶ୍ୟକ। ଆଧାର କାର୍ଡରେ ଥିବା ଜନ୍ମ ତାରିଖକୁ ହିତାଧିକାରୀଙ୍କ ବୟସ ଗଣନା ପାଇଁ ଅନ୍ତିମ ତାରିଖ ଭାବେ ଗ୍ରହଣ କରାଯିବ। ଆର୍ଥିକ ବର୍ଷ ୨୦୨୪-୨୫ ପାଇଁ, ତା ୦୧.୦୭.୨୦୦୪ ତାରିଖ ସୁଦ୍ଧା ମହିଳାଙ୍କ ବୟସ ୨୧ ବର୍ଷ କିମ୍ବା ତା'ଠାରୁ ଅଧିକ ଏବଂ ୬୦ ବର୍ଷରୁ କମ୍ ହେବା ଆବଶ୍ୟକ। ତେଣୁ ଆବେଦନକାରୀଙ୍କ ଜନ୍ମ ତାରିଖ ୦୨.୦୭.୧୯୬୪ ପୂର୍ବରୁ କିମ୍ବା ୦୧.୦୭.୨୦୦୩ ପରେ ହେବା ଉଚିତ ନୁହେଁ। ପରବର୍ତ୍ତୀ ବର୍ଷଗୁଡ଼ିକ ପାଇଁ ଯୋଗ୍ୟତା ତାରିଖ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ହେବ।



ଅଯୋଗ୍ୟ ମାନଦଣ୍ଡ -ଯେଉଁ ମହିଳାମାନେ ନିମ୍ନଲିଖିତ ମାନଦଣ୍ଡ ମଧ୍ୟରୁ କୌଣସିଟି ପୂରଣ କରୁଥିବେ, ସେମାନେ ଏହି ଯୋଜନା ଅଧୀନରେ ଲାଭ ପାଇବାକୁ ଅଯୋଗ୍ୟ ହେବେ। ୧ ଜୁଲାଇ ୨୦୨୪ ସୁଦ୍ଧା ୨୧ ବର୍ଷରୁ କମ୍ ଏବଂ ୬୦ ବର୍ଷରୁ ଅଧିକ କୌଣସି ମହିଳା ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଯୋଗ୍ୟ ହେବେ ନାହିଁ। ଯେକୌଣସି ମହିଳା ମାସକୁ ୧୫୦୦ ଟଙ୍କା କିମ୍ବା ତା'ଠାରୁ ଅଧିକ କିମ୍ବା ବାର୍ଷିକ ୧୮ ହଜାର ଟଙ୍କା ବା ତା'ଠାରୁ ଅଧିକ କୌଣସି ରାଜ୍ୟ କିମ୍ବା କେନ୍ଦ୍ର ସରକାରୀ ଯୋଜନା, ଯଥା- ପେନସନ, ଛାତ୍ରବୃତ୍ତି ଇତ୍ୟାଦି ସହାୟତା ଗ୍ରହଣ କରୁଛନ୍ତି, ସେମାନେ ଯୋଗ୍ୟ ବିବେଚିତ ହେବେ ନାହିଁ। ଜଣେ ମହିଳା ନିଜେ କିମ୍ବା ନିଜର ପରିବାରର ସଦସ୍ୟ ଯଦି- ବର୍ତ୍ତମାନର କିମ୍ବା ପୂର୍ବତନ ସାଂସଦ କିମ୍ବା ବିଧାନସଭା ସଦସ୍ୟ ହୋଇଥିବେ, ତା'ହେଲେ ସେ ଏହି ଯୋଜନାର ସୁବିଧା ପାଇବେ ନାହିଁ। ଆୟକର ଦେୟ ହିତାଧିକାରୀ ହୋଇଥିଲେ 'ସୁଭଦ୍ରା' ଟଙ୍କା ପାଇବେ ନାହିଁ। ଯେ କୌଣସି ସହରାଞ୍ଚଳ ସ୍ୱାୟତ୍ତ ଶାସନ ସଂସ୍ଥା କିମ୍ବା ପଞ୍ଚାୟତି ରାଜ ଅନୁଷ୍ଠାନରେ ନିର୍ବାଚିତ ଜନ ପ୍ରତିନିଧି ହୋଇଥିବେ (କେବଳ ୱାର୍ଡ ମେମ୍ବର,ସ୍ଥାନୀୟ ପରିଷଦ ସଦସ୍ୟ ବ୍ୟତୀତ) ଏହାର ଲାଭ ପାଇବେ ନାହିଁ। ସେହିପରି ଜଣେ ମହିଳା ନିଜେ କିମ୍ବା ନିଜର ପରିବାରର ସଦସ୍ୟ ଯଦି- ଭାରତ ସରକାର କିମ୍ବା ରାଜ୍ୟ ସରକାରଙ୍କ ଅଧୀନରେ ଥିବା ଯେକୌଣସି ଅଣ୍ଡରଟେକିଂ/ବୋର୍ଡ/ସ୍ଥାନୀୟ ସଂସ୍ଥା/ସଂଗଠନ/ନିୟମିତ/ସ୍ଥାୟୀ/ଚୁକ୍ତିଭିତ୍ତିକ କର୍ମଚାରୀ ଭାବରେ ନିଯୁକ୍ତ କିମ୍ବା ଅବସର ପରେ ପେନସନ ଗ୍ରହଣ କରୁଥିବେ, ତା'ହେଲେ ଏହି ଯୋଜନାର ଫାଇଦା ଉଠାଇ ପାରିବେ ନାହିଁ। ଯେ କୌଣସି ସରକାରୀ ବିଭାଗ/ଅଣ୍ଡରଟେକିଂ/ବୋର୍ଡ/ଭାରତ ସରକାର କିମ୍ବା ରାଜ୍ୟ ସରକାରଙ୍କର ମନୋନୀତ ପ୍ରତିନିଧି ହୋଇଥିବେ, ତା'ହେଲେ ପାଇବେ ନାହିଁ। ଆବେଦନକାରୀଙ୍କ ପରିବାରରେ ଜଳସେଚିତ ଜମିର ପରିମାଣ ୫ ଏକରରୁ ଅଧିକ ଓ ଅଣଜଳସେଚିତ ଜମିର ପରିମାଣ ୫ ଏକରରୁ ଅଧିକ ଓ ଅଣ ଜଳସେଚିତ ଜମିର ପରିମାଣ ୧୦ ଏକରରୁ ଅଧିକ ହୋଇଥିଲେ ମଧ୍ୟ ସେ ଏହି ଯୋଜନାର ଫାଇଦା ଉଠାଇ ପାରିବେ ନାହିଁ। ମିନି ଟ୍ରକ, ଟ୍ରାକ୍ଟର, ଛୋଟ ବାଣିଜ୍ୟିକ ଯାନ ଓ ଅନ୍ୟ ସମାନ ହାଲୁକା ସାମଗ୍ରୀ ଯାନ ବ୍ୟତୀତ ୪ ଚକିଆ ମୋଟର ଯାନର ମାଲିକ ହୋଇଥିଲେ ସୁଭଦ୍ରା ଯୋଜନାର ଲାଭ ଉଠାଇ ପାରିବେ ନାହିଁ। ଯେଉଁ ମହିଳାଙ୍କ ପରିବାରର ଆୟ ଅଢ଼େଇ ଲକ୍ଷ ଟଙ୍କାରୁ ଅଧିକ ଓ ସେମାନେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ/ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା (ଏନ୍ଏଫଏସ୍ଏ/ଏସ୍ଏଫଏସଏସ)ରେ ସାମିଲ ନଥିବେ, ସେମାନଙ୍କୁ ସୁଭଦ୍ରା ଯୋଜନାରୁ ଲାଭ ମିଳିବନାହିଁ।

## ବିଜେପିର ଜମ୍ମୁ-କଶ୍ମୀର ପ୍ରାର୍ଥୀ ଟ୍ୱିଷ୍ଟ

# ପ୍ରତ୍ୟାହାର ପରେ ଆସିଲା ନୂଆ ଲିଷ୍ଟ

ନୂଆଦିଲ୍ଲୀ,୨୬।୮(ମହାଭାରତ): ଜମ୍ମୁ-କଶ୍ମୀର ନିର୍ବାଚନକୁ ନେଇ ଦ୍ୱନ୍ଦ୍ୱରେ ବିଜେପି। କାହାକୁ ଟିକେଟ୍ ଦେବ କାହାକୁ ଦେବନି, ତାକୁ ନେଇ ଦଳ ଭିତରେ ଚାଲିଛି କସରତ। ଏହାରି ଭିତରେ ପ୍ରଥମେ ପ୍ରାର୍ଥୀ ତାଲିକା ପ୍ରକାଶ କରି ପ୍ରତ୍ୟାହାର କରିନେବା ପରେ ପୁଣି ଥରେ ନୂଆ ତାଲିକା ପ୍ରକାଶ କରିଛି ଦଳ। ନୂଆ ତାଲିକାରେ କାଣ୍ଟଛାଣ୍ଟ କରି କେବଳ ୧୫ ଜଣଙ୍କୁ ଟିକେଟ୍ ଦେଇଛି ବିଜେପି।

ପୂର୍ବରୁ ୪୪ ଜଣିଆ ପ୍ରାର୍ଥୀଙ୍କ ତାଲିକା ପ୍ରକାଶ କରିଥିଲା ଦଳ। ତିନୋଟି ପର୍ଯ୍ୟାୟ ପାଇଁ ଦଳ ୧୦, ୧୫ ଓ ୧୯ କ୍ରମରେ ପ୍ରାର୍ଥୀ ଦେଇଥିଲା। ହେଲେ ଏହାର କିଛି ସମୟ ପରେ ଏହାକୁ ପ୍ରତ୍ୟାହାର କରିନେଇଥିଲା। ନୂଆ ତାଲିକାରେ କେବଳ ୧୫ ଜଣଙ୍କ ନାଁ ଅଛି। ଫଳରେ ଆଶାୟୀ ପ୍ରାର୍ଥୀଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ବଢ଼ାଇଛି ଦଳ। ତେବେ ଏହା ପଛର କ'ଣ କାରଣ ଦଳ ସ୍ପଷ୍ଟ କରି ନାହିଁ।



ସେପ୍ଟେମ୍ବର ୧୮ରେ ଜମ୍ମୁ-କଶ୍ମୀରରେ ପ୍ରଥମ ପର୍ଯ୍ୟାୟ ଭୋଟ୍ ଗ୍ରହଣ ହେବ। ଏହି ପର୍ଯ୍ୟାୟ ପାଇଁ ୧୫ ଜଣିଆ ପ୍ରାର୍ଥୀଙ୍କ ନାଁ ଘୋଷଣା କରିଛି ଦଳ। ବାକି ଦୁଇଟି ପର୍ଯ୍ୟାୟ ଭୋଟ୍ ପାଇଁ ଦଳ ପରବର୍ତ୍ତୀ ସମୟରେ ପ୍ରାର୍ଥୀ ତାଲିକା ପ୍ରକାଶ କରିବ ବୋଲି ଜଣାପଡ଼ିଛି। ଧାରା ୩୭୦ ଉଚ୍ଛେଦ ପରେ ପ୍ରଥମ ଥର ପାଇଁ ଜମ୍ମୁ-କଶ୍ମୀରରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ମୋଟ ୯୦ଟି ଆସନରେ ଭୋଟିଂ ହେବ। ସେପ୍ଟେମ୍ବର ୧୮ରେ ପ୍ରଥମ ପର୍ଯ୍ୟାୟ ଭୋଟ ଗ୍ରହଣ ହେବାକୁ ଥିବା ବେଳେ, ୨୫ରେ ଦ୍ୱିତୀୟ ଓ ଅକ୍ଟୋବର ୧ ତାରିଖରେ ତୃତୀୟ ପର୍ଯ୍ୟାୟ ଭୋଟ୍ ଗ୍ରହଣ ହେବ।

## ମାଡ଼ିଗଲା ଟ୍ରେନ୍; ୨୧ ପଶୁ ମୃତ

ଜୟପୁର,୨୬।୮(ମହାଭାରତ): ଗୋରୁ ଓ ଛେଳି ପଲ ଉପରେ ମାଡ଼ିଗଲା ମାଲବାହୀ ଟ୍ରେନ। ଟ୍ରେନ୍ ଧକ୍କାରେ ୧୫ ଛେଳିଙ୍କର ମୃତ୍ୟୁ ଘଟିଥିବା ବେଳେ ୬ ଗୋରୁଙ୍କ ମୃତ୍ୟୁ ଘଟିଛି। ଏହି ଦୁର୍ଘଟଣା ଘଟିଛି କୋରାପୁଟ ଜିଲ୍ଲା ଭେଜା ଷ୍ଟେସନ ନିକଟରେ। ଆଜି ସକାଳେ ଭେଜା ଷ୍ଟେସନ ନିକଟରେ ଛେଳି ଓ ଗୋରୁ ପଲ ରେଳ ଧାରଣା ପାର ହେଉଥିଲେ। ଏହି ସମୟରେ ମାଲବାହୀ ଟ୍ରେନ ଆସିଯାଇଥିଲା। ଟ୍ରେନଟି ଗାଈ ଓ ଛେଳିଙ୍କ ଉପରେ ମାଡ଼ି ଯାଇଥିଲା। ଟ୍ରେନ ଧକ୍କାରେ ୧୫ ଛେଳିଙ୍କର ମୃତ୍ୟୁ ଘଟିଥିବା ବେଳେ ୬ ଜଣ ଗୋରୁଙ୍କର ମୃତ୍ୟୁ ଘଟିଛି।

# ରୁଷିଆ-ୟୁକ୍ରେନ ପୁଣି ମୁହାଁମୁହିଁ

କିଭ୍/ମସ୍କୋ,୨୬।୮(ମହାଭାରତ): ରୁଷିଆ-ୟୁକ୍ରେନ ଯୁଦ୍ଧ ଅଧିକ ଭୟଙ୍କର ହେବାରେ ଲାଗିଛି। ପୂର୍ବରୁ, ୟୁକ୍ରେନ ଯୁଦ୍ଧରେ ରୁଷିଆଠାରୁ ପଛରେ ଥିଲା। କିନ୍ତୁ ବର୍ତ୍ତମାନ ୟୁକ୍ରେନ ଆଗରେ ଚାଲୁଛି। ୟୁକ୍ରେନ ପ୍ରଥମେ ରୁଷିଆର ଜମି ଦଖଲ କରି ରୁଷିଆରେ ପ୍ରବେଶ କରିଥିଲା। ବର୍ତ୍ତମାନ ରାଷ୍ଟ୍ରପତି ଭୋଲଡିମେୟର ଜେଲେନସ୍କିଙ୍କ ୟୁକ୍ରେନ ସେନା ରାଷ୍ଟ୍ରପତି ଭ୍ଲାଡିମିର ପୁଟିନଙ୍କୁ ଗଭୀର ଆଘାତ ଦେଇଛି।

ୟୁକ୍ରେନ୍ ଉପରେ ରଷିଆ ଜୋରଦାର ଆକ୍ରମଣ କରିଛି। ରୁଷର ଏକ ଆପାର୍ଟମେଣ୍ଟ ଉପରେ ୟୁକ୍ରେନର ଡ୍ରୋନ ଆକ୍ରମଣର ଜବାବରେ ରୁଷ ଏହି ଆକ୍ରମଣ କରିଥିବା କୁହାଯାଉଛି।ଏହି ଆକ୍ରମଣରେ ରୁଷ ୧୦୦ରୁ ଅଧିକ କ୍ଷେପଣାସ୍ତ୍ର ଓ ପ୍ରାୟ ୧୦୦ 'ସାହିଦ୍' ଡ୍ରୋନ୍ ବ୍ୟବହାର କରାଯାଇଥିବା କୁହାଯାଉଛି।

ୟୁକ୍ରେନ ରୁଷିଆରେ ଉପରେ ଏକ ବଡ଼ ଆକ୍ରମଣ କରିଛି। ୟୁକ୍ରେନ ସେନା ରୁଷିଆର



ସାରାତୋଭ ସହରର ସବୁଠାରୁ ବଡ଼ କୋଠା ଉପରେ ଡ୍ରୋନ୍ ସାହାଯ୍ୟରେ ଆକ୍ରମଣ କରିଛି। ଏହି ଆକ୍ରମଣ ପରେ ରୁଷିଆର ଏହି କୋଠା ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଛି।ବାସ୍ତବରେ, ରୁଷିଆ ଉପରେ ୟୁକ୍ରେନ ସେନାର ଏହି ଆକ୍ରମଣ ୯/୧୧ ଆକ୍ରମଣ ପରିହୋଇଛି। ୟୁକ୍ରେନ ଡ୍ରୋନ୍ ସାହାଯ୍ୟରେ ସାରାତୋଭରେ ଥିବା ଏକ ଆବାସିକ ଅଞ୍ଚଳରେ ଥିବା ୩୮ ମହଲା କୋଠା ଉପରେ ଆକ୍ରମଣ କରିଛି। କୁହାଯାଉଛି ଯେ ୟୁକ୍ରେନର ଟାର୍ଗେଟ ହେଉଛି ରୁଷିଆର ଏଙ୍ଗେଲସ୍ ଏୟାରବେସ୍।ଙମାତ୍ର ୧୨ କିଲୋମିଟର ପୂର୍ବରୁ ୟୁକ୍ରେନର ଡ୍ରୋନ୍ ସାରତୋଭରେ ଥିବା ଏକ କୋଠା ସହିତ ଧକ୍କା ହୋଇଥିଲା। ଏହା ପରେ ଏକ ବଡ଼ ଧରଣର ବିସ୍ଫୋରଣ ହୋଇଥିଲା ଏବଂ କୋଠାଟି ସମ୍ପୂର୍ଣ୍ଣ ଧ୍ୱଂସ ହୋଇଥିଲା। କୋଠା ଚାରିପଟେ ବହଳ ଧୂଆଁ ଘେରି ଯାଇଥିଲା। ଏହି ଆକ୍ରମଣରେ ରୁଷିଆର କେତେ କ୍ଷତି ହୋଇଛି ତାହା ଏପର୍ଯ୍ୟନ୍ତ ଜଣା ପଡିନାହିଁ।

# ଲଦାଖରେ ୫ ନୂଆ ଜିଲ୍ଲା ଗଠନ କଲେ କେନ୍ଦ୍ର ସରକାର

ନୂଆଦିଲ୍ଲୀ,୨୬।୮(ମହାଭାରତ): କେନ୍ଦ୍ର ସରକାର ୩୧ ଅକ୍ଟୋବର ୨୦୧୯ରେ ଜମ୍ମୁ-କଶ୍ମୀର ରାଜ୍ୟର ଏକ ଅଂଶ ଲଦାଖକୁ ଏକ ଅଲଗା କେନ୍ଦ୍ର ଶାସିତ ଅଞ୍ଚଳ ଭାବେ ମାନ୍ୟତା ଦେଇଥିଲେ। ସେବେଠାରୁ ଲଦାଖକୁ ପୂର୍ଣ୍ଣ ରାଜ୍ୟ ମାନ୍ୟତା ଦେବା ପାଇଁ ଲଗାତାର ଦାବି ହୋଇଆସୁଛି। ଏବେ ଲଦାଖରେ ୫ଟି ନୂଆ ଜିଲ୍ଲା ଗଠନ କରିବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି । ଏହି ୫ଟି ନୂଆ ଜିଲ୍ଲା ଗଠନ ସହିତ ଲଦାଖକୁ ପୂର୍ଣ୍ଣ ରାଜ୍ୟ ମାନ୍ୟତା ପାଇବା ଦିଗରେ ଏକ ପଦକ୍ଷେପ ଭାବେ ବିବେଚନା କରାଯାଉଛି।ଲଦାଖରେ ୫ଟି ନୂଆ ଜିଲ୍ଲା ଗଠନ କରିବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି । ଏହି ୫ଟି ନୂଆ ଜିଲ୍ଲା ଗଠନ ସହିତ ଲଦାଖକୁ ପୂର୍ଣ୍ଣ ରାଜ୍ୟ ମାନ୍ୟତା ପାଇବା ଦିଗରେ ଏକ ପଦକ୍ଷେପ ଭାବେ ବିବେଚନା କରାଯାଉଛି। ନୂଆ ଜିଲ୍ଲା ଗଠନ ନେଇ ନିଜେ ଗୃହମନ୍ତ୍ରୀ ଅମିତ ଶାହା ସୋସିଆଲ ମିଡିଆ। ସାଇଟ୍ ଏକ୍ସରେ ଏକ ପୋଷ୍ଟ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ବିକଶିତ ଓ ସମୃଦ୍ଧ ଲଦାଖକୁ ଦୃଷ୍ଟିରେ ରଖି କେନ୍ଦ୍ରଶାସିତ ଅଞ୍ଚଳରେ ୫ଟି ନୂଆ। ଜିଲ୍ଲା ଗଠନ କରିବାକୁ ଗୃହ ମନ୍ତ୍ରଣାଳୟ ନିଷ୍ପତ୍ତି ନେଇଛି। ଏହି ପାଞ୍ଚଟି ଜିଲ୍ଲାଜାନସ୍କର, ଦ୍ରାସ, ଶାମ, ନୁବ୍ରା ଏବଂ ଚାଙ୍ଗଥାଙ୍ଗ ନାମରେ ଗଠନ କରାଯାଇଛି। ଏହା ପ୍ରଶାସନକୁ ସୁଦୃଢ଼ କରିବା ସହ ସରକାରୀ ସୁବିଧା କୁ ଲୋକଙ୍କ ଦ୍ୱାରଦ୍ୱାରରେ ପହଞ୍ଚାଇବାରେ ସହାୟକ ହେବ।

# ଅପରାଧ ଦିନର ଟିକନିଖ୍ ସତ ବଖାଣିଲା ସଞ୍ଜୟ

କୋଲକାତା,୨୬।୮(ମହାଭାରତ): କୋଲକାତା ଆରଜି କର ମେଡିକାଲ କଲେଜ ଓ ହସ୍ପିଟାଲରେ ଟ୍ରେନି ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟା ମାମଲାର ଖୋଳତାଡ଼ କରୁଛି ସିବିଆଇ। ଆଜି ପଲିଗ୍ରାଫ୍ ଟେଷ୍ଟ ସମୟରେ ଅପରାଧ ଦିନ କ'ଣ କ'ଣ କରିଥିଲା, ସେସବୁ ସ୍ୱୀକାର କରିଛି ଅଭିଯୁକ୍ତ ସଞ୍ଜୟ।



ସିବିଆଇ ସୂତ୍ରରୁ ପ୍ରକାଶ ଯେ, ପଚରାଉଚରା ବେଳେ ସଞ୍ଜୟ ରୟ ଅପରାଧ ଘଟାଇଥିବା ରାତିରେ କ'ଣ କ'ଣ କରିଥିଲା, ସେସବୁ ବିସ୍ତୃତ ଭାବେ କହିଛି। ସହରର ଦୁଇଟି ରେଡ୍ ଲାଇଟ୍ ଅଞ୍ଚଳକୁ ଯାଇଥିବା ମାନିଛି ସଞ୍ଜୟ। କିନ୍ତୁ ସେଠାରେ ସେକ୍ସ କରି ନଥିବା ସିବିଆଇକୁ ସେ କହିଛି। ସଞ୍ଜୟ ରୟ ଆହୁରି ସ୍ୱୀକାର କରିଛି ଯେ, ଘଟଣା ଘଟିଥିବା ରାତିରେ ଅନ୍ୟ ଜଣେ ମହିଳାଙ୍କ ସହ ଅସଦାଚରଣ କରିଥିଲା ଏବଂ ପ୍ରେମିକାଙ୍କୁ ଭିଡିଓ କଲ୍ କରି ଅଶ୍ଳୀଳ ଫଟୋ ମାଗିଥିଲା।

ଯେଉଁ ବନ୍ଧୁଙ୍କ ବାଇକରେ ରେଡ୍ ଲାଇଟ୍ ଏରିଆ ଯାଇଥିଲା, ତାଙ୍କ ସହ ଆରଜି କର ହସ୍ପିଟାଲକୁ ଆସିଥିଲା। ସେଠାରେ ଆଡମିଟ୍ ହୋଇଥିବା ଅନ୍ୟ ଜଣେ ବନ୍ଧୁଙ୍କ ଭାଇ ସହ ଭେଟିବାକୁ ଯିବାକୁ କହି ହସ୍ପିଟାଲ ଯାଇଥିଲା ସଞ୍ଜୟ। ରାତି ୧୧ଟା୧୫ରେ ଉଭୟ ହସ୍ପିଟାଲରୁ ବାହାରି ଯାଇଥିଲେ ଏବଂ ବାହାରେ ମଦ୍ୟପାନ କରିଥିଲେ।

ଏହାପରେ ଉତ୍ତର କୋଲକତାରେ ଥିବା ରେଡ୍ ଲାଇଟ୍ ଅଞ୍ଚଳ ସୋନାଗାଛି ଯାଇଥିଲେ ସଞ୍ଜୟ ଓ ତା' ବନ୍ଧୁ। ସେଠାରେ ଅସଫଳ ହେବାରୁ ଦକ୍ଷିଣ କୋଲକାତାର ଆଉ ଏକ ରେଡ୍ ଲାଇଟ୍ ଅଞ୍ଚଳ ଚେତଲା ଯିବାକୁ ସ୍ଥିର କରିଥିଲେ ସେମାନେ। ଚେତଲା ଯିବା ବାଟରେ ସେମାନେ ଅନ୍ୟ ଜଣେ ମହିଳାଙ୍କୁ ଅସଦାଚରଣ କରିଥିଲେ। ଚେତଲାରେ ସଞ୍ଜୟର ବନ୍ଧୁ ଜଣେ ମହିଳାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଏହି ସମୟରେ ବାହାରେ ଛିଡ଼ା ହୋଇ ସଞ୍ଜୟ ତା' ପ୍ରେମିକାଙ୍କୁ ଭିଡିଓ କଲ କରି କଥା ହୋଇଥିଲା।ସଞ୍ଜୟ କହିଛି ଯେ, ଭିଡିଓ କଲ୍ ସମୟରେ ସେ ତା' ପ୍ରେମିକାଙ୍କୁ ଅଶ୍ଳୀଳ ଫଟୋ ମାଗିଥିଲା। ତାଙ୍କ ପ୍ରେମିକା ତାଙ୍କୁ ଅଶ୍ଳୀଳ ଫଟୋ ପଠାଇଥିଲେ।ଏହାପରେ ଚେତଲାରୁ ଆରଜିକର ହସ୍ପିଟାଲ ଯାଇଥିଲା ସଞ୍ଜୟ।ସିସିଟିଭି ଫୁଟେଜ ଅନୁସାରେ, ଭୋର ୪ଟା ୩ମିନିଟ୍ ସମୟରେ ସେମିନାର ହଲର କରିଡରରେ ବୁଲୁଥିଲା। ଏହି ସମୟରେ ହିଁ ସେମିନାର ହଲରେ ରେଷ୍ଟ ନେଉଥିବା ଟ୍ରେନି ଡାକ୍ତରଙ୍କୁ ଦୁଷ୍କର୍ମ କରି ହତ୍ୟା କରିଥିଲା ସଞ୍ଜୟ। ହସ୍ପିଟାଲରେ ନାରକୀୟ କାଣ୍ଡ ଘଟାଇବା ପରେ କୋଲକାତାର ଜଣେ ପୁଲିସ ବନ୍ଧୁ ଅନୁପମ ଦତ୍ତଙ୍କ ଘରକୁ ଯାଇଥିଲା ସଞ୍ଜୟ। ସଞ୍ଜୟ ମଧ୍ୟ ଜେରା ବେଳେ କାନ୍ଦି କାନ୍ଦି ନିଜ ଅପରାଧକୁ ସ୍ୱୀକାର କରିଥିଲା। ଏଥିସହ ଫାଶୀ ଖୁଣ୍ଟରେ ଝୁଲାଇ ଦେବାକୁ କହିଥିଲା।

# ଭୁବନେଶ୍ୱର ବିମାନବନ୍ଦର ନିକଟରୁ ବ୍ୟାପକ ସୁନା-ରୁପା ଜବତ

ଭୁବନେଶ୍ୱ,୨୬।୮(ମହାଭାରତ):: ବିମାନବନ୍ଦର ନିକଟରୁ ବ୍ୟାପକ ସୁନା ଜବତ ହୋଇଛି। ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ବାହାରପାର୍ଶ୍ୱରୁ ବ୍ୟାପକ ସୁନା ଓ ରୁପା ଜବତ ହୋଇଛି। ୨ଟି କଣ୍ଟେନରରୁ ୮୦ କିଲୋ ସୁନା ଓ ୧ କ୍ୱିଣ୍ଟାଲ ରୁପା ଜବତ କରି ସିଟି-ଜିଏସଟିର ଟିମ୍ ତାଜୁବ ହୋଇଯାଇଛନ୍ତି। ଏହାର କାରଣ ହେଲା ସିଟି-ଜିଏସଟି ଟିମ୍ ଚଢ଼ାଉ ସମୟରେ ଏକକାଳୀନ ଏତେ ପରିମାଣରେ ସୁନା ଓ ରୁପା ମିଳି ନଥିଲା। ଜବତ ସୁନା ଓ ରୁପାର ମୂଲ୍ୟ ୩୦ କୋଟି ହେବ ବୋଲି ଆକଳନ କରାଯାଉଛି। ସିଟି-ଜିଏସଟି ଟିମ୍ ସୁନା, ରୁପା, କଣ୍ଟେନର ଆଦି ସାମଗ୍ରୀ ଜବତ କରିବା ସହିତ ଏହି ବ୍ୟବସାୟରେ ସଂପୃକ୍ତ ୪ ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଛି।



## ୨ଟି କଣ୍ଟେନରରୁ ୮୦ କିଲୋ ସୁନା ଓ ୧ କ୍ୱିଣ୍ଟାଲ ରୁପା ଜବତ, ୪ ଅଟକ

ସୂଚନା ଅନୁସାରେ ଆଜି ଅପରାହ୍ଣରେ ମୁମ୍ବାଇରୁ ଭୁବନେଶ୍ୱର ଆସିଥିବା ଏକ ବିମାନରେ ଏହି ସୁନା ଓ ରୁପା ଆସିଥିଲା। ବିମାନବନ୍ଦରରୁ ସୁନା-ରୁପା ବାହାରକୁ ଆସି ଯାଇଥିଲା। ଏହା ସୋ'ରୁମକୁ ପହଞ୍ଚିବା ପୂର୍ବରୁ ସିଟି-ଜିଏସ୍ଟିର ଟିମ୍ ହାତରେ ଲାଗିଯାଇଥିଲା। ସୋ'ରୁମରେ ସୁନା ଓ ରୁପା ପହଞ୍ଚିବା ପୂର୍ବରୁ ସିଟି-ଜିଏସଟି ଟିମକୁ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳି ଯାଇଥିଲା ଯେ, ମୁମ୍ବାଇରୁ ଭୁବନେଶ୍ୱରକୁ ବଡ଼ଧରଣର ସୁନା-ରୁପା ଚାଲାଣ ହେଉଛି। ଏହି ଆଧାରରେ ଚଢ଼ାଉ କରିଥିଲା।

ଏତେ ପରିମାଣରେ ସୁନା ଓ ରୁପା ମିଳି ନଥିଲାୟ ଜବତ ସୁନା ଓ ରୁପାର ମୂଲ୍ୟ ୩୦ କୋଟି ହେବ ବୋଲି ଆକଳନ କରାଯାଉଛି। ସିଟି-ଜିଏସଟି ଟିମ୍ ସୁନା, ରୁପା, କଣ୍ଟେନର ଆଦି ସାମଗ୍ରୀ ଜବତ କରିବା ସହିତ ଏହି ବ୍ୟବସାୟରେ ସଂପୃକ୍ତ ୪ ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଛି।

ସିଟି-ଜିଏସଟି ଟିମ୍ ଭୁବନେଶ୍ୱର-ମୁମ୍ବାଇ ବିମାନଟି ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରର ପହଞ୍ଚିବା ପୂର୍ବରୁ ପ୍ରସ୍ତୁତ ହୋଇଥିଲେ। ସେମାନେ ବିମାନବନ୍ଦର ନିକଟ ସାମ୍ନାରେ ଉପସ୍ଥିତ ଥିଲେ। ଏତିକି ବେଳେ ବିମାନବନ୍ଦର ବାହାରୁ ୨ଟି କଣ୍ଟେନରରେ ଭର୍ତ୍ତି ସୁନା ଓ ରୁପା ବାହାରିଥିଲାୟ ପୂର୍ବରୁ ପ୍ରସ୍ତୁତ ଥିବା ଟିମ୍ ଅତର୍କିତ ଭାବେ ମାଡ଼ି ବସିଥିଲେ। ଚଢ଼ାଉ ସମୟରେ ଟିମ୍ ୨ଟି ଲଜିଷ୍ଟିକ ଗାଡ଼ି (ଓଡି ୦୨ ବିଟି ୩୨୩୧ ଏବଂ ଓଡି ୦୨ବିୟୁ ୫୯୦୪)କୁ ଯାଞ୍ଚ କରିଥିଲା। ଏହି ଗାଡ଼ିକୁ ୪ ଜଣଙ୍କ ମାଧ୍ୟମରେ ନିଆଯାଉଥିଲା। ଚଢ଼ାଉକାରୀ ଟିମ୍ ସଂପୃକ୍ତ ୪ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛନ୍ତି। ଅଟକ ଥିବା ୪ ଜଣ ବ୍ୟକ୍ତି ସନ୍ତୋଷଜନକ ଉତ୍ତର ଦେଇପାରୁ ନାହାନ୍ତି। ଏହି ସୁନା-ରୁପା ଭୁବନେଶ୍ୱରର ବଛାବଛା ଗହଣା ସୋ'ରୁମକୁ ଯାଇଥାନ୍ତା ବୋଲି ଅନୁମାନ କରାଯାଉଛି।

# କୋବି ପରଟା

ଆସନ୍ତୁ ଜାଣିବା କିପରି ଭିନ୍ନ ଅନ୍ଦାଜରେ ପ୍ରସ୍ତୁତ କରିବା କୋବି ପରଟା ।

ଆବଶ୍ୟକୀୟ ସାମଗ୍ରୀ: ଅଟା-୨୫୦ ଗ୍ରାମ, ତେଲ -୨ଚାମଚ, ଲୁଣ- ସ୍ୱାଦ ଅନୁସାରେ, କୋବି-୧ଟି ଛୋଟ ଛୋଟ କଟାଯାଇଥିବା, ୬- ହଳଦୀ, ୭- ଧନିଆ ପାଉଡର, ୮- ଜିରା ବା ଜୁଆଣୀ, ୯- ଧନିଆ ପତ୍ର, ୧୦- ଆମଚୁର ପାଉଡର

ପ୍ରସ୍ତୁତ ପ୍ରଣାଳୀ

ଏଗୁଡିକୁ ଭଲ ଭାବେ ମିଶାଇ ଏକ ଅଟା ଚକଟା ପ୍ରସ୍ତୁତ କରନ୍ତୁ । ଚକଟିବା ପରେ ୨୦ରୁ ୩୦ ମିନିଟ ପାଇଁ ଛାଡି ଦିଅନ୍ତୁ । ଏବେ ବନ୍ଧା କୋବିରୁ ଉପର ତ୍ୱଚାକୁ ବାହାର କରି ଦିଅନ୍ତୁ । ଏବେ ୫ରୁ୧୦ ମିନିଟ ଗରମ ପାଣିରେ ପକାନ୍ତୁ । ଏବେ ଏକ ପ୍ୟାନ ଗରମ କରି ସେଥିରେ ଏକ ଚାମଚ ତେଲ ଦିଅନ୍ତୁ । ଏବେ ସେଥିରେ ଛୋଟ ଚାମଚ କରି ସେଥିରେ ଛୋଟ ଚାମଚ ଜୁଆଣୀ ବା ଜିରା ଫୁଟାନ୍ତୁ ।



····· ପରଦା ଖବର ·····

## ବିବାହ ବନ୍ଧନରେ ବାନ୍ଧି ହେଲେ ଆମି ଜ୍ୟାକସନ



ବଲିଉଡ ଅଭିନେତ୍ରୀ ଆମି ଜ୍ୟାକସନ ବହୁତ ଦିନ ଧରି ତାଙ୍କ ବିବାହକୁ ନେଇ ଚର୍ଚ୍ଚାରେ ଥିଲେ। ବର୍ତମାନ ଆମି ତାଙ୍କ ପୁରୁଷ ବନ୍ଧୁ ଏବଂ ଅଭିନେତା ଏଡ ୱେଷ୍ଟୱିକଙ୍କୁ ବିବାହ କରିଛନ୍ତି ଇଟାଲୀରେ ଏହି ଦମ୍ପତିଙ୍କ ବିବାହ ରୀତିନୀତି ସମ୍ପନ୍ନ ହୋଇଥିବାବେଳେ ଆମି ଇନଷ୍ଟାଗ୍ରାମରେ ଏହି ବିଶେଷ ମୁହୂର୍ତ୍ତର ଫଟୋ ସେୟାର କରିଛନ୍ତି। ଆମି ଜ୍ୟାକସନ ଏବଂ ଏଡ ୱେଷ୍ଟୱିକ ବିବାହ କରି ସେମାନଙ୍କ ଜୀବନରେ ଏକ ନୂତନ ଯାତ୍ରା ଆରମ୍ଭ କରିଛନ୍ତି । ଏହି ଅବସରରେ ଦୁହେଁ ବହୁତ ଖୁସି ଦେଖାଯାଉଥିଲେ ଅଭିନେତ୍ରୀ ଇନଷ୍ଟାଗ୍ରାମରେ ଫଟୋ ସେୟାର କରି କ୍ୟାପସନରେ ଲେଖିଛନ୍ତି, ଯେ 'ଯାତ୍ରା ବର୍ତମାନ ଆରମ୍ଭ ହୋଇଛି । ' ନିକଟରେ ଆମି ଜ୍ୟାକସନ ଏବଂ ଏଡ ୱେଷ୍ଟୱିକ ମଧ୍ୟ ବ୍ୟାଚଲର ପାର୍ଟି କରିଥିଲେ। ବ୍ୟାଚଲର ପାର୍ଟି ସମୟର ଫଟୋ ମଧ ସେ ସୋସିଆଲ ମିଡିଆରେ ସେୟାର କରି ଲେଖିଥିଲେ, 'ଚଲ ବିବାହ କରିବା ।' ତା'ପରେ ଉଭୟଙ୍କୁ ଲିପ୍ ଲକିଂ କରୁଥିବାର ମଧ ଦେଖିବାକୁ ମିଳିଥିଲା ଉଲ୍ଲେଖ ଥାଉ କି ଆମି ଅନେକ ବଲିଉଡ ଫିଲ୍ମରେ ଅଭିନୟ କରିଛନ୍ତି। ସେ ବଲିଉଡର ସୁପରଷ୍ଟାର ଅକ୍ଷୟ କୁମାରଙ୍କ ସହ 'ସିଂ ଇଜ ବ୍ଲିଙ୍ଗ୍' ଫିଲ୍ମରେ ମଧ କାମ କରିଛନ୍ତି। ସୂଚନାଯୋଗ୍ୟ ଯେ ଆମି ପାଞ୍ଚ ବର୍ଷର ପୁଅର ମାୟ ବାସ୍ତବରେ ଏହି ଅଭିନେତ୍ରୀ ପୂର୍ବରୁ ବ୍ୟବସାୟୀ ଜର୍ଜ ପାୟାନିଟୁଙ୍କ ସହ ସମ୍ପର୍କ ରଖିଥିଲେ। ଦୁହିଁଙ୍କର ନିର୍ବନ୍ଧ ମଧ ହୋଇଥିଲା କିନ୍ତୁ ଆମି ଏବଂ ଜର୍ଜ ପାୟାନିଟୁଙ୍କ ବିବାହ ସମ୍ଭବ ହୋଇପାରିନଥିଲା ତେବେ ଏହି ଅଭିନେତ୍ରୀ ୨୦୧୯ ମସିହାରେ ଜର୍ଜଙ୍କ ପୁଅକୁ ଜନ୍ମ ଦେଇଥିଲେ।

## ବିନା କାରଣରେ କମୁଛି କି ଆପଣଙ୍କ ଓଜନ ? ସାବଧାନ

ଅନେକ ଥର ହାଇପୋଥାଇରଏଡ ବ୍ୟକ୍ତିମାନଙ୍କ ଓଜନ ବହୁତ ଜଲଦି ହ୍ରାସ ପାଇଥାଏ । ଯଦି ଦୁର୍ବଳ ଲାଗିବା,ମୁଣ୍ଡବିନ୍ଧା, ବାରମ୍ବାର ଭୋକ ଲାଗିବା, ଧ୍ୟାନ କେନ୍ଦ୍ରିତ କରିବାରେ ସମସ୍ୟା ଦେଖାଯିବା ଭଳି ଲକ୍ଷଣ ସହ ଖୁବ୍ ଶୀଘ୍ର ଓଜନ ହ୍ରାସ ପାଇଥାଏ ତେବେ ଏହା ହାଇପୋଥାଇରଏଡର ଲକ୍ଷଣ ହୋଇପାରେ । କିନ୍ତୁ କେବେ ହାଇପୋଥାଇରଏଡ ବ୍ୟକ୍ତିମାନଙ୍କ ଓଲଟା ପ୍ରତିକ୍ରିୟା ମଧ୍ୟ ଦେଖାଯାଇଥାଏ । ଅର୍ଥାତ କିଛି ବ୍ୟକ୍ତିଙ୍କ ବହୁତ ଜଲଦି ବଢିବାକୁ ଲାଗିଥାଏ ।

ଅନେକ ଥର ଚିନ୍ତା କାରଣରୁ ମଣିଷ କମ ଭୋକ ଲାଗିଥାଏ । କମ୍ ଖାଇବା କାରଣରୁ ମଧ୍ୟ ମଣିଷ ଶରୀରକୁ ଆବଶ୍ୟକ ଇନ୍ଧନ ମିଳିପାରିନଥାଏ । ଏଭଳି ପରିସ୍ଥିତିରେ ଶରୀରର ମୋଟାପଣ ଗ୍ଲୁକୋଜରେ ପରିବର୍ତ୍ତନ ହୋଇଥାଏ ଏବଂ ଶରୀର ଏହାକୁ ଇନ୍ଧନ ରୂପେ ବ୍ୟବହାର କରିଥାଏ । ଏହି କାରଣରୁ ମଧ୍ୟ ଓଜନ କମ ହେବାରେ ଲାଗିଥାଏ ।

ଅତ୍ୟଧିକ ଓଜନ ହ୍ରାସ ହେବାର କାରଣ ହେଉଛି ମାନସିକ ରୂପେ ଦୁର୍ବଳ ହେବା । ଯଦି କୌଣସି ବ୍ୟକ୍ତି ମାନସିକ ରୂପେ ସମସ୍ୟାରେ ରହିଥାନ୍ତି ଏବଂ ତାଙ୍କର ଚିକିତ୍ସା ଚାଲିଥାଏ ତେବେ ଏଭଳି ବ୍ୟକ୍ତିଙ୍କର ଓଜନ ଖୁବ୍ ଶୀଘ୍ର ବଢିବାକୁ ଲାଗିଥାଏ କିମ୍ବା କମିଥାଏ ।

ଅନେକ ଘଟଣାରେ ଅଧିକ ପ୍ରେସର ନେବା କାରଣରୁ ମଧ୍ୟ ଓଜନ ହ୍ରାସ ପାଇଥାଏ । ଯେତେବେଳେ ଆମେ କମ ଖାଦ୍ୟ ଖାଇଥାଉ ସେତେବେଳେ ମଧ୍ୟ ଆମ ଶରୀରକୁ ଉଚିତ କ୍ୟାଲୋରୀ ବା ଶକ୍ତି ମିଳିପାରିନଥାଏ । ଏହା ବ୍ୟତୀତ ଲିଭର କିମ୍ବା ହୃଦରୋଗ ସମସ୍ୟା କାରଣରୁ ମଧ୍ୟ ଓଜନ କମ ହୋଇପାରେ । ଏହି କାରଣରୁ ଓଜନ କମ ହେଲେ କେବେ ବି ଅଥଦେଖା କରନ୍ତୁ ନାହିଁ ।

ଅନେକଥର ପେଟ ଏବଂ ଆନ୍ତ୍ରିକ ସମ୍ବନ୍ଧିତ ରୋଗ କାରଣରୁ ଶରୀର ଖାଦ୍ୟକୁ ସମ୍ପୂର୍ଣ୍ଣ ରୂପେ ଗ୍ରହଣ କରିପାରିନଥାଏ । ଏବଂ ଯେଉଁ ଖାଦ୍ୟ

## ପିଲାଙ୍କୁ ବ୍ରେଡ ଜାମ୍ ଖାଇବାକୁ ଦେଉଛନ୍ତି କି ! ସାବଧାନ



ଜଳଖିଆରେ ବ୍ରେଡ ଜାମ୍ ବେଶ ଲୋକପ୍ରିୟ । ଏଥିପାଇଁ ସକାଳ ଜଳଖିଆରେ ଆପଣ ନିଜ ପିଲାଙ୍କୁ ବ୍ରେଡ ଜାମ୍ କିମ୍ବା ରୁଟି ଜାମ୍, ବିସ୍କୁଟ ଖାଇବାକୁ ଦେଇଥାନ୍ତି । ଏପରିକି ଅନେକ ସମୟରେ ଆପଣ ଟିଫିନିରେ ମଧ୍ୟ ଏହି ସବୁ ଖାଦ୍ୟ ମଧାହ୍ନ ଭୋଜନ ଭାବରେ ପିଲାଙ୍କୁ ଦେଇଥାନ୍ତି ।

ବ୍ରେଡ ଓ ଜାମ୍‌କୁ ସ୍ୱାସ୍ଥ୍ୟକର ଖାଦ୍ୟ ଭାବରେ ଦେଖାଯାଇଛି ସତ କିନ୍ତୁ ଏହା ସତ ନୁହେଁ । ଆପଣ ହୁଏତ ଜାଣିନଥିବେ ଗୋଟିଏ ଚାମଚ ଜାମ୍ ଦୁଇ ଚାମଚ ଚିନି ସହିତ ସମାନ ।

ଯାହା ଆପଣଙ୍କ ପିଲାର ସ୍ୱାସ୍ଥ୍ୟ ପାଇଁ ହାନିକାରକ । ତେବେ ଆସନ୍ତୁ ଜାଣିବା ଆପଣଙ୍କ ପିଲାଙ୍କର ମନପସନ୍ଦର ଖାଦ୍ୟ ଜାମକୁ ଖାଇବାକୁ କାହିଁକି ବାରଣ କରାଯାଇଛି ।

■ ଜାମ୍ ପ୍ରସ୍ତୁତ କରିବା ପାଇଁ ପ୍ରଥମେ ଫଳକୁ ସିଝା ଯାଇଥାଏ । ଏବଂ ସମାନ ପରିମାଣର ଚିନି ମିଶାଇ ଏହାକୁ ତିଆରି କରାଯାଇଥାଏ । ଫଳଗୁଡିକୁ ସିଝାଇବା ଦ୍ୱାରା ଏଥିରେ ଥିବା ନ୍ୟୁଟ୍ରିସନ୍ସ ଓ ଭିଟାମିନ ନଷ୍ଟ ହୋଇଯାଇଥାଏ । ଯେପରିକି ଭିଟାମିନ୍-ସି ସମ୍ପୂର୍ଣ୍ଣ ଭାବରେ ଫଳକୁ ନଷ୍ଟ ହୋଇଥାଏ ।

■ ଯଦି ପିଲାମାନେ ଦୈନିକ ଖାଦ୍ୟରେ ବ୍ରେଡ ଜାମ୍ ଖାଇଥାନ୍ତି ଭବିଷ୍ୟତରେ ସେମାନଙ୍କୁ ମୋଟାପଣ ଓ ହୃଦଘାତ ହେବାର ଆଶଙ୍କା ରହିଥାଏ ।

■ ଅନ୍ୟ କାରଣ ହେଉଛି ସଂରକ୍ଷଣ କରି ରଖାଯାଉଥିବା ଖାଦ୍ୟ ପଦାର୍ଥରେ ଅଧିକ ମାତ୍ରାରେ କେମିକାଲସ୍ ଓ ଚିନି ଦିଆଯାଇଥାଏ, ଯାହା ଆପଣଙ୍କ ପିଲାର ସ୍ୱାଦ ଗ୍ରନ୍ଥିକୁ ପ୍ରଭାବିତ କରିଥାଏ । ଯାହାଦ୍ୱାରା ସ୍ୱାଦ ଗ୍ରନ୍ଥି ଏହିସବୁ ଖାଦ୍ୟକୁ ଖାଇବା ପସନ୍ଦ କରିଥାଏ ।

## 'ଶ୍ରୀକୃଷ୍ଣ ତୁମେ ମିଥ୍ୟାବାଦୀ'



ଦିନେ ଶ୍ରୀକୃଷ୍ଣ ରାମେଶ୍ୱର କୁଣ୍ଡର ଉତ୍ତର କୂଳରେ ଶ୍ରୀରାଧିକା ଓ ଗୋପୀମାନଙ୍କ ସହିତ ଗଛ ଛାଇରେ ବସି ରାସ କରୁଥିଲେ। ସେହି ସମୟରେ ତାଙ୍କ ରୂପରେ ଆକର୍ଷିତ ହୋଇ ନିକଟରେ ଥିବା କିଛି ବାନର(ମାଙ୍କଡ଼) ଗଛରୁ ଓହ୍ଲାଇ ଶ୍ରୀକୃଷ୍ଣଙ୍କ ପାଦତଳେ ପ୍ରଣାମ କରି ନାଚିବା ଏବଂ ଡେଇଁବା ଆରମ୍ଭ କଲେ। ପୁଷ୍କରିଣୀର ଦକ୍ଷିଣ ପାର୍ଶ୍ୱରେ ଥିବା ଗଛରୁ ଓହ୍ଲାଇ ଦୀର୍ଘ ସମୟ ଡେଇଁବା ପରେ ଅନେକ ବାନର ତାଙ୍କ ଚରଣ ନିକଟରେ ପହଞ୍ଚିଥିଲେ । ଭଗବାନ କୃଷ୍ଣ ସେହି ବାନରମାନଙ୍କର ବୀରତ୍ୱର ପ୍ରଶଂସା କରିବା ଆରମ୍ଭ କଲେ।

ଏହି ଆଶ୍ଚର୍ଯ୍ୟଜନକ ଲୀଳା ଦେଖି ଗୋପୀମାନେ ମଧ ମନ୍ତ୍ରମୁଗ୍ଧ ହୋଇଗଲେ। ସେମାନେ ମଧ ପ୍ରଭୁ ରାମଚନ୍ଦ୍ରଙ୍କ ଚମତ୍କାର ଲୀଳା ବିଷୟରେ ବର୍ଣ୍ଣନା କରିବା ଆରମ୍ଭ କରି କହିଥିଲେ ଯେ ଶ୍ରୀରାମଚନ୍ଦ୍ର ମଧ ବାନରମାନଙ୍କ ସାହାଯ୍ୟ ନେଇଥିଲେ। ସେତେବେଳେ ଲଳିତା ନାମକ ଜଣେ ଗୋପୀ କହିଥିଲେ- ଆମେ ଶୁଣିଛୁ ଯେ ମହାପରାକ୍ରମୀ ହନୁମାନ ତ୍ରେତୟା ଯୁଗରେ ଗୋଟିଏ ଲମ୍ଫ ଦେଇ ସମୁଦ୍ର ପାର ହୋଇଥିଲେ। କିନ୍ତୁ ଆଜି ଆମେ ଦେଖୁଛୁ ଯେ ବାନରମାନେ ମଧ୍ୟ ଏକ ଲମ୍ଫରେ ଏହି ପୁଷ୍କରିଣୀ ଅତିକ୍ରମ କରୁଛନ୍ତି ।

ଏହା ଶୁଣି କୃଷ୍ଣ ଗର୍ବର ସହିତ କହିଲେ- ତୁମେ ଜାଣ ! ମୁଁ ହିଁ ତ୍ରେତୟା ଯୁଗରେ ଶ୍ରୀରାମ ଥିଲି, ମୁଁ ହିଁ ରାମ ରୂପରେ ସମସ୍ତ ଲୀଳା ପ୍ରଦର୍ଶନ କରିଥିଲି। କିନ୍ତୁ ଲଳିତା ଶ୍ରୀରାମଚନ୍ଦ୍ରଙ୍କ ଅଦ୍ଭୁତ ଲୀଳାକୁ ପ୍ରଶଂସା କରିବା ସହ କହିଥିଲେ, ଟିକେ ହସି କହିଥିଲେ, ଶ୍ରୀକୃଷ୍ଣ ତୁମେ ଜଣେ ମିଥ୍ୟାବାଦୀ, ତୁମେ କଦାପି ରାମ ନ ଥିଲ... ଏପରି ସାହସିକତା ତୁମ ପାଇଁ ସମ୍ଭବ ନୁହେଁ। ଶ୍ରୀକୃଷ୍ଣ ସ୍ମିତହାସ୍ୟ ଦେଇ କହିଲେ - ତୁମେ ଏହାକୁ ବିଶ୍ୱାସ କରିପାରିବ ନାହିଁ, କିନ୍ତୁ ମୁଁ ଶ୍ରୀରାମ ରୂପ ନେଇ ଜନକପୁରୀରେ ଶିବଙ୍କ ଧନୁ ଭାଙ୍ଗି ସୀତାଙ୍କୁ ବିବାହ କଲି। ପିତାଙ୍କ ଆଦେଶ ଅନୁଯାୟୀ, ଧନୁ ଏବଂ ତୀର ଧାରଣ କରି ସୀତା ଏବଂ ଲକ୍ଷ୍ମଣଙ୍କ ସହ ଚିତ୍ରକୁଟ ଏବଂ ଦଣ୍ଡକାରଣ୍ୟ ଯାତ୍ରା କରି ସେଠାରେ ଥିବା ଅତ୍ୟାଚାରୀ ଦୈତ୍ୟମାନଙ୍କୁ ବିନାଶ କରିଥିଲି। ତା'ପରେ ସୀତାଙ୍କ ବିରହ ମଧରେ ଏ ବନରୁ ସେ ବନ ବୁଲି ପୁନର୍ବାର ବାନରମାନଙ୍କ ସାହାଯ୍ୟରେ ରାବଣ ସହିତ ଲଙ୍କାପୁରୀ ଧ୍ୱଂସ କରି ଅଯୋଧ୍ୟାକୁ ଫେରିଥିଲି।

ମୁଁ ଏହି ଯୁଗରେ ଗୋପାଳ ରୂପ ଧାରଣ କରି ବଂଶୀ ବଜାଇ ଗୋଚାରଣ କରି ଜଙ୍ଗଲରୁ ଜଙ୍ଗଲ ବୁଲିଛି। ଏହି ସମୟରେ ମୁଁ ପ୍ରିୟତମା ଶ୍ରୀରାଧିକାଙ୍କ ଏବଂ ତୁମ ଗୋପୀମାନଙ୍କ ସହିତ ବିନୋଦ କରୁଛି । ମୋର ରାମ ଅବତାରରେ ଧନୁ ଏବଂ ତୀରର ଟଙ୍କାରରେ ତ୍ରିଲୋକ ଥରି ଉଠୁଥିଲା। କିନ୍ତୁ ବର୍ତ୍ତମାନ ମୋର ମଧୁର ବେଣୁନାଦରେ ସମସ୍ତ ପ୍ରାଣୀ ଉନ୍ମତ୍ତ ହେଉଛନ୍ତି। ଲଳିତା ଶୁଣି ହସିଲେ ଏବଂ କହିଲେ - ଆମେ କେବଳ ଖାଲି ଶବ୍ଦ ସହିତ ବିଶ୍ୱାସ କରିପାରିବୁ ନାହିଁ, ଯଦି ଆମକୁ ଶ୍ରୀରାମଙ୍କ ପରି କିଛି ପରାକ୍ରମ ଦେଖାଇ ପାରିବ, ତେବେ ଆମେ ବିଶ୍ୱାସ କରିପାରିବୁ। ଲଳିତାଙ୍କ କଥା ଶୁଣି ଶ୍ରୀକୃଷ୍ଣ ବେଣୁ ଧ୍ୱନି ଦ୍ୱାରା କ୍ଷଣମାତ୍ରକେ ସମସ୍ତ ବାନରମାନଙ୍କୁ ଏକତ୍ରିତ କରାଇ ସେମାନଙ୍କୁ ପ୍ରସ୍ତର ଶିଳା ମାଧ୍ୟମରେ ସେହି ପୁଷ୍କରିଣୀ ଉପରେ ସେତୁ ବାନ୍ଧିବା ପାଇଁ ଆଦେଶ ଦେଲେ। ଶ୍ରୀକୃଷ୍ଣଙ୍କ ଆଦେଶରେ ଦେଖୁ ଦେଖୁ ହଜାର ହଜାର ବାନର ବହୁ ଉତ୍ସାହର ସହିତ ଦୂର ସ୍ଥାନରୁ ପଥର ଆଣି ସେତୁ ନିର୍ମାଣ ଆରମ୍ଭ କଲେ। ସେହି ବାନରମାନେ ଆଣିଥିବା ପଥରଗୁଡ଼ିକ ଦ୍ୱାରା ଶ୍ରୀକୃଷ୍ଣ ନିଜ ହାତରେ ସେତୁ ନିର୍ମାଣ କରିଥିଲେ। ସେତୁ ଆରମ୍ଭରେ ଶ୍ରୀକୃଷ୍ଣ ପୁଷ୍କରିଣୀର ଉତ୍ତର ଦିଗରେ ନିଜର ପ୍ରିୟ ଭଗବାନ ରମେଶ୍ୱର ମହାଦେବଙ୍କ ପ୍ରତିଷ୍ଠା ମଧ କରିଥିଲେ।

## କରମଙ୍ଗାରେ ରହିଛି ଅନେକ ଉପାଦେୟ ଗୁଣ

କରମଙ୍ଗା ଦେଖିବାକୁ ତାରା ଭଳି। ସେଥିପାଇଁ ତାକୁ ଷ୍ଟାର ଫ୍ରୁଟ୍ ମଧ କୁହାଯାଏ। କରମଙ୍ଗା ସାଧାରଣତଃ ଖଟା ଲାଗିଥାଏ। ଏଥିରେ ମିଠା ଖଟା ମଧ ପ୍ରସ୍ତୁତ କରାଯାଏ। ଏହି ଫଳରେ ଅନେକ ପୋଷାକ ତତ୍ତ୍ୱ



ରହିଛି ଯାହା ଶରୀର ପାଇଁ ହିତକର ପ୍ରମାଣିତ ହୋଇଥାଏ। କରମଙ୍ଗାରେ ଅନେକ ଔଷଧୀୟ ଗୁଣ ମଧ ରହିଛି। କରମଙ୍ଗାରେ କ୍ୟାଲୋରୀ କମ୍ ଏବଂ ଫାଇବର ଅଧିକ ମାତ୍ରରେ ରହିଛି। ଏଥିରେ ଭିଟାମିନ-ସି, ସୋଡିୟମ, ଖଣିଜ, ଭିଟାମିନ-ବି ଆଦି ଅନେକ ମହତ୍ତ୍ୱପୂର୍ଣ୍ଣ ଆଣ୍ଟିଅକ୍ସିଡେଣ୍ଟରେ ଭରପୁର। ସେଥିପାଇଁ ସ୍ୱାସ୍ଥ୍ୟ ପକ୍ଷେ ବହୁତ ଲାଭଦାୟକ।

ଏକ ରିପୋର୍ଟ ଅନୁଯାୟୀ, କରମଙ୍ଗା ଭିଟାମିନ-ସି ର ସ୍ରୋତ। ଭିଟାମିନ-ସି ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିବାରେ ସାହାଯ୍ୟ କରିଥାଏ। ଏହା ତ୍ୱଚାର ସୁଜନ ଦୂର କରିବାରେ ସାହାଯ୍ୟ କରିଥାଏ। ଏହା ଫ୍ଲୁ ଓ ସାମାନ୍ୟ ଥଣ୍ଡା-କାଶ ସହ ଲଢ଼ିବାରେ ମଧ ସାହାଯ୍ୟ କରିଥାଏ। କରମଙ୍ଗାରେ ଭରପୁର ମାତ୍ରାରେ ପୋଟାସିୟମ ଓ ମହତ୍ତ୍ୱପୂର୍ଣ୍ଣ ଖଣିଜ ରହିଛି ଯାହା ରକ୍ତଚାପ ନିୟନ୍ତ୍ରଣ କରିଥାଏ। ଏଥିରେ କ୍ୟାଲସିୟମ ବି ଅଛି ଯାହା ହୃଦୟ ପାଇଁ ଲାଭଦାୟକ। ଏହା ହୃଦୟ ରୋଗର ଆଶଙ୍କା କମ କରିଥାଏ। କରମଙ୍ଗା ଶରୀରରେ ରକ୍ତ ଶର୍କରା ଓ ଇନସୁଲିନ ସ୍ତରକୁ ନିୟନ୍ତ୍ରଣ କରିଥାଏ। ଫାଇବର ଯୁକ୍ତ ଭୋଜନ ସେବନ କରିବ ଦ୍ୱାରା ମଧୁମେହକୁ ରୋକ ଯାଇପାରିବ। ଏହା ମଧୁମେହ ରୋଗୀଙ୍କ ପାଇଁ ବହୁତ ଲାଭଦାୟକ। କରମଙ୍ଗାରେ ଭରପୁର ମାତ୍ରାରେ ଫାଇବର ଥିବାରୁ ଏହା ପାଚନ ପ୍ରକ୍ରିୟାରେ ସୁଧାର ଆଣିଥାଏ। ଏହା କୋଷ୍ଠକାଠିନ୍ୟ ସମସ୍ୟା ମଧ ଦୂର କରିଥାଏ। କୋଷ୍ଠକାଠିନ୍ୟରେ ପୀଡିତ ବ୍ୟକ୍ତି ନିଶ୍ଚୟ କରମଙ୍ଗା ସେବନ କରିବ ଉଚିତ। କରମଙ୍ଗା କେଶ ପାଇଁ ମଧ ଅତ୍ୟନ୍ତ ଉପାଦେୟ। କରମଙ୍ଗା ସେବନ ଦ୍ୱାରା କେଶ ଚମକଦାର ଓ ଘଞ୍ଚ ହୋଇଥାଏ।

ମହାଭାରତ
# ନଗରନକ୍ସା
ମହାନଗରର ନିଜ ଭାଷା



### କିଶୋରନଗର ଓ ରେଢାଖୋଲରେ ସମ୍ବର୍ଦ୍ଧନା ସଭାରେ ଯୋଗଦେଲେ ଧର୍ମେନ୍ଦ୍ର

## ଓଡ଼ିଶା ବିକାଶର ବ୍ଲୁପ୍ରିଂଟ୍ ତିଆରି ଦାୟିତ୍ୱରେ ଗୁଣ୍ଡୁଚିମୂଷାର ଦାୟିତ୍ୱ ନେବି

ଭୁବନେଶ୍ୱର,୨୬।୮ (ମହାଭାରତ): ଆମେ ସମସ୍ତେ କାର୍ଯ୍ୟକର୍ତାମାନେ ରାଜନୀତିରେ ଜନସେବାକୁ ଜୀବନର ବ୍ରତୀ ଭାବେ ଗ୍ରହଣ କରିବା ଦରକାର । ଆଗାମୀ ଦିନରେ ସମ୍ବଲପୁର ସମେତ ଓଡ଼ିଶା ବିକାଶର ବ୍ଲୁ ପ୍ରିଣ୍ଟ୍ ତିଆରି କରିବା ଦାୟିତ୍ୱକୁ ବ୍ୟବସ୍ଥା ପାଖରେ ପହଂଚାଇବା ପାଇଁ ମୁଁ ଗୁଣ୍ଡୁଚିମୂଷାର ଦାୟିତ୍ୱ ନେବି ବୋଲି ସୋମବାର ଆଠମଲ୍ଲିକ ଓ ରେଢାଖୋଲ ନିର୍ବାଚନମଣ୍ଡଳୀରେ ଆୟୋଜିତ ପୃଥକ ସମ୍ବର୍ଦ୍ଧନା ସଭାରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଅନୁଗୋଳ କିଶୋରନଗର ଠାରେ ବରିଷ୍ଠ ନାଗରିକ ସଂଘ, ଆଠମଲ୍ଲିକ ଏବଂ ସମ୍ବଲପୁର ରେଢାଖୋଲ ଠାରେ 'ବିକଶିତ ନାଗରିକ ମଞ୍ଚ, ରେଢାଖୋଲ' ଦ୍ୱାରା ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଯୋଗଦେଇଥିଲେ କେନ୍ଦ୍ରମନ୍ତ୍ରୀ । ଗତ ନିର୍ବାଚନ ପ୍ରଚାର ବେଳର ସ୍ମୃତିଚାରଣ କରିବା ସହ ସମ୍ବଲପୁର ଲୋକସଭାରୁ ସାଂସଦ ଭାବରେ ନିର୍ବାଚିତ କରିଥିବାରୁ ସମ୍ବଲପୁର ସଂସଦୀୟ କ୍ଷେତ୍ରର ଜନସାଧାରଣଙ୍କୁ ସେ ଧନ୍ୟବାଦ ଜଣାଇଛନ୍ତି । ସେ କହିଛନ୍ତି ଯେ ଓଡ଼ିଶାରେ ଡବଲ ଇଞ୍ଜିନ ସରକାରରେ ଗରିବ, ମହିଳା, ଚାଷୀ, ଯୁବକ ଓ ଆଦିବାସୀଙ୍କ ବିକାଶ ପାଇଁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଉଛି । ସୁଭଦ୍ରା ଯୋଜନାର କାର୍ଯ୍ୟକାରୀ, ମାଆ ଭଉଣୀ ମାନଙ୍କୁ ଲକ୍ଷପତି ଦିଦି କରି ମାତୃଶକ୍ତିଙ୍କୁ ସ୍ୱାବଲମ୍ବୀ କରିବା, ଚାଷୀମାନଙ୍କ ଠାରୁ ୩୧୦୦ ଟଙ୍କାରେ ଧାନ କିଣି ସେମାନଙ୍କ ଆର୍ଥିକ ମେରୁଦଣ୍ଡକୁ ସଶକ୍ତ କରିବା ପାଇଁ ଆମ ସରକାର କାମ କରୁଛନ୍ତି।

ରେଢାଖୋଲ ସଭାରେ ସେ କହିଥିଲେ ବରିଷ୍ଠ ନାଗରିକ, ଓକିଲ ସଂଘ, କୃଷକ ସଂଗଠନ ଏବଂ ସମାଜସେବା ସଂଗଠନ ସମୂହଙ୍କ ମଧ୍ୟରେ ଆୟୋଜିତ ଏହି ସଭା ମୋ ପାଇଁ ଆଶୀର୍ବାଦ ସଭା । ପ୍ରଗତିଶୀଳ ଓ କୃଷିଭିତ୍ତିକ ଅଞ୍ଚଳ ଆଠମଲ୍ଲିକକୁ ଆଧୁନିକ ଦୁନିଆ ସହ ଯୋଡି ସ୍ଥାନୀୟ ଅର୍ଥନୀତିକୁ ମଜଭୂତ୍ କରିବା ପାଇଁ ସାମୂହିକ ଦାୟିତ୍ୱ ନେବା ପାଇଁ ସେ ଆହ୍ୱାନ କରିଥିଲେ। ସେହିପରି ରେଢାଖୋଲ ହେଉଛି ମହିମା ଧର୍ମର ପ୍ରତିଷ୍ଠାତା ମହିମା ଗୋସାଇଁଙ୍କ ବିଚାରକୁ ବ୍ୟାପକ କରିଥିବା ସନ୍ଥକବି ଭୀମ ଭୋଇଙ୍କ ଅଂଚଳ। ତାଙ୍କର ସଂସ୍କାର ଓ ବିଚାର କାରଣରୁ ରେଢାଖୋଲ ମାଟି ଅଧିକ ପବିତ୍ର ହୋଇଛି । ୧୯୩୬ରେ ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶ ଗଠନର ୧୦୦ ବର୍ଷ ଏବଂ ୨୦୪୭ରେ ଦେଶ ସ୍ୱାଧୀନତାକୁ ୧୦୦ ବର୍ଷର ଅମୃତକାଳ ମଧ୍ୟରେ ଐତିହାସିକ ମୁକସାକ୍ଷୀ ରେଢାଖୋଲ ସମେତ ସମ୍ବଲପୁରବାସୀଙ୍କ ସ୍ୱପ୍ନ ଓ ଆକାଂକ୍ଷାକୁ ପୂରଣ କରିବା ପାଇଁ ଆମେ ସମସ୍ତେ ତତ୍ପର ରହିବା।



ଉଲ୍ଲେଖନୀୟ ଯେ, ଆଜି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା ପରେ ରେଢାଖୋଲ ଛକରେ ଶ୍ରୀ ପ୍ରଧାନ ତାଙ୍କ ବନ୍ଧୁ ହୃଷିକେଶ ବିଶ୍ୱାଳଙ୍କ ଦୋକାନରୁ କାର୍ଯ୍ୟକର୍ତାଙ୍କ ସହ ସ୍ୱାଦିଷ୍ଟ ବରା ଖାଇବା ସହ ଚା' ପିଇଥିଲେ।

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ଅନୁଗୋଳ ଜିଲ୍ଲା ଆଠମଲ୍ଲିକକୁ ଏକ ସରକାରୀ କାର୍ଯ୍ୟକ୍ରମକୁ ଯୋଗଦେବାକୁ ଯିବା ସମୟରେ ଏନଏଚ-୫୫ ନମ୍ବର ସହ ସଂଯୋଗ ହୋଇଥିବା ବଇଣ୍ଡା ସେକ୍ସନ ଓ ନାକଚି ଠାରେ ଜାତୀୟ ରାଜପଥ କାର୍ଯ୍ୟର ଅଗ୍ରଗତି ନେଇ ଏନଏଚ୍ଏଆଇ ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ ଅନୁଗୋଳ-ସମ୍ବଲପୁର ଜାତୀୟ ରାଜପଥ-୫୫ ନମ୍ବର ସହ ସଂଯୋଗ ହୋଇଥିବା ବଇଣ୍ଡା ସେକ୍ସନରେ ନିର୍ମାଣାଧୀନ ଓଭରବ୍ରିଜ କାମ ଚାଲୁ ରହିଛି । ଏହା ସମ୍ପୂର୍ଣ୍ଣ ହେବା ପରେ ତଳେ ଅଣ୍ଡରପାସରେ ଗୋଟିଏ ସ୍ଥାନ ପରିବର୍ତେ ଦୁଇଟି ସ୍ଥାନ୍ କରିବା ପାଇଁ ଲୋକଙ୍କ ଅପେକ୍ଷା ରହିଛି । ଆଠମଲ୍ଲିକ ଧୀରେ ଧୀରେ ଗୋଟିଏ ସହରକୁ ରୂପ ନେଉଛି ।

## ଧଉଳି ପାହାଡ଼ରେ ବୃକ୍ଷ ରୋପଣ କଲେ ବିଧାୟକ

ଭୁବନେଶ୍ୱର,୨୬।୮ (ମହାଭାରତ): ଏକାମ୍ର ବିଧାୟକ ବାବୁ ସିଂ ସୋମବାର ଧଉଳି ପାହାଡ଼ ପରିଦର୍ଶନ କରି ପ୍ରଥମେ ବାବା ଧବଳେଶ୍ୱରଙ୍କ ଦର୍ଶନ କରିବା ପରେ ବୃକ୍ଷ ରୋପଣ କରିଛନ୍ତି। ଏଥି ସହିତ ଧଉଳି ପାହାଡ଼ ରେ ଦୋକାନ କରି ବ୍ୟବସାୟ କରୁଥିବା ଦାଣ୍ଡିମାଳ ଅଂଚଳର ବ୍ୟବସାୟୀ ମାନଙ୍କ ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ।ସବୁ ସମସ୍ୟା ସମ୍ପର୍କରେ ସମୀକ୍ଷା କରିବା ପରେ ବିଧାୟକ ଶ୍ରୀ ସିଂ ଖୁବ୍ ଜଲ୍‌ଦୀ ସମାଧାନ ପାଇଁ କାର୍ଯ୍ୟ ଆରମ୍ଭ କରିବାକୁ ପ୍ରତିଶ୍ରୁତି ଦେଇଥିଲେ।

ଏହି ଅବସରରେ ବିଧାୟକ ଶ୍ରୀ ବାବୁ ସିଂ କହିଛନ୍ତି ଯେ,ନିର୍ବାଚନରେ ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲୁ ଆଉ ଏବେ ଲୋକଙ୍କ ପାଇଁ କାମ କରୁଛୁ। ଭୋଟର ଆମକୁ ଜନ ପ୍ରତିନିଧୀ ଭାବେ ନିର୍ବାଚିତ କଲା ପରେ ଲୋକଙ୍କ ସମସ୍ୟା ସମାଧାନ କରିବାକୁ ପ୍ରାଥମିକତା ଦେଉଛୁ। ଏକାମ୍ର ବାସୀଙ୍କୁ ସମସ୍ତ ମୌଳିକ ସୁବିଧା ଯୋଗାଇଦେବା ମୋର ପ୍ରାଥମିକ କର୍ତ୍ତବ୍ୟ ବୋଲି କହିଛନ୍ତି ଏକାମ୍ର ବିଧାୟକ ବାବୁସିଂ। ବୃକ୍ଷ ଆମ ଜୀବନର ଆଧାର ଅଟେ ଏହାର ସୁରକ୍ଷା ଆମର କର୍ତବ୍ୟ।ଆପଣମାନେ ମଧ୍ୟ ଏହି ଅଭିଯାନରେ ସାମିଲ ହେବା ସହ ଏକ ସଚ୍ଛ ଓ ସୁନ୍ଦର ପରିବେଶ ପାଇଁ ଗୋଟିଏ ଗୋଟିଏ ଗଛ ଲଗାନ୍ତୁ ବୋଲି ଶ୍ରୀ ସିଂ କହିଛନ୍ତି।

ଏହି ଅବସରରେ ବିଜେପି ନେତା ଅରୁଣ କୁମାର ପୁରୋହିତ,କୃଷ୍ଣ ଚନ୍ଦ୍ର ନାୟକ, ପଂଚାନନ ସ୍ୱାଇଁ,ମାନସ ପଣ୍ଡା,ଅଜୟ ସ୍ୱାଇଁ,ବୁଧୁଶେଖର ସୁବୁଦ୍ଧି,ଧଉଳି ବ୍ୟବସାୟୀ ସଂଘ ସଭାପତି ପ୍ରତାପ କୁମାର ସ୍ୱାଇଁ,ସମ୍ପାଦକ ସୁମନ୍ତ ସୁବୁଦ୍ଧିଙ୍କ ସହ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।

## ମାଲକାନାଗିରିରେ ଜେଟ୍ ବ୍ଲାକ ଗ୍ରାନାଇଟ କ୍ୱାରୀ ଲିଜ୍ ସୂତ୍ରରେ ଅଧିଗ୍ରହଣ କଲା

ଭୁବନେଶ୍ୱର,୨୬।୮ (ମହାଭାରତ): ଭାରତରେ ପ୍ରାକୃତିକ ଷ୍ଟୋନ୍‌ଗୁଡିକର ଏକ ଅଗ୍ରଣୀ ପ୍ରକ୍ରିୟାକରଣକାରୀ ଏବଂ ଟ୍ରେଡର ଓରିଏଣ୍ଟାଲ ଟ୍ରାଇମେକ୍ସ ଲିମିଟେଡ (ବିଏସ୍‌ଇ- ୫୩୨୮୧୭) ନିଜର ପରିଚାଳନାଗତ ସାମର୍ଥ୍ୟର ସଂଜ୍ଞା ପୁନଃନିର୍ଦ୍ଧାରଣ କରିବା, ଏହାର ବଜାର ଉପସ୍ଥିତି ସମ୍ପ୍ରସାରଣ ଏବଂ ନିଜର ଆର୍ଥିକ ସ୍ଥିତି ସୁଦୃଢୀକରଣ କରିବା ନିମନ୍ତେ ଏକାଧିକ ରଣକୌଶଳାତ୍ମକ କାର୍ଯ୍ୟକ୍ରମ ସମ୍ପର୍କରେ ଘୋଷଣା କରିଛି। ଏହି ପ୍ରୟାସଗୁଡିକ ନବସୃଜନ, ଅଭିବୃଦ୍ଧି ଏବଂ ଗ୍ରାହକ ସନ୍ତୁଷ୍ଟି ନିମନ୍ତେ କମ୍ପାନୀର ଏକନିଷ୍ଠ ପ୍ରତିବଦ୍ଧତା ସମ୍ପର୍କରେ ଉଲ୍ଲେଖ କରୁଛି । ଓରିଏଣ୍ଟାଲ ଟ୍ରାଇମେକ୍ସ ଲିମିଯେଡ ସର୍ବାଧୁନିକ ଓୟାର-ବେସ୍‌ଡ ଗ୍ୟାଙ୍ଗସ ମେସିନ, ଯାହା ସାଧାରଣରେ 'ସ୍ଲାବ କଟିଂ ପାଇଁ କେବଳ ମେସିନ' ଭାବରେ ପରିଚିତ, ତାହା ଆମଦାନୀ ଏବଂ ସ୍ଥାପନ ସହିତ ଷ୍ଟୋନ ଶିଳ୍ପରେ ବୈପବ୍ଲିକ ପରିବର୍ତ୍ତନ ଆଣିବାକୁ ଯାଉଛି। ଚୀନର ଚାଙ୍ଗଶା ବେଟୋ ନିୟୁ ମ୍ୟାଟେରିଆଲ ଟେକ୍‌ନୋଲୋଜି କମ୍ପାନୀ ଲିମିଟେଡ ନିକଟରୁ ଏହି ସର୍ବାଧୁନିକ ପ୍ରଯୁକ୍ତି ଆଣିବା ଭାରତରେ ଏହି ଧରଣର ପ୍ରଥମ ହେବ ଏବଂ ଓଟିଏଲ୍‌ର ଚେନ୍ନଇସ୍ଥିତ ଗୁମ୍ମିଡିପୁଣ୍ଡିସ୍ଥିତ କାରଖାନାରେ ଏହା ସ୍ଥାପନ କରାଯିବାକୁ ରହିଛି।

ପାରମ୍ପରିକ ଗ୍ୟାଙ୍ଗସସ୍ ମେସିନରେ ଏକାଧିକ ବ୍ଲେଡ ବ୍ୟବହାର କରାଯାଉଥିବାବେଳେ ଏହି ଉନ୍ନତ ମେସିନରେ ଅନେକ ଡାଇମଣ୍ଡ୍ କୋଟେଡ କେବଲ ରହିଛି ଯାହାର ବ୍ୟାସ ୦.୪ରୁ ୦.୬ ମିଲିମିଟର ଏବଂ ଏହା ସଠିକ କାଟିବା ତଥା ସଠିକତା ଏବଂ କାର୍ଯ୍ୟଦକ୍ଷତା ନିମନ୍ତେ ଏକ ନୂତନ ମାନକ ସ୍ଥାପନ କରିବାକୁ ସମର୍ଥ। ଓୟାର-ବେସ୍‌ଡ ଗ୍ୟାଙ୍ଗସ ମେସିନ ଉଲ୍ଲେଖନୀୟ ଭାବରେ ନଷ୍ଟ ହେବା ପରିମାଣ ହ୍ରାସ କରିବା ସହିତ ଦୀର୍ଘସ୍ଥାୟିତ୍ୱରେ ବୃଦ୍ଧି ଘଟାଉଛି ଏବଂ ପାରମ୍ପରିକ ମେସିନ ତୁଳନାରେ କାଟିବା ପ୍ରକ୍ରିୟାକୁ ପ୍ରାୟ ତିନିଗୁଣ ତ୍ୱରାନ୍ୱିତ କରୁଛି। କମ୍ପାନୀର ଏହି ରଣକୌଶଳାତ୍ମକ ପୁଞ୍ଜିନିବେଶ ୨୦୨୪ ଡିସେମ୍ବର ସୁଦ୍ଧା କାର୍ଯ୍ୟକାରୀ ହେବା ଆଶା କରାଯାଉଛି ଏବଂ ଏହା ପରିଚାଳନାଗତ ଉତ୍କର୍ଷରେ ବୃଦ୍ଧି ଘଟାଇବା ନିମନ୍ତେ ନବୋନ୍ମେଷୀ ପ୍ରଯୁକ୍ତିକୁ ଆପଣେଇବା ନିମନ୍ତେ ଓଟିଏଲ୍‌ର ଉତ୍ସର୍ଗୀକୃତ ଭାବର ନିଦର୍ଶନ ହୋଇଛି। ଏହା କମ୍ପାନୀକୁ ତାହାର ଗ୍ରାହକମାନଙ୍କୁ, ବିଶେଷକରି ଉଚ୍ଚ ବର୍ଗର ଆବାସିକ ଏବଂ ବ୍ୟବସାୟିକ ନିର୍ମାଣ କ୍ଷେତ୍ରକୁ ଅତୁଳନୀୟ ମାନ ପ୍ରଦାନ କରିବା ସୁଯୋଗ ପ୍ରଦାନ କରିବ। ନିଜର ବଜାର ଉପସ୍ଥିତି ସୁଦୃଢ଼ କରିବା ପ୍ରୟାସରେ ଓରିଏଣ୍ଟାଲ ଟ୍ରାଇମେକ୍ସ ଲିମିଟେଡ ଗ୍ରେଟର ନଏଡାର ସାଇଟ୍-୪ଠାରେ ୨୧,୦୦୦ ବର୍ଗଫୁଟ ପରିମିତ ସୋରୁମ୍‌ରେ ନିର୍ମାଣ ସାମଗ୍ରୀ ବଜାର ଶୁଭାରମ୍ଭ ସମ୍ପର୍କରେ ଆନନ୍ଦର ସହିତ ଘୋଷଣା କରିଛି।

## ରାଜ୍ୟରେ ଶୀତଳ ଭଣ୍ଡାର ଖୋଲିବା ନେଇ ବୈଠକ

ଭୁବନେଶ୍ୱର,୨୬।୮ (ମହାଭାରତ): ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧକ୍ଷତାରେ ସୋମବାର ରାଜ୍ୟରେ ଶୀତଳ ଭଣ୍ଡାର ଖୋଲିବା ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । କୃଷି ଭବନ ବୋର୍ଡ ରୁମ୍ ରେ ଆୟୋଜିତ ଏହି ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ, ସମବାୟ କମିଶନର ତଥା ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ ପ୍ରମୁଖ ଯୋଗଦେଇଥିଲେ ।



ଏହି ବୈଠକରେ ଫଳ, ପନିପରିବା ଓ ଦୁଟ ତଥା ଦୁଟଜାତ ଦ୍ରବ୍ୟର ସଂରକ୍ଷଣ ନିମନ୍ତେ ରାଜ୍ୟର ସମସ୍ତ ଜିଲ୍ଲା ତଥା ସବ୍‌ଡିଭିଜନ୍ ରେ ଶୀତଳ ଭଣ୍ଡାର ଖୋଲାଯିବା ଉପରେ ଆଲୋଚନା ହୋଇଥିଲା। ଓଡ଼ିଶାର ଜଳବାୟୁ ଓ ପାଣିପାଗ ଅନୁଯାୟୀ ଶୀତଳଭଣ୍ଡାରର ସ୍ଥାପନା ଓ ଏହାର ଖର୍ଚ୍ଚ ଆକଳନ ନେଇ ମନ୍ତ୍ରୀ ଶ୍ରୀ ସିଂହଦେଓ ସେବାପ୍ରଦାନକାରୀ ସଂସ୍ଥା ଓ ବିଶେଷଜ୍ଞମାନଙ୍କଠାରୁ ଅବଗତ ହୋଇଥିଲେ । ଜଳବାୟୁ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ଜଳବାୟୁ ଅନୁକୂଳ ଶୀତଳ ଭଣ୍ଡାର ପ୍ରତିଷ୍ଠା ଉପରେ ମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ । ପ୍ରଧାନମନ୍ତ୍ରୀ ପୋଷଣୀୟ ବିକାଶ ନିମନ୍ତେ ଅକ୍ଷୟ ଶକ୍ତି ଓ ସୌରଶକ୍ତିର ବ୍ୟବହାର ଉପରେ ଗୁରୁତ୍ୱ ଦେଉଥିବାରୁ ସୌରଶକ୍ତିଚାଳିତ ଶୀତଳ ଭଣ୍ଡାର ସ୍ଥାପନା ଉପରେ ବୈଠକରେ ଆଲୋଚନା ହୋଇଥିଲା । ଶୀତଳ ଭଣ୍ଡାର ପ୍ରତିଷ୍ଠା ନିମନ୍ତେ ସରକାର ୭୦% ପର୍ଯ୍ୟନ୍ତ ରିହାତି ଦେଉଥିବାରୁ ଏହାର ସୁଯୋଗ ନେଇ ଉଦ୍ୟୋଗୀମାନେ ଶୀତଳ ଭଣ୍ଡାର ପ୍ରତିଷ୍ଠା କରିବା ପାଇଁ ମନ୍ତ୍ରୀ ଶ୍ରୀ ସିଂହଦେଓ ପ୍ରସ୍ତାବ ଦେଇଥିଲେ । ସମବାୟ ବିଭାଗ, କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଓ ଶକ୍ତି ବିଭାଗର ଅଧିକାରୀମାନେ ପୂର୍ବରୁ ସ୍ଥାପନା ହୋଇ ସଫଳତାର ସହ କାର୍ଯ୍ୟ କରୁଥିବା ଶୀତଳଭଣ୍ଡାରଗୁଡ଼ିକୁ ପରିଦର୍ଶନ କରିବା ପାଇଁ ମନ୍ତ୍ରୀ ପରାମର୍ଶ ଦେଇଥିଲେ । ପରିଦର୍ଶନ ପରେ ମିଳିଥିବା ତଥ୍ୟକୁ ଭିତ୍ତିକରି ଚାହିଦା ମୁତାବକ ଶୀତଳ ଭଣ୍ଡାର ସ୍ଥାପନା ଦ୍ୱାରା କୃଷକମାନଙ୍କୁ ଆୟବୃଦ୍ଧି ସହ ଅହେତୁକ ଦରଦାମ ବୃଦ୍ଧିକୁ ରୋକାଯାଇପାରିବ ବୋଲି ପ୍ରମୁଖ ଶାସନ ସଚିବ ଡ. ପାଢ଼ୀ ଉଲ୍ଲେଖ କରିଥିଲେ। ବୈଠକରେ ବିଭିନ୍ନ ଶୀତଳ ଭଣ୍ଡାର ସେବା ପ୍ରଦାନକାରୀ ସଂସ୍ଥାର ପ୍ରତିନିଧିମାନେ ଅଂଶଗ୍ରହଣ କରି ନିଜ ନିଜ ସଂସ୍ଥାର ସେବା ପ୍ରଦାନ ବାବଦରେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ ।

## ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ବଳିଦାନ ଦିବସରେ ବିଶାଳ ଗଣଦୌଡ

ଭୁବନେଶ୍ୱର,୨୬।୮ (ମହାଭାରତ): ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ସ୍ମୃତି ନ୍ୟାସ ତରଫରୁ ଆଜି ପବିତ୍ର ଜନ୍ମାଷ୍ଟମୀ ଦିନ ସକାଳ ୭ ଘଟିକା ସମୟରେ ଭୁବନେଶ୍ୱର ୟୁନିଟ-୩, ପଦର୍ଶନୀ ପଡିଆ ଠାରୁ ୩୦୦୦ରୁ ଉର୍ଦ୍ଧ୍ୱ ଯୁବଶକ୍ତିଙ୍କ ଏକ ବିଶାଳ ଗଣଦୌଡ ଅନୁଷ୍ଠିତ ହୋଇ ଯାଇଛି । ଏହି ଗଣଦୌଡ ରାମ ମନ୍ଦିର, ଶ୍ରୀୟାଛକ, ମାଷ୍ଟର କ୍ୟାଂଟିନ,ଅଶୋକ ନଗର,ରାଜମହଲ, ଗରିଦୁର୍ଗା ଛକ ହୋଇ ପୁଣି ପଦର୍ଶନୀ ପଡିଆ ନିକଟରେ ପହଁଚିଥିଲା । ଏଠାରେ ଏକ ସଂକଳ୍ପ ସଭା ଅନୁଷ୍ଠିତ ହୋଇଥିଲା । ଏହି ସଂକଳ୍ପ ସଭାରେ ସାଧୁସନ୍ଥମାନେ ଉପସ୍ଥିତ ରହି ସ୍ୱାମୀଜୀଙ୍କ ତ୍ୟାଗ, ତପସ୍ୟା ବଳିଦାନର ଗାଥା ଯାହାକି ଆଜିର ଯୁବପୀଢିଙ୍କୁ ପ୍ରେରଣା ଦେବ ସେଥିପାଇଁ ସମସ୍ତ ଯୁବଶକ୍ତି ସଂକଳ୍ପ କରାଇଥିଲେ।

ଅଖିଳ ଭାରତୀୟ ସନ୍ଥ ସମିତିର ରାଷ୍ଟ୍ରୀୟ ସହ ସଂଗଠନ ମନ୍ତ୍ରୀ ସ୍ୱାମୀ ଶ୍ରଦ୍ଧାନନ୍ଦ ସରସ୍ୱତୀ ମହାରାଜ,ପୂର୍ବ ଭାରତ ତଥା ଓଡିଶାର ଅଧକ୍ଷ ମହାମଣ୍ଡଳେଶ୍ୱର ସ୍ୱାମୀ ଶଂକରାନନ୍ଦ ଗିରି ମହାରାଜ,ଓଡ଼ିଶାର ପ୍ରମୁଖ ରାଧାବଲ୍ଲଭ ମଠ ମହନ୍ତ ରାମକୃଷ୍ଣ ଦାସ ମହାରାଜ,ବରିଷ୍ଠ ସନ୍ୟାସୀ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ମହାରାଜ, ଦିବ୍ୟଜୀବନ ସଂଘର ସ୍ୱାମୀ ଦାମୋଦରାନନ୍ଦ ସରସ୍ୱତୀ ମହାରାଜ,ମହିମା ଅଲେଖ ଗାଦିର ବାବା ରମେଶ ମହାରାଜ,ସ୍ୱାମୀ ଜିଜ୍ଞାସାନନ୍ଦ ସରସ୍ୱତୀ ମହାରାଜ,ସ୍ୱାମୀ ନିର୍ବାଣନନ୍ଦ ଗିରି ମହାରାଜ, ବିଶ୍ୱହିନ୍ଦୁ ପରିଷଦର ପୂର୍ବାଂଚଳ ମନ୍ତ୍ରୀ ମହନ୍ତ କୃଷ୍ଣ ଗୋପାଳ ଦାସ ମହାରାଜ,ଭୁବନେଶ୍ୱରର ବିଶେଷ



ଚୈତନ୍ୟ ମହାରାଜ ଆଦି ଅନେକ ସାଧୁସନ୍ଥ ବୃନ୍ଦ ଉପସ୍ଥିତ ରହି ବିଶାଳ ଗଣଦୌଡ ସମାବେଶକୁ ଗୈରିକ ପତାକା ଉତୋଳନ ପୂର୍ବକ ଶୁଭାରମ୍ଭ କରିଥିଲେ। ଏହି ବିଶାଳ ଗଣଦୌଡରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ସ୍ମୃତି ନ୍ୟାସର ମ୍ୟାନେଜିଂ ଟ୍ରଷ୍ଟି ଶ୍ରୀ ମନସୁଖଲାଲ ସେଠିଆଙ୍କ ସମେତ ବିଭିନ୍ନ ସାମାଜିକ ଓ ଧାର୍ମିକ ସଂଗଠନର ପ୍ରମୁଖମାନେ ଉପସ୍ଥିତ ଥିଲେ । ଜୟକୃଷ୍ଣ ପୃଷ୍ଟି ଏହି କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ।

ଏହି ଆଶିର୍ବଚନ ସଭାରେ ସାଧୁସନ୍ଥମାନେ ପ୍ରକାଶ କରିଥିଲେ ଯେ,ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ୧୯୨୪ ମସିହାରେ ଓଡିଶାର ଅନୁଗୁଳ ଜିଲ୍ଲାର ଗୁରୁଜଙ୍ଗ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ୧୯୬୫ ରେ ହିମାଳୟରୁ ଫେରି ସେଥିପାଇଁ ଗୋହତ୍ୟା ଓ ଧର୍ମାନ୍ତରଣ ବିରୋଧୀ ଆନ୍ଦୋଳନରେ ଯୋଗ ଦେବାକୁ ଓଡିଶା ଆସିଥିଲେ । ୧୯୬୮ ମସିହାରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଯୋଜନାରେ କନ୍ଧମାଳ ଜିଲ୍ଲାକୁ ଯାଇଥିଲେ । ସ୍ୱାମୀଜୀ ଚାରି ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟଧରି ସଂପୃକ୍ତ ଅଂଚଳର ସାମାଜିକ,ଧାର୍ମିକ ଓ ଅର୍ଥନୈତିକ ବିକାଶଲାଗି ନିରବଚ୍ଛିନ୍ନଭାବେ କାର୍ଯ୍ୟ କରିବା ସହିତ ସେମାନଙ୍କୁ ସଶକ୍ତକରି ଠିଆ କରିବା ପାଇଁ ପ୍ରୟାସ କରିଚାଲିଥିଲେ। ଶିକ୍ଷା କ୍ଷେତ୍ରରେ ଉନ୍ନତି ଆଣିବା ଲାଗି ସ୍ୱାମୀଜୀ ଚକାପାଦ ଓ ଜଳେଶପଟ୍ଟା ଠାରେ ଆବାସିକ ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ଛାତ୍ରୀନିବାସ ମଧ୍ୟ ପ୍ରତିଷ୍ଠା କରିଥିଲେ। ଜିଲ୍ଲାର ସବୁ ଗ୍ରାମରେ ସତ୍‌ସଙ୍ଗ କେନ୍ଦ୍ର ସ୍ଥାପନ କରିଥିଲେ।

## ପ୍ରଫୁଲ୍ଲ ସାମନ୍ତରାଙ୍କ ଉପରେ ପୋଲିସ ଜୁଲମକୁ ନିନ୍ଦା

ଭୁବନେଶ୍ୱର,୨୬।୮ (ମହାଭାରତ): ଖ୍ୟାତନାମା ପରିବେଶବିତ୍ ତଥା ଗ୍ରୀନ ନୋବେଲ ବିଜେତା ପ୍ରଫୁଲ୍ଲ ସାମନ୍ତରାଙ୍କୁ ବରଗଡ଼ ଜିଲ୍ଲା ଭଟଲି କଲେଜରେ ଏକ ଆଲୋଚନା ଚକ୍ରରେ ଯୋଗଦେବା ଓ ପରେ ବରଗଡ଼ ସମତା ଭବନରେ କୃଷକ ପ୍ରଶିକ୍ଷଣ ଶିବିରରେ ଯୋଗଦେବା ପାଇଁ ଗତ ୨୩ ଅଗଷ୍ଟ ସକାଳେ ବରଗଡ଼ ରେଳ ଷ୍ଟେସନରେ ଓହ୍ଲାଇବା ପରେ ତାଙ୍କୁ ବିନା କାରଣରେ ପୋଲିସ ଅଟକ ରଖିବା ଘଟଣାକୁ ଗାନ୍ଧୀବାଦୀ ଗଣ ସଙ୍ଗଠନ ସମୂହଙ୍କ ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି। ବିଶିଷ୍ଟ କୃଷକ ନେତା ଲିଙ୍ଗରାଜ ଓ ତାଙ୍କ ସହକର୍ମୀମାନେ ବରଗଡ଼ ଷ୍ଟେସନରୁ ଶ୍ରୀ ସାମନ୍ତରାଙ୍କୁ ପାଛୋଟି ନେବା ପାଇଁ ଆସିଥିବା ବେଳେ ପୋଲିସ ଅଟକ ଘଟଣା ସମ୍ପର୍କରେ ଅବଗତ ହେବା ସହ ବଲାଙ୍ଗୀର ଜିଲ୍ଲାର ସୁକତେଲ ବିସ୍ଥାପିତଙ୍କ ଘଟଣାରେ ହୁଏତ ସାମନ୍ତରା ସାମିଲ ହୋଇପାରନ୍ତି ବୋଲି ଅଧାରଣା ନେଇ ବଲାଙ୍ଗୀର ପୋଲିସ ସମ୍ବଲପୁର ରେଳ ଷ୍ଟେସନ ଠାରୁ ତାଙ୍କୁ ଅଟକ ରଖିବା ପାଇଁ ଉଦ୍ୟମ କରିଥିଲେ। ବରଗଡ଼ ଜିଲ୍ଲାରେ ଦୁଇଟି କାର୍ଯ୍ୟକ୍ରମରେ କାର୍ଯ୍ୟ ନିର୍ଘଂଟ ବାବଦରେ ଶ୍ରୀ ଲିଙ୍ଗରାଜଙ୍କ ଠାରୁ ଅବଗତ ହେଲା ପରେ ପୁଲିସ ସାମନ୍ତରାଙ୍କୁ ଛାଡିଥିଲା। ଉଦବେଗର ବିଷୟ ଏହିକି ସ୍ୱାଧୀନ ଭାରତରେ ଜଣେ ଖ୍ୟାତନାମା ପରିବେଶବିତ୍ କୌଣସି ଅଂଚଳକୁ ଗଲାବେଳେ ପୋଲିସର ବାରମ୍ବାର ଏତାଦୃଶ ଏକଛତ୍ରବାଦୀ ଭୂମିକାକୁ ନିନ୍ଦା କରିବା ସହ ରାଜ୍ୟର ବିଜେପି ସରକାର ଏଭଳି ହୀନ ଉଦ୍ୟମରୁ ବିରତ ରହିବା ପାଇଁ ଉତ୍କଳ ଗାନ୍ଧୀ ସ୍ମାରକ ନିଧି, ଲୋହିଆ ଏକାଡେମୀ, ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ, ଉତ୍କଳ ସର୍ବୋଦୟ ମଣ୍ଡଳ ଓ ରାଷ୍ଟ୍ରୀୟ ଯୁବା ସଙ୍ଗଠନ ପକ୍ଷରୁ କୃଷ୍ଣା ମହାନ୍ତି, ଜଷ୍ଟିସ ମନୋରଞ୍ଜନ ମହାନ୍ତି, ଡଃ ବିଶ୍ୱଜିତ, ଦେବପ୍ରସାଦ ରାୟ, ଲକ୍ଷ୍ମୀପ୍ରିୟା ମହାନ୍ତି, ମିହିର ପ୍ରତାପ ଦାସ, ଜୟନ୍ତ କୁମାର ଦାସ, ଆର୍ଯ୍ୟଭଟ୍ଟ ମହାନ୍ତି, ସୂର୍ଯ୍ୟ ନାରାୟଣ ନାଥ, ମାନସ ପଟ୍ଟନାୟକ ପ୍ରମୁଖ ଏକ ମିଳିତ ପ୍ରେସ ବିବୃତିରେ ପ୍ରକାଶ କରିଛନ୍ତି।

## କ୍ରମ୍ପଟନ୍ ପକ୍ଷରୁ ସୌରଶକ୍ତି ଚାଳିତ ଷ୍ଟ୍ରିଟ୍ ଲାଇଟିଂ ବ୍ୟବସ୍ଥା

ଭୁବନେଶ୍ୱର,୨୬।୮ (ମହାଭାରତ): ନବୋନ୍ମେଷୀ ଲାଇଟିଂ ସମାଧାନ କ୍ଷେତ୍ରରେ ଏକ ଅଗ୍ରଣୀ କମ୍ପାନୀ କ୍ରମ୍ପଟନ୍ ଗ୍ରୀଭସ୍ କଞ୍ଜୁମର ଇଲେକ୍‌ଟ୍ରିକାଲ୍ସ ଲିମିଟେଡ ଓଡ଼ିଶାର ବୀରମିତ୍ରପୁର ମ୍ୟୁନିସିପାଲିଟିରେ ସଫଳତାର ସହିତ ଏକ ଯୁଗାନ୍ତକାରୀ ସୌରଶକ୍ତି ଚାଳିତ ଷ୍ଟ୍ରିଟ ଲାଇଟିଂ ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ଅନ୍ୟତମ ପ୍ରମୁଖ ପ୍ରକଳ୍ପ କଣ୍ଟ୍ରାକ୍ଟିଂ କମ୍ପାନୀ ଇଷ୍ଟର୍ଣ୍ଣ ଇଞ୍ଜିନିୟରିଂ ସହିତ ହାତ ମିଳାଇଛି। ଏହି ରୂପାନ୍ତରଣକାରୀ ପ୍ରକଳ୍ପ ମ୍ୟୁନିସିପାଲିଟିକୁ ସର୍ବାଧୁନିକ ସୌରଶକ୍ତି ଚାଳିତ ଷ୍ଟ୍ରିଟ ଲାଇଟଗୁଡିକ ସହିତ ଆଲୋକିତ କରିବ, ଯାହା ଏକ ନିରାପଦ ଏବଂ ଅଧିକ ଦୀର୍ଘସ୍ଥାୟୀ ଓଡ଼ିଶା ନିମନ୍ତେ ଏକ ଉଲ୍ଲେଖନୀୟ ପଦକ୍ଷେପ ହୋଇଛି।

ବୀରମିତ୍ରପୁର ମ୍ୟୁନିସିପାଲଟି ଅଫ୍ ଗ୍ରୀଡ ଅଞ୍ଚଳଗୁଡିକରେ ଆଲୋକୀକରଣ କରି ଜନସାଧାରଣଙ୍କ ନିରାପତ୍ତା ଏବଂ ସୁରକ୍ଷାରେ ବୃଦ୍ଧି ଘଟାଇବା ଲକ୍ଷ୍ୟ ରଖିଛି। ଦୁର୍ଘଟଣା ହ୍ରାସ, ଅପରାଧିକ କାର୍ଯ୍ୟକଳାପକୁ ରୋକିବା ଏବଂ ଅଧିବାସୀଙ୍କ ମଧ୍ୟରେ ଏକ ନିରାପଦ ମନୋଭାବ ସୃଷ୍ଟି କରିବା, ବିଶେଷକରି ପୂର୍ବରୁ ନିର୍ଭରଯୋଗ୍ୟ ଆଲୋକୀକରଣ ଅଭାବ ଥିବା ଅଞ୍ଚଳଗୁଡିକରେ ପର୍ଯ୍ୟାପ୍ତ ଏବଂ ଉପଯୁକ୍ତ ଆଲୋକୀକରଣ ନିତାନ୍ତ ଆବଶ୍ୟକ ହୋଇଛି। ଏକ ଦୀର୍ଘସ୍ଥାୟୀ ଏବଂ ଖର୍ଚ୍ଚ ସଞ୍ଚୟକାରୀ ସମାଧାନର ଆବଶ୍ୟକତାକୁ ହୃଦୟଙ୍ଗମ କରି ମ୍ୟୁନିସିପାଲିଟି କ୍ରମ୍ପଟନ୍ ଦ୍ୱାରା ଏକ ଉନ୍ନତ ଆଲୋକୀକରଣ ଭିତ୍ତିଭୂମି କାର୍ଯ୍ୟକାରୀ କରିଛି। କ୍ରମ୍ପଟନ୍‌ର ସୌରଶକ୍ତି ଚାଳିତ ଆଲୋକୀକରଣ ପ୍ରଯୁକ୍ତି କ୍ଷେତ୍ରରେ ବିଶେଷ ଜ୍ଞାନକୁ ଉପଯୋଗ କରି ଉଚ୍ଚ ପ୍ରଦର୍ଶନକ୍ଷମ ସୌରଶକ୍ତି ଚାଳିତ ରାସ୍ତାକଡ ଆଲୋକ ବ୍ୟବସ୍ଥା ୫ କିଲୋମିଟର ବ୍ୟାପୀ ରାସ୍ତାରେ ଲଗାଯାଇଛି। ଏହି ପ୍ରୟାସ କେବଳ ଦୃଶ୍ୟମାନତାରେ ବୃଦ୍ଧି ଘଟାଇନାହିଁ, ତାହାସହିତ ସହରର ସୌନ୍ଦର୍ଯ୍ୟରେ ଉନ୍ନତି ଆଣିଛି ଏବଂ ଉନ୍ନତ ଆଲୋକ ବ୍ୟବସ୍ଥା ଦ୍ୱାରା ଏକ ନିରାପଦ ଏବଂ ଅଧିକ ସୁସଂହତ ଗୋଷ୍ଠୀ ବ୍ୟବସ୍ଥା ସୃଷ୍ଟି କରିଛି। ବୀରମିତ୍ରପୁର ମ୍ୟୁନିସିପାଲିଟିର ନିର୍ଦ୍ଦିଷ୍ଟ ଆଲୋକୀକରଣ ଆବଶ୍ୟକତା ପୂରଣ କରିବା ନିମନ୍ତେ କ୍ରମ୍ପଟନ୍ ୯୦୦୦ ଲୁମେନ୍ ସମନ୍ୱିତ ସୌରଶକ୍ତି ଚାଳିତ ରାସ୍ତାପାର୍ଶ୍ୱ ଆଲୋକୀକରଣ ସମାଧାନ ଯୋଗାଇ ଦେଇଛି, ଯାହା ସଡକ ନିରାପତ୍ତାରେ ଉଲ୍ଲେଖନୀୟ ଉନ୍ନତି ଆଣିବା ସହିତ ଅଧିବାସୀଙ୍କର ସାମଗ୍ରିକ ଜୀବନଧାରଣ ମାନରେ ଉନ୍ନତି ଆଣୁଛି। କ୍ରମ୍ପଟନ୍‌ର ସଦ୍ୟତମ ପ୍ରୟାସ ସମ୍ପର୍କରେ ପ୍ରକାଶ କରି ଶାଲିନ୍ ନାୟକ, ଭାଇସ୍ ପ୍ରେସିଡେଣ୍ଟ ଓ ବିଜିନେସ୍ ହେଡ- ଲାଇଟିଂ, କ୍ରମ୍ପଟନ୍ ଗ୍ରୀଭସ୍ କଞ୍ଜୁମର ଇଲେକ୍‌ଟ୍ରିକାଲ୍ସ ଲିମିଟେଡ କହିଛନ୍ତି, "ଆମେ ଉଲ୍ଲସିତ ଯେ କ୍ରମ୍ପଟନ୍ ଉତ୍ପାଦଗୁଡିକ ବୀରମିତ୍ରପୁର ମ୍ୟୁନିସିପାଲିଟି ଦ୍ୱାରା ସହରରେ ଆଲୋକୀକରଣ ସମାଧାନ ଯୋଗାଇଦେବାକୁ ମନୋନୀତ ହୋଇଛି।

## ଆଇଆଇଟି ଭୁବନେଶ୍ୱର ପକ୍ଷରୁ ବିଶ୍ୱ ଉଦ୍ୟମିତା ଦିବସ ପାଳିତ

ଭୁବନେଶ୍ୱର,୨୬।୮ (ମହାଭାରତ): ବିଶ୍ୱ ଉଦ୍ୟମିତା ଦିବସ ଉତ୍ସବର ଏକ ଅଂଶ ଭାବରେ ଭାରତୀୟ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱରର ଅନୁସନ୍ଧାନ ଏବଂ ଉଦ୍ୟୋଗୀ ପାର୍କ ପକ୍ଷରୁ ଛାତ୍ରଛାତ୍ରୀ ତଥା ଆଇଆଇଟି ଦ୍ୱାରା ଅନ୍ତର୍ଭୁକ୍ତ ପ୍ରାୟ ୩୦ଟି ଷ୍ଟାର୍ଟ ଅପ୍ ସହିତ ଏକ ସମୃଦ୍ଧ ଇଂଟରାକ୍ଟିଭ୍ ଅଧିବେଶନ ଆୟୋଜିତ ହୋଇଥିଲା। ଏହି ଅଧିବେଶନଗୁଡିକ ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ୍ କରମଲକର, ଉତ୍କଳ ଚାମ୍ବର ଅଫ୍ କମର୍ସ୍ ଆଣ୍ଡ୍ ଇଣ୍ଡଷ୍ଟ୍ରି (ୟୁସିସିଆଇ) ଲିମିଟେଡ଼ର ସଭାପତି ବ୍ରହ୍ମାନନ୍ଦ ମିଶ୍ର ଏବଂ କିଛି ସଫଳ ଷ୍ଟାର୍ଟ ଅପର ପ୍ରତିଷ୍ଠାତା ଏହି ଆଲୋଚନା ଅଧିବେଶନର ସଂଚାଳନ କରିଥିଲେ। ଏହି ଅଧିବେଶନ ଷ୍ଟାର୍ଟ-ଅପମାନଙ୍କ ପାଇଁ ସେମାନଙ୍କର ଯାତ୍ରା, ଆହ୍ୱାନ ଏବଂ ଅଭିନବ ସମାଧାନକୁ ସିଧାସଳଖ ନିର୍ଦ୍ଦେଶକଙ୍କ ସହ ବାଣ୍ଟିବା ପାଇଁ ଏକ ଫଳପ୍ରଦ ସୁଯୋଗ ପ୍ରଦାନ କରିବା ସହ ସହଯୋଗ ଏବଂ ପରାମର୍ଶର ଅବସର ପ୍ରଦାନ କରିଥିଲା। ଏହି ଅବସରରେ ପ୍ରଫେସର କରମଲକର ଉଲ୍ଲେଖ କରିଥିଲେ ଯେ ଅର୍ଥନୈତିକ ବିକଶିତ ଦେଶମାନଙ୍କରେ ବୟସ୍କ କାର୍ଯ୍ୟାବଳୀ ମଧ୍ୟରୁ ୧୫% ରୁ ଅଧିକ ଉଦ୍ୟୋଗୀ । ତେଣୁ ଅର୍ଥନୈତିକ ବିକାଶ ପାଇଁ ଉଦ୍ୟମିତା ଆବଶ୍ୟକ। ଉଦ୍ୟୋଗୀମାନେ ହେଉଛନ୍ତି ସେହି ବ୍ୟକ୍ତି ଯେଉଁମାନେ ସୁରକ୍ଷା ଏବଂ ଆରାମଦାୟକ ଜୀବନକୁ ନବାଛି ଆହ୍ୱାନଭରା ଜୀବନ ବାଛନ୍ତି । ଯଦି ଆମେ ଉଦ୍ୟୋଗକୁ ପ୍ରୋତ୍ସାହିତ କରିବାକୁ ଚାହୁଁ ଏବଂ ଏହିପରି ଅର୍ଥନୈତିକ ବିକାଶକୁ ପ୍ରୋତ୍ସାହିତ କରିବାକୁ ଚାହୁଁ, ତେବେ ପିଲାଦିନରୁ ହିଁ ନାଗରିକଙ୍କ ମଧ୍ୟରେ ଏପରି ଜୀବନଶୈଳୀ ପାଇଁ ଆମକୁ ମୂଲ୍ୟ ସୃଷ୍ଟି କରିବାକୁ ପଡିବ ବୋଲି ସେ ମତ ବ୍ୟକ୍ତ କରିଥିଲେ। ଆହୁରି ମଧ୍ୟ, ବିକଶିତ ଦେଶମାନଙ୍କରେ, ଉଚ୍ଚଶିକ୍ଷା ପ୍ରତିଷ୍ଠାନଗୁଡ଼ିକର ପାଠ୍ୟକ୍ରମରେ ଉଦ୍ୟମିତା ସମ୍ବନ୍ଧୀୟ ପାଠ୍ୟକ୍ରମର ଉପସ୍ଥିତି ଏବଂ ଷ୍ଟାର୍ଟ୍ ଅପରେ ପ୍ରାୟ ୫% ଅଧ୍ୟାପକଙ୍କ ଯୋଗଦାନ ହେତୁ ଗବେଷଣାର ଏକ ବଡ଼ ଅଂଶ ବ୍ୟବସାୟିକ ହୋଇପାରିଥାଏ। ଆଇଆଇଟି ଭୁବନେଶ୍ୱର ଏହି ପର୍ଯ୍ୟବେକ୍ଷଣ ପରେ ଉଦ୍ୟୋଗୀ ମାନସିକତାର ବିକାଶ ପାଇଁ ଅନେକ ପଦକ୍ଷେପ ଆରମ୍ଭ କରିଛି ବୋଲି ପ୍ରଫେସର କରମଲକର କହିଛନ୍ତି। ପ୍ରତିଷ୍ଠାନ ଦ୍ୱାରା ପ୍ରାୟ ୧୩୦ କୋଟି ଟଙ୍କା ନିବେଶରେ ୧୩,୫୦୦ ବର୍ଗ ମିଟର ପରିମିତ ଅଂଚଳରେ ଏହାର ଗବେଷଣା ଏବଂ ଉଦ୍ୟମିତା ପାର୍କ୍ ପ୍ରତିଷ୍ଠା କରାଯାଉଛି ଯାହା ୧୫୦ ଷ୍ଟାର୍ଟ ଅପ୍ ପାଇଁ ସହ-କାର୍ଯ୍ୟ ସ୍ଥାନ ଏବଂ କର୍ମଶାଳା ସୁବିଧା ଯୋଗାଇବ। ଶିକ୍ଷା ମନ୍ତ୍ରୀ ଫେବୃଆରୀ ୨୦୨୪ ରେ ଆଇଆଇଟି ବିବିଏସ୍ ରିସର୍ଚ୍ଚ ଆଣ୍ଡ୍ ଏଣ୍ଟରପ୍ରେନ୍ୟରସିପ୍ ପାର୍କର ଯୁଗାନ୍ତକାରୀ ୧୦୦-କ୍ୟୁବ୍ ଷ୍ଟାର୍ଟ ଅପ୍ ପଦକ୍ଷେପର ଶୁଭାରମ୍ଭ କରିଥିଲେ। ଏହି ଦୂରଦୃଷ୍ଟିସମ୍ପନ୍ନ କାର୍ଯ୍ୟକ୍ରମ ୨୦୩୬ ମସିହାରେ ସ୍ୱତନ୍ତ୍ର ଓଡ଼ିଶାର ୧୦୦ତମ ବାର୍ଷିକୀ ସୁଦ୍ଧା ପ୍ରତ୍ୟେକ ୧୦୦ କୋଟି ଟଙ୍କା ମୂଲ୍ୟର ୧୦୦ଟି ଷ୍ଟାର୍ଟ ଅପ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛି। ଆଇଆଇଟି ଭୁବନେଶ୍ୱରରେ କାର୍ଯ୍ୟରତ ଅଧ୍ୟାପକଙ୍କ ମଧ୍ୟରୁ ପ୍ରାୟ ୫% ଏହି ଷ୍ଟାର୍ଟ ଅପରେ ସହଯୋଗ କରିବେ ବୋଲି ସେ ସୂଚନା ଦେଇଥିଲେ। ଏହି ଲକ୍ଷ୍ୟ ହାସଲ କରିବା ପାଇଁ ପ୍ରତିଷ୍ଠାନ ସମସ୍ତ ପିଏଚଡି ଏବଂ ଏମଏସ ଛାତ୍ରମାନଙ୍କ ପାଇଁ ଇଣ୍ଟରାକ୍ଟିଭ୍ ବକ୍ତୃତା, ଉପନ୍ୟାସ, କାର୍ଯ୍ୟକଳାପ ଏବଂ ଆଲୋଚନା ବ୍ୟବହାର କରି ଅନୁସନ୍ଧାନ ଏବଂ ଉଦ୍ୟୋଗର ସ୍ୱାଦ ସୃଷ୍ଟି କରିବା ପାଇଁ 'ଗବେଷଣା ଏବଂ ଉଦ୍ୟମିତାର ପରିଚୟ' ଶୀର୍ଷକ ଏକ ପାଠ୍ୟକ୍ରମ ଆରମ୍ଭ କରିଛି। ଅଧିକନ୍ତୁ, ଅନୁଷ୍ଠାନ ଭିତରେ ଏବଂ ବାହାରେ ଆଗ୍ରହୀ ବ୍ୟକ୍ତିଙ୍କ ପାଇଁ ଷ୍ଟାର୍ଟ ଅପ୍ ଇକୋସିଷ୍ଟମ୍ ଏକ୍ସପୋଜର ପରିଦର୍ଶନ ଏବଂ ବ୍ୟବସାୟିକୀକରଣ କର୍ମଶାଳା ପାଇଁ ଯୋଜନା କରାଯାଇଛି । ବି.ଟେକ୍ ଛାତ୍ରଛାତ୍ରୀମାନଙ୍କ ପାଇଁ 'ଇନୋଭେସନ୍ ଆଣ୍ଡ ପ୍ରଡକ୍ଟ ଡେଭଲପମେଣ୍ଟ' ଉପରେ କାର୍ଯ୍ୟକ୍ରମ ପାଇଁ ଏକ ଛୋଟ ଡିଗ୍ରୀ ପ୍ରବର୍ତ୍ତିତ ହୋଇଛି । ବିଦ୍ୟାଳୟ ସମୟରୁ ହିଁ ଓଡିଆ ଜନସାଧାରଣଙ୍କ ମଧ୍ୟରେ ଉଦ୍ୟୋଗୀ ସଂସ୍କୃତି ବୃଦ୍ଧି କରିବା ପାଇଁ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ପାଇଁ ନିୟମିତ ସଚେତନତା କାର୍ଯ୍ୟକ୍ରମ ଏବଂ କର୍ମଶାଳାର ଯୋଜନା କରାଯାଇଛି ବୋଲି ପ୍ରଫେସର କରମଲକର କହିଛନ୍ତି। ଏହି ଦିଗରେ ଆଇଆଇଟି ଭୁବନେଶ୍ୱରର ଉଦ୍ୟମକୁ ସମର୍ଥନ କରିବାକୁ ସେମାନଙ୍କର ଧାରଣା ଏବଂ ପ୍ରୟାସ ସହିତ ଅଂଶଗ୍ରହଣକାରୀମାନଙ୍କୁ ସେ ଅନୁରୋଧ କରିଥିଲେ।

# କେବେ ସ୍ୱାବଲମ୍ବୀ ?

ଧନୀ ଏବଂ ମୋଟା ଅଙ୍କର ଦରମା ସହ ଦୁର୍ନୀତିପୂର୍ଣ୍ଣ ଉପାୟରେ ବିପୁଳ ଅର୍ଥ ରୋଜଗାର କରୁଥିବା ବ୍ୟକ୍ତିଙ୍କ କଥା ଅଲଗା। ସେମାନଙ୍କୁ ଦର ବୃଦ୍ଧି ବାଧେନି। କିନ୍ତୁ ସେମାନଙ୍କ ସଂଖ୍ୟା ଜନସଂଖ୍ୟାର ମାତ୍ର ୨ ପ୍ରତିଶତ। ବାକି ୯୮ ପ୍ରତିଶତ ଲୋକ ଦୁର୍ଦ୍ଦଶାରେ କାଳାତିପାତ କରୁଛନ୍ତି। କେବଳ ଏବେ ନୁହେଁ, ପ୍ରତିବର୍ଷ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି। ଟମାଟୋ ଦର ବଢ଼ିଲେ ଚଳିବ। ଏହାର ବ୍ୟବହାର ସୀମିତ ଏବଂ କିଛି ଦିନ ଟମାଟୋ ନକିଣିଲେ କିଛି ଯାଏ ଆସେ ନାହିଁ। କିନ୍ତୁ ଆଳୁ ଏକ ଅତି ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ। ଚାଉଳ, ଗହମ ପରେ ସମ୍ଭବତଃ ସର୍ବାଧିକ ବ୍ୟବହାର ହେଉଥିବା ଖାଦ୍ୟ ସାମଗ୍ରୀ ହେଲା ଆଳୁ। ଗୋଟିଏ ଛୋଟ ପରିବାର ପାଇଁ ମଧ୍ୟ ଦୈନିକ ହାରାହାରି ଅଧକିଲୋ ଆଳୁର ଆବଶ୍ୟକତା ରହିଛି। ଏହାର ଦର ବୃଦ୍ଧି ନିଶ୍ଚିତ ଭାବେ ସାଧାରଣ ଜନତାଙ୍କ ପାଇଁ ବେଢ଼ି ଉପରେ କୋରଡ଼ା ସଦୃଶ। ଆମେ ଆଳୁ ପାଇଁ ପଶ୍ଚିମବଙ୍ଗ ଉପରେ ସମ୍ପୂର୍ଣ୍ଣ ନିର୍ଭର କରୁଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଓଡ଼ିଶା-ପଶ୍ଚିମବଙ୍ଗ ସୀମାରେ ଟିଏମସି ଗୁଣ୍ଡାମାନେ ଆଳୁ ଟ୍ରକ ଅଟକାଉଛନ୍ତି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ପଶ୍ଚିମବଙ୍ଗ ପୋଲିସ ମଧ୍ୟ ଆଳୁ ଟ୍ରକ ଅଟକାଇବା ସହିତ ଟ୍ରକ ଡ୍ରାଇଭରମାନଙ୍କୁ ହଇରାଣ କରୁଛନ୍ତି। ବାଧ୍ୟ ହୋଇ ଆଳୁ ଟ୍ରକ ଫେରିଯାଉଛି। ଏଥିରେ ପଶ୍ଚିମବଙ୍ଗର ବ୍ୟବସାୟୀ ଏବଂ ଆଳୁ ଚାଷୀ କ୍ଷତିଗ୍ରସ୍ତ ହେଉଛନ୍ତି।ଓଡ଼ିଶାରେ ବିଜେପି ସରକାର ଗଠିତ ହେବା ପରେ ମମତା ବାନାର୍ଜୀ ଅସହିଷ୍ଣୁ ହୋଇ ଏଭଳି ନିମ୍ନ ଧରଣର ରାଜନୀତି କରୁଛନ୍ତି। ଏବେ ରାଜ୍ୟ ସରକାର ବିକଳ୍ପ ବ୍ୟବସ୍ଥା ସ୍ୱରୂପ ପଶ୍ଚିମବଙ୍ଗ ପରିବର୍ତ୍ତେ ୟୁପିରୁ ଆଳୁ ଆଣିବା ବ୍ୟବସ୍ଥା କରୁଛନ୍ତି। ଏହା ଟିକେ ବ୍ୟୟ ବହୁଳ ହେବ। କାରଣ ପଶ୍ଚିମବଙ୍ଗ ତୁଳନାରେ ୟୁପିରୁ ଆଳୁ ଆଣିବାରେ ପରିବହନ ଖର୍ଚ୍ଚ ଅଧିକ ହେବ। କିନ୍ତୁ ତତ୍କାଳ ଆବଶ୍ୟକତା ପୂରଣ ନିମନ୍ତେ ଏହା ବ୍ୟତିତ ଅନ୍ୟ ପନ୍ଥା ନାହିଁ। ଏହା କିନ୍ତୁ ସମସ୍ୟାର ସ୍ଥାୟୀ ସମାଧାନ ପନ୍ଥା ନୁହେଁ। ମମତା ବାନାର୍ଜୀ ସବୁ ବେଳେ ଅଭିଯୋଗ କରୁଛନ୍ତି ଯେ, ବିଜେପି ଶାସନ କାଳରେ ଦେଶର ସଂଘୀୟ ବ୍ୟବସ୍ଥା ବିପଦରେ ପଡ଼ିଛି। କିନ୍ତୁ ବାସ୍ତବରେ ସେ ହିଁ ସଂଘୀୟ ବ୍ୟବସ୍ଥା ପ୍ରତି ବିପଦ ସୃଷ୍ଟି କରୁଛନ୍ତି। ପଶ୍ଚିମବଙ୍ଗ ମଧ୍ୟ ଅନେକ କ୍ଷେତ୍ରରେ ଓଡ଼ିଶା ଉପରେ ନିର୍ଭରଶୀଳ। ଏହା ହେଉଛି ଭାରତର ସ୍ୱତନ୍ତ୍ରତା। ଦେଶର ବିଭିନ୍ନ ରାଜ୍ୟ ପରସ୍ପର ଉପରେ ନିର୍ଭର କରି ଚଳୁଛନ୍ତି। କେହି ସବୁ କ୍ଷେତ୍ରରେ ସମ୍ପୂର୍ଣ୍ଣ ସ୍ୱାବଲମ୍ବୀ ନୁହଁନ୍ତି। ଓଡ଼ିଶା ଏବଂ ଅନ୍ୟାନପ୍ୟ ରାଜ୍ୟରୁ ପଶ୍ଚିମବଙ୍ଗକୁ ମଧ୍ୟ ଅନେକ ସାମଗ୍ରୀ ସଡ଼କ ପଥରେ ଯାଉଛି। ପଶ୍ଚିମବଙ୍ଗ-ଓଡ଼ିଶା ସୀମାରେ ଯଦି ଓଡ଼ିଶାବାସୀ ଏସବୁ ଟ୍ରକକୁ ଅଟକାଇବେ ତେବେ ପରିସ୍ଥିତି କ'ଣ ହେବ ? ଏବେ ଓଡ଼ିଶା ସରକାର କହିଛନ୍ତି ଯେ, ପଶ୍ଚିମବଙ୍ଗକୁ ବୟକଟ କରାଯିବ। ସେମାନେ ଓଡ଼ିଶାକୁ ଆଳୁ ଛାଡ଼ିବା ଉପରେ କଟକଣା ଲଗାଇବେ , ତା ପୂର୍ବରୁ ଓଡ଼ିଶା ପଶ୍ଚିମବଙ୍ଗରୁ ଆଳୁ କିଣିବା ବନ୍ଦ କରିବ। ଏହା ସ୍ୱାଗତଯୋଗ୍ୟ। କିନ୍ତୁ ଏହା ସମସ୍ୟାର ସ୍ଥାୟୀ ସମାଧାନ ପନ୍ଥା ନୁହେଁ। ମାଗି ଆଣିଲା ତିଅଣରେ କେତେଦିନ ଚଳିବା ? ଏଥିଲାଗି ଆମକୁ ଆତ୍ମନିର୍ଭରଶୀଳ ହେବାକୁ ପଡ଼ିବ। ଏହା ଗୋଟିଏ ଦିନରେ ସମ୍ଭବ ନୁହେଁ। ଏଥିଲାଗି କିଛି ବର୍ଷ ଲାଗିବ। ଆଳୁ ଉତ୍ପାଦନ ବୃଦ୍ଧି ଏବଂ ସଂରକ୍ଷଣ ନିମନ୍ତେ ଯୋଜନା ଏବଂ ବ୍ୟବସ୍ଥା କରିବାକୁ ପଡ଼ିବ। ରାଜ୍ୟ ସରକାର ଏବେ ୫୮ଟି ଶୀତଳ ଭଣ୍ଡାର ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଉତ୍ପାଦିତ ଆଳୁ ଏହିସବୁ ଶୀତଳ ଭଣ୍ଡାରରେ ସଂରକ୍ଷିତ ରଖାଯାଇପାରିବ। ଏଥିଲାଗି ଏକ ୫ ବର୍ଷିଆ ଯୋଜନା କରିବାକୁ ପଡ଼ିବ। ପ୍ରତିବର୍ଷ ଆଳୁ ଉତ୍ପାଦନ ବଢ଼ାଇବାକୁ ପଡ଼ିବ। ଚାଷୀଙ୍କୁ ଏଥିଲାଗି ସହାୟତା ଏବଂ ପ୍ରୋତ୍ସାହନ ଦେବାକୁ ପଡ଼ିବ। ଅତୀତରେ ନବୀନ ପଟ୍ଟନାୟକ ସରକାରେ ଆଳୁ ମିଶନ ଆରମ୍ଭ କରିଥିଲେ।

# ବିଶ୍ୱ ସମସ୍ୟା

"
*ଆଜିର ପୃଥିବୀ ନୂତନ ନିୟମ, ନୂତନ ଶିକ୍ଷା ପଦ୍ଧତି, ନୂତନ ସମାଜ ଅଥବା ନୂତନ ଧର୍ମ ଆବଶ୍ୟକ କରୁନାହିଁ। ମନ ପାଇଁ ଆରୋଗ୍ୟ ଆବଶ୍ୟକ, ହୃଦୟ ପବିତ୍ରତାରେ ପୂର୍ଣ୍ଣ ହେବା ଆବଶ୍ୟକ। ପବିତ୍ରତା ଅଙ୍କୁରିତ ହେବା ଉଚିତ। ବାଳକ, ବାଳିକା, ଶିଶୁ ଓ ଯୁବକ ମାନଙ୍କ ହୃଦୟରେ ସର୍ବତ୍ର ପବିତ୍ରତାର ଚେର ମାଡ଼ିବା ଉଚିତ। ଉତ୍ତମ ଏବଂ ଭଗବତ ପୁରୁଷମାନେ ଏହି କର୍ତ୍ତବ୍ୟ ସଂପାଦନ ପାଇଁ ଉଦ୍ୟମ କରିବା ଉଚିତ। ସେମାନେ ଏହାକୁ ମହାନ ସାଧନା ମନେକରିବା ଉଚିତ। ଏହି କ୍ଷେତ୍ରରେ କେବଳ ବ୍ରହ୍ମବିଦ୍ୟା ମାଧ୍ୟମରେ ସାର୍ଥକତା ଲାଭ ହୋଇପାରିବ।*

**॥ ଅଲେଖ ଚନ୍ଦ୍ର ସାମଲ ॥**

ବିଶ୍ୱ ସମସ୍ୟା ବର୍ତ୍ତମାନ ଅଦ୍ଭୁତ ଆକାର ଏବଂ ବିରାଟ ଅବସ୍ଥା ଧାରଣ କରୁଛି। ସେଗୁଡ଼ିକ ଆଉ ବ୍ୟକ୍ତିଗତ ଅଥବା ସ୍ଥାନୀୟ ନୁହେଁ। ସେ ସବୁ ବିଶ୍ୱଜନୀନ ଏବଂ ସମସ୍ତ ମାନବ ଜାତିକୁ ଆକ୍ରାନ୍ତ କରୁଛି। ଗୋଟିଏ ଦିଗରେ ବିଶ୍ୱ ସମୃଦ୍ଧି ସହିତ ବିଜ୍ଞାନ ଓ ଯାନ୍ତ୍ରିକତାର ଅଗ୍ରଗତି ଘଟୁଛି। ପ୍ଲାସଟିକ, ଇଲେକଟ୍ରୋନିକ ଏବଂ କମ୍ପ୍ୟୁଟର ଯାନ୍ତ୍ରିକତା ମାଧ୍ୟମରେ ଏହି ଚମତ୍କାରିତା ମହତ୍ତର ଶୀର୍ଷରେ ଉପନୀତ ହୋଇଛି। ଅନ୍ୟ ଦିଗରେ ବାରମ୍ବାର ଘଟୁଥିବା ରାଜନୈତିକ ଓ ଅର୍ଥନୈତିକ ସଂକଟ, ରାଷ୍ଟ୍ରୀୟ, ରାଜ୍ୟସ୍ତରୀୟ, ଧାର୍ମିକ, ଜାତିଗତ ଏବଂ ବର୍ଣ୍ଣ ବିଦ୍ୱେଷ, ସଂକୀର୍ଣ୍ଣ ବିଶ୍ୱସ୍ତତା ଏବଂ ଶିକ୍ଷାୟତନରେ ଅଶାନ୍ତିର ବିସ୍ଫୋରଣ ଦ୍ୱାରା ମାନବଜାତି ଉତ୍ପୀଡ଼ିତ। ଏସବୁ ସମଗ୍ର ବିଶ୍ୱରେ ଅଶାନ୍ତି ଏବଂ ଉଚ୍ଛୃଙ୍ଖଳତା ପରିବ୍ୟାପ୍ତ କରିଛି। ଏହା ଏକ ଭାରସାମ୍ୟହୀନ ଏବଂ ପରସ୍ପର ବିରୋଧୀ ଅବସ୍ଥା। ଏହାର ପ୍ରକୃତ କାରଣ କଣ ? ଧର୍ମ ଏବଂ ନୈତିକତା ପୁଷ୍ଟ କରିଥିବା ମଣିଷ ମନର ଭୟଙ୍କର ଅଧଃପତନରେ ଏହାର କାରଣ ନିହିତ ଅଛି କି ? ଜ୍ଞାନ ଏବଂ ଶାନ୍ତି ଲାଭ ପାଇଁ ଅବଶ୍ୟ ମାନବ ଜାତି ଅନେକ ଉପାୟ ଓ ପଦ୍ଧତି ଅବଲମ୍ବନ କରିପାରେ। ବେଦ, ଶାସ୍ତ୍ର, ବ୍ରହ୍ମସୂତ୍ର, ବାଇବେଲ, କୋରାନ, ଜେନ୍ଦ ଅଭେସ୍ତା, ଗ୍ରନ୍ଥ ସାହେବ ଏବଂ ସହସ୍ର ସମଗ୍ର ପବିତ୍ର ଗ୍ରନ୍ଥରୁ ଅମୂଲ୍ୟ ଦିଗଦର୍ଶନ ଲାଭ କରିପାରେ। ଭାରତରେ ଆଶ୍ରମ, ଧର୍ମ, ସଂପ୍ରଦାୟର ମୁଖ୍ୟ, ଆଧ୍ୟାତ୍ମିକ ସୂତ୍ର ଓ ଶୃଙ୍ଖଳାର ପ୍ରବକ୍ତା, ଜ୍ଞାନୀ ଏବଂ ସମ୍ମାନୀୟ ବୟୋବୃଦ୍ଧଙ୍କର ଅଭାବ ନାହିଁ। ସେମାନେ ମଧ୍ୟ ବହୁ ସଂଖ୍ୟାରେ ପ୍ରଚାର କରୁଛନ୍ତି, ଏବଂ ପ୍ରକାଶ କରୁଛନ୍ତି ତଥାପି ଜୀବନର ନୈତିକ, ଆଧ୍ୟାତ୍ମିକ ଏବଂ ଧାର୍ମିକ କ୍ଷେତ୍ରରେ ମଣିଷର ମନ ନିରନ୍ତର ନିମ୍ନଗାମୀ ହେଉଛି। ଏହି ଅଧଃପତନ କାହିଁକି ?

ପୂର୍ବ ଅପେକ୍ଷା ମଣିଷ ଅଧିକ ଅନାଚାରୀ ହୋଇଛି। ପୂର୍ବ ଯୁଗମାନଙ୍କ ଅପେକ୍ଷା ନିଷ୍ଠୁର ଆଚରଣରେ ସେ ନିଜର ବୁଦ୍ଧି ଓ ଦକ୍ଷତା ଅଧିକ ପରିମାଣରେ ନିୟୋଗ କରୁଛି। ଅନ୍ୟ ମାନଙ୍କୁ ଯନ୍ତ୍ରଣା ଦେବା ଦ୍ୱାରା ମଣିଷ ଏପରି ଆନନ୍ଦ ଲାଭ କରୁଛି ଏବଂ ଉଲ୍ଲସିତ ହେଉଛି ସେ ଗତ ୫୫୦୦ ବର୍ଷ ମଧ୍ୟରେ ୧୫୦୦ ଯୁଦ୍ଧ ହୋଇଛି ବୋଲି ଇତିହାସରୁ ପ୍ରମାଣ ମିଳୁଛି। ଏହି ଭୟଙ୍କର ଖେଳ ଯେ ବନ୍ଦ ହେବ ଏଯାଏ ଏପରି କୌଣସି ସଂକେତ ମିଳୁନାହିଁ। ଆସନ୍ନ ପରମାଣୁ ଯୁଦ୍ଧ ସମଗ୍ର ମାନବଜାତିକୁ ଧ୍ୱଂସ କରିବା ପାଇଁ ଭୟ ସଂଚାର କରୁଛି। ଏସବୁ ଉଦବେଗ ଓ ଆଶଙ୍କାର ପ୍ରକୃତ କାରଣ କଣ ? ଏହା ସୁସ୍ପଷ୍ଟ ଯେ ମଣିଷ ମଧ୍ୟରେ ପଶୁର ପ୍ରାଧାନ୍ୟ ତଥାପି ରହିଛି। ଏହା ଅଦ୍ୟାବଧି ପରାଭୂତ ହୋଇନାହିଁ। ଯଦି ହୁଏ ତାହେଲେ ଆମେ ଶାନ୍ତି ଓ ଆନନ୍ଦ ଲାଭ କରିବା। ଆମର ରାଷ୍ଟ୍ର, ଏବଂ ବିଶ୍ୱରେ ମଧ୍ୟ ଶାନ୍ତି ଓ ଆନନ୍ଦ ବିରାଜମାନ କରିବ।

ଘୃଣା, ଈର୍ଷା, ଲୋଭ, ଆଡ଼ମ୍ବର ପ୍ରଦର୍ଶନ ଏବଂ ଅନ୍ୟ ମାନଙ୍କ ସହିତ ତୁଳନା ଓ ପ୍ରତିଯୋଗିତା ପାଇଁ ଅଭିଳାଷା, ଏସବୁ ମନ୍ଦ ବୃତ୍ତିର ମୂଳୋତ୍ପାଟନ କରିବାକୁ ହେବ। ଏହି ଦୁର୍ଗୁଣ ଗୁଡ଼ିକ କେବେ ସାଧାରଣ ମଣିଷକୁ ବିଷାକ୍ତ କରୁନାହିଁ, ଋଷି, ମୁନି, ଧର୍ମ ଅନୁଷ୍ଠାନର ମୁଖ୍ୟ ଏବଂ ପଣ୍ଡିତ ମାନଙ୍କୁ ବିଷାୟିତ କରୁଛି। ଏସବୁ ମଧ୍ୟରୁ ଘୃଣା ଏବଂ ଲୋଭର ପ୍ରାଦୁର୍ଭାବ ବୃଦ୍ଧି ପାଇଛି। ଆଦର୍ଶର ଆଧାର ରୂପେ ନିଜେ ପରିଚିତ କରାଉଥିବା ଏହି ମହାପୁରୁଷ ଏବଂ ଭବିଷ୍ୟତ ଦ୍ରଷ୍ଟାମାନେ ଯଦି ଏପରି ନୀଚ ଗୁଣାବଳୀ ପ୍ରଦର୍ଶିତ କରନ୍ତି ସେମାନେ ବିଶ୍ୱକୁ ସଜାଡ଼ି ପାରିବେ କିପରି ? ସେମାନେ କେବଳ ଦୂଷୀକରଣ ବୃଦ୍ଧି କରିପାରିବେ।

ଆଜିର ପୃଥିବୀ ନୂତନ ନିୟମ, ନୂତନ ଶିକ୍ଷା ପଦ୍ଧତି, ନୂତନ ସମାଜ ଅଥବା ନୂତନ ଧର୍ମ ଆବଶ୍ୟକ କରୁନାହିଁ। ମନ ପାଇଁ ଆରୋଗ୍ୟ ଆବଶ୍ୟକ, ହୃଦୟ ପବିତ୍ରତାରେ ପୂର୍ଣ୍ଣ ହେବା ଆବଶ୍ୟକ। ପବିତ୍ରତା ଅଙ୍କୁରିତ ହେବା ଉଚିତ। ବାଳକ, ବାଳିକା, ଶିଶୁ ଓ ଯୁବକ ମାନଙ୍କ ହୃଦୟରେ ସର୍ବତ୍ର ପବିତ୍ରତାର ଚେର ମାଡ଼ିବା ଉଚିତ। ଉତ୍ତମ ଏବଂ ଭଗବତ ପୁରୁଷମାନେ ଏହି କର୍ତ୍ତବ୍ୟ ସଂପାଦନ ପାଇଁ ଉଦ୍ୟମ କରିବା ଉଚିତ। ସେମାନେ ଏହାକୁ ମହାନ ସାଧନା ମନେକରିବା ଉଚିତ। ଏହି କ୍ଷେତ୍ରରେ କେବଳ ବ୍ରହ୍ମବିଦ୍ୟା ମାଧ୍ୟମରେ ସାର୍ଥକତା ଲାଭ ହୋଇପାରିବ। ମାତ୍ର ଦୁର୍ଭାଗ୍ୟର ବିଷୟ ଯେ ଆଜିର ମଣିଷ କେବଳ ସଂପଦ ସଂଗ୍ରହ ଓ ସଂଚୟ ସମ୍ପର୍କରେ ଗଭୀର ଆସ୍ଥାବାନ। ସେ ଜମା ପରିତ୍ୟାଗ ଅଥବା ତ୍ୟାଗ କରି ଜାଣେ ନାହିଁ। ସତ୍ୟ ଉପରେ ତାର ଆସ୍ଥା ନାହିଁ। ମିଥ୍ୟା ଦ୍ୱାରା ସେ ଆକର୍ଷିତ ହୋଇଥାଏ, ସତ୍ୟକୁ ସେ ପ୍ରତିବନ୍ଧକ ମନେକରେ। ତେଣୁ ମୃତ୍ୟୁ ଯେ ଗୌରବମୟ ଜୀବନର ସମୃଦ୍ଧ ପରିପୂର୍ଣ୍ଣତା, ଏହା ଉପଲବ୍ଧି କରିବା ପାଇଁ ସେ ଅକ୍ଷମ। ଉଦବେଗ ଏବଂ ଅଭାବରେ ସେ ମୃତ୍ୟୁବରଣ କରେ। ଲୋକମାନେ ଶୁଆ ପରି ସତ୍ୟ, ଅହିଂସା, ଧର୍ମ ଏବଂ ପ୍ରେମ ଶବ୍ଦ ଗୁଡ଼ିକ ନିରନ୍ତର ଉଚ୍ଚାରଣ କରନ୍ତି। ସେମାନେ ଘୋଷଣା କରନ୍ତି ଯେ ସତ୍ୟଠାରୁ ଉଚ୍ଚତର ଧର୍ମ ନାହିଁ। ମାତ୍ର ଆଶ୍ଚର୍ଯ୍ୟର କଥା ସତ୍ୟର ଅଧିକାରୀ ହେବା ପାଇଁ ମଣିଷ ଅଭିଳାଷ ପୋଷଣ କରେ ନାହିଁ।

ମଣିଷ ସବୁ ବିଷୟ ଜାଣିବା ପାଇଁ ଆଗ୍ରହୀ। ମାତ୍ର ସତ୍ୟ ଉପଲବ୍ଧି ପାଇଁ ତାର ଆଗ୍ରହ ନାହିଁ। ପୁଣି ନିଜ ସତ୍ତାର ସତ୍ୟ ଉପଲବ୍ଧି ନିମନ୍ତେ ତାର ତିଳେମାତ୍ର ଅଭିଳାଷ ନାହିଁ। ସେ ଦିଗକୁ ସେ ଦୃଷ୍ଟି ଦିଏ ନାହିଁ। ଦୃଷ୍ଟ ହେଲେ ମଧ୍ୟ ସେ ନିଜର ଆଶଙ୍କା ଓ ଅନ୍ଧବିଶ୍ୱାସ ଗୁଡ଼ିକର ସତ୍ୟତା ପ୍ରତିପାଦିତ କରିଥାଏ। ତେଣୁ ମଣିଷର ପ୍ରଥମ କର୍ତ୍ତବ୍ୟ ହେଉଛି ନିଜର ଦୁର୍ବଳତା ଓ ଅନ୍ୟର ଅନିଷ୍ଟ କରିବା ମନୋବୃତ୍ତିକୁ ପରିହାର କରିବା।

ପ୍ରାରମ୍ଭ ଅଥବା ପରିଶେଷରେ ଯାହା ପରିଦୃଷ୍ଟ ହୁଏନାହିଁ; କେବଳ ମଧ୍ୟାନ୍ତରରେ ଯାହା ପ୍ରକଟିତ ହୋଇଥାଏ ତାହା ପ୍ରକୃତରେ ପ୍ରକୃତ ହୋଇନପାରେ। ଏହା ସତ୍ୟ ନୁହେଁ ମିଥ୍ୟା। ସୃଷ୍ଟି ପୂର୍ବରୁ ବ୍ରହ୍ମାଣ୍ଡ ନଥିଲା, ପରେ ଅର୍ଥାତ୍ ପ୍ରଳୟ ପରେ ମଧ୍ୟ ରହିବ ନାହିଁ। ମଝିରେ ଯାହା ପରିଦୃଷ୍ଟ ହେଉଛି ତାହା କେବଳ ଆପାତ ସତ୍ୟ ହୋଇପାରେ। ଏହା ସାମୟିକ ଏବଂ ସୀମିତ। ଅପରିବର୍ତ୍ତନୀୟ ହୋଇପାରିବ ନାହିଁ। ଏହି ସବୁ ମାର୍ଗରେ ମଣିଷକୁ ବିଶ୍ୱର ପ୍ରତ୍ୟେକ ପଦାର୍ଥର ମୂଲ୍ୟ ଏବଂ ଉପଯୋଗିତା ଅନୁସନ୍ଧାନ କରିବାକୁ ହେବ। ଦୃଷ୍ଟାନ୍ତ ସ୍ୱରୂପ, ଜନ୍ମ ପୂର୍ବରୁ ଶରୀର ନଥିଲା ଏବଂ ମୃତ୍ୟୁ ପରେ ମଧ୍ୟ ଏହା ଏଠାରେ ରହିବ ନାହିଁ। ମାଟିରେ ତିଆରି ଗୋଟିଏ ପାତ୍ର ନାମରୂପ ଗ୍ରହଣ କରି ପାତ୍ର ରୂପରେ କିଛି କ୍ଷଣ ରହୁଛି ଏବଂ ପୁନଶ୍ଚ ମୃତ ପ୍ରକୃତି ଧାରଣ କରୁଛି। ପାତ୍ର ହେଉଛି କେବଳ କୃତ୍ରିମ ଉପାୟରେ ଏହାକୁ ନାମ ରୂପ ପ୍ରଦାନ କରାଯାଇଛି। ଯେ କୌଣସି ପଦାର୍ଥ ହେଲେ ବି ବିଶ୍ୱ ବ୍ରହ୍ମାଣ୍ଡର କୌଣସି ବସ୍ତୁ ସମୟ ପ୍ରଭାବରୁ ମୁକ୍ତ ନୁହେଁ ମୃତ୍ୟୁ ଏବଂ ଧ୍ୱଂସ ଦାଉରୁ ଏହା ରକ୍ଷା ପାଇପାରିବ ନାହିଁ। ବୃକ୍ଷ ଓ ଭୂମି, ସଦନ ଓ ଶରୀର, ସମ୍ରାଟ ଓ ସାମ୍ରାଜ୍ୟ, ସମସ୍ତଙ୍କୁ ଏଇ ଶେଷ ପରିଣତି ଭୋଗ କରିବାକୁ ହେବ। ନିଜ ମଧ୍ୟରେ ଥିବା ଅମରତ୍ୱ ସଂପର୍କରେ ସଚେତନ ହେବାର ଉପାୟକୁ ମଣିଷ ଉପେକ୍ଷା କରିଥାଏ। ନୈତିକ ସ୍ତର ସହିତ ସଂପର୍କିତ ଜ୍ଞାନରେ ସେ ମୋହିତ ହୋଇଥାଏ। ଯେଉଁମାନେ ଏହି ସହଜ ଆକର୍ଷଣର ଶିକାର ହୁଅନ୍ତି ସେମାନେ ନନ୍ଦନ ବନ ପରିତ୍ୟାଗ କରି ବିଷାକ୍ତ ଉଦ୍ଭିଦଭରା ଜଙ୍ଗଲରେ ପ୍ରବେଶ କରନ୍ତି। ପ୍ରକୃତ ବା ଆତ୍ମା ଠାରୁ ସେମାନେ ଦୂରେଇ ଯାଆନ୍ତି। ପ୍ରତିବିମ୍ବ ଅଥବା ଦୃଶ୍ୟ ଦ୍ୱାରା ସେମାନେ ବିମୋହିତ ହୁଅନ୍ତି। ଏପରି ମନୋବୃତ୍ତି ସେମାନଙ୍କୁ ସତ୍ୟ ସନ୍ଧାନ ବା ସତ୍ୟଜ୍ଞାନ କହି ଅଜ୍ଞ ରୂପେ ପରିଣତ କରେ।

ମଣିଷ ଜାଣିବା ଉଚିତ ଯେ ତ୍ରିଭୁବନ, ତ୍ରିକାଳ (ଅତୀତ, ବର୍ତ୍ତମାନ, ଭବିଷ୍ୟତ) ଏବଂ ଚେତନାର ଅବସ୍ଥାତ୍ରୟରୁ (ଜାଗ୍ରତ, ସ୍ୱପ୍ନ, ସୁଷୁପ୍ତ) ବିନ୍ଦୁଏ ହେଲେ ନିଚ୍ଛକ ସୁଖ ମିଳିବ ନାହିଁ। ମଣିଷ ମାନଙ୍କ ମଧ୍ୟରୁ କେବଳ ମୂଢ଼ମାନେ ସାଂସାରିକ କର୍ମ ମାଧ୍ୟମରେ ସୀମିତ ଅସାର ସୁଖ ଲାଭ କରି ସଂତୃପ୍ତ ହେବା ପାଇଁ ଉଦ୍ୟମ କରନ୍ତି। ଜ୍ଞାନୀମାନେ କିନ୍ତୁ ଉତ୍ତମ ରୂପେ ବୁଝିଥାନ୍ତି। ଆକର୍ଷଣୀୟ ମିଠା ଅଙ୍ଗୁର ପେନ୍ଥା ଏଡ଼ାଇ ଦେଲେ ଯେଉଁମାନେ କଣ୍ଟାଆଡ଼କୁ ଦୌଡ଼ନ୍ତି ସେମାନେ ଉଷ୍ଟ୍ର। ସେମାନଙ୍କୁ ଭିନ୍ନ ଶ୍ରେଣୀରେ ଅନ୍ତର୍ଭୁକ୍ତ କରିହେବନାହିଁ।

ପୂର୍ବତନ ଡିଏଫ୍‌ଓ (କେନ୍ଦୁଲିଫ୍) ଜୟପୁର ଡିଭିଜନ, ଦୂରଭାଷ : ୯୪୩୭୨୫୬୭୧୨୩

# ମା'କ୍ଷୀର ଅମୃତ

**॥ ଡାକ୍ତର ଶୁଭଶ୍ରୀ ମିଶ୍ର ॥**

ମା' କ୍ଷୀର ଶିଶୁ ପାଇଁ ଅମୃତ। ଆଦିମ କାଳରୁ ରହିଥିବା ଏହି ପ୍ରସଙ୍ଗ ବର୍ତ୍ତମାନର ଅତ୍ୟାଧୁନିକ ଯୁଗରେ ଫିକା ପଡ଼ିଛି। ଅଧିକାଂଶ ମା'ଙ୍କର ସ୍ତନ୍ୟପାନକୁ ନେଇ ବିଚିତ୍ର ମାନସିକତା ରହିଛି। ସ୍ତନ୍ୟପାନ କରାଇଲେ ସୌନ୍ଦର୍ଯ୍ୟ ପ୍ରଭାବିତ ହେବା ଆଶଙ୍କା କରି ଶିଶୁଙ୍କ ସ୍ତନ୍ୟପାନ କରାଇବା ପାଇଁ ସେମାନେ ଇଚ୍ଛା ପ୍ରକାଶ କରୁନାହାନ୍ତି। ଫଳରେ ଅମୃତ କୁହାଯାଉଥିବା ଏହି ମା'କ୍ଷୀର ଏବେ ଶିଶୁ ପାଇଁ ସ୍ୱପ୍ନ ହୋଇଛି। ମା'ଶବ୍ଦ ମନକୁ ଆସିଲେ ଆପେ ଚାଲିଆସେ ମମତାର ଭାବନା ମା' ଓ ମମତା ସହ ଜଡ଼ିତ ଆଉ ଏକ ଶବ୍ଦ ସ୍ତନ୍ୟପାନ। କିଏ କହେ ଅମୃତର ଧାରା ତ କିଏ କହେ ମମତାର ବିନ୍ଦୁ। ଶିଶୁଟି ଜନ୍ମ ହେବା ଠାରୁ ଛଅ ମାସ ପର୍ଯ୍ୟନ୍ତ ମା'କ୍ଷୀର ପିଇବା ଅତ୍ୟନ୍ତ ଆବଶ୍ୟକ। ଏହା ଶିଶୁ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ସହ ଶରୀରକୁ ଅନେକ ପ୍ରକାର ପୋଷକ ତତ୍ତ୍ୱ ଯୋଗାଇଥାଏ। ଏଣୁ ଏ ଦିଗରେ ମା'ମାନଙ୍କୁ ସଚେତନ କରାଇବା ପାଇଁ ଅଗଷ୍ଟ ୧ ରୁ ୭ ପର୍ଯ୍ୟନ୍ତ ବିଶ୍ୱବ୍ୟାପୀ ପାଳିତ ହୋଇଥାଏ ସ୍ତନ୍ୟପାନ ସପ୍ତାହ। ୧୯୯୨ ମସିହାରେ ପ୍ରଥମ ଥର ପାଇଁ ସ୍ତନ୍ୟପାନ ସପ୍ତାହ ପାଳନ କରାଯାଇଥିଲା। ଏହା ପରଠାରୁ ପ୍ରତ୍ୟେକ ବର୍ଷ ପ୍ରାୟ ୧୨୦ରୁ ଉର୍ଦ୍ଧ୍ୱ ଦେଶରେ ପାଳିତ ହୋଇଥାଏ ଏହି ସପ୍ତାହ। ଏହି ଦିବସ ପାଳନ କରୁଥିବା ଦେଶମାନଙ୍କ ମଧ୍ୟରେ ଭାରତ ଅନ୍ୟତମ।

ଶିଶୁକୁ ୬ମାସ ବୟସ ହେବା ଯାଏଁ ମା କ୍ଷୀର ତା ପାଇଁ ସର୍ବୋତ୍ତମ ଆହାର । ଏହି ସମୟ ଯାଏଁ ତଥା ଏହି ସମୟ ପରେ ବି ଶିଶୁକୁ ସ୍ତନ୍ୟପାନ କରାଇବା ନିହାତି ଦରକାର । ନିହାତି ଦରକାର ନହେଲେ ଏହି ସମୟ ମଧ୍ୟରେ ଶିଶୁକୁ ଅନ୍ୟ କୌଣସି କ୍ଷୀର, ଖାଦ୍ୟ, ପାନୀୟ କିମ୍ବା ପାଣି ଦେବା ଦରକାର ହୁଏ ନାହିଁ । ଜନ୍ମ ହେବାର ଅଧ ଘଣ୍ଟାରୁ ଏକ ଘଣ୍ଟା ମଧ୍ୟରେ ଶିଶୁକୁ ଯେତେ ଶୀଘ୍ର ସମ୍ଭବ ସ୍ତନ୍ୟପାନ କରାଇବା ଉଚିତ । ଶିଶୁ ଜନ୍ମ ହେବାର ପ୍ରଥମ ଦୁଇ-ତିନି ଦିନ ଭିତରେ ମା'ର ପ୍ରଥମ ହଳଦିଆ ତଥା ଇଷତ୍ ହଳଦିଆ ରଙ୍ଗର କ୍ଷୀର ପିଆଇବା ଖୁବ୍ ଜରୁରୀ । ଏହି କ୍ଷୀରକୁ କୋଲେଷ୍ଟ୍ରମ୍ କୁହାଯାଏ । ଏଥିରେ ପିଲା ପାଇଁ ଉପାଦେୟ ଅନେକ ପ୍ରକାରର ଭିଟାମିନ୍ ଭରି ରହିଥାଏ । ଶିଶୁ ଜନ୍ମ ହେବାପରେ ପ୍ରଥମ ଥର ସନ୍ତ୍ୟପାନ କରାଇବା ପୂର୍ବରୁ ତାକୁ ଅନ୍ୟ କୌଣସି ଜିନିଷ ପିଇବାକୁ ଦେବା ଅନୁଚିତ । ପିଲା ଜନ୍ମ ହେବାପରେ ତାକୁ ଅନ୍ୟ ଜିନିଷ ଦେବା ପାଇଁ କେତେକ କୁହନ୍ତି କିନ୍ତୁ ସେ କ୍ଷେତ୍ରରେ ଡାକ୍ତରଙ୍କ ପରାମର୍ଶ ନେବା ଭଲ । ଏହି ସମୟ ମଧ୍ୟରେ କ୍ଷୀର ବଦଳରେ କେହି କେହି ମହୁ ଚାଟନ୍ତି । ଏପରି କରିବା ଶିଶୁ ପାଇଁ କ୍ଷତିକାରକ । କିଛି ନିର୍ଦ୍ଦିଷ୍ଟ ରୋଗ ଯେମିତିକି ଏଡ଼ସ୍ କିମ୍ବା ବ୍ରେଷ୍ଟ କ୍ୟାନସର ଆଦି ରୋଗକୁ ବାଦଦେଇ ଅନ୍ୟାନ୍ୟ ରୋଗ ଭୋଗୁଥିବା ବେଳେ ଆପଣ ବିନା ଦ୍ୱିଧାରେ ଶିଶୁକୁ ସ୍ତନ୍ୟପାନ କରାଇପାରିବେ । ଏହାଦ୍ୱାରା ଆପଣଙ୍କର ଶିଶୁର କୌଣସି କ୍ଷତି ହେବନାହିଁ । ଆପଣ ଚାହିଁଲେ ଦୁଇବର୍ଷ କିମ୍ବା ତା'ଠାରୁ ଅଧିକ ବୟସ ଯାଏଁ ଶିଶୁକୁ ସ୍ତନ୍ୟପାନ କରାଇପାରିବେ । ବଟଲରେ କ୍ଷୀର ପିଆଇବେ ନାହିଁ । କାରଣ ଅନେକ ସମୟରେ ବଟଲରେ ପିଇବା ଦ୍ୱାରା ଶିଶୁର କ୍ଷତି ହୁଏ । ଶିଶୁର ତରଳ ଝାଡ଼ା ହେବାପାଇଁ ବଟଲ ହିଁ ଅନେକାଂଶରେ ଦାୟୀ । ଶିଶୁକୁ ସଠିକ୍ ଭାବେ ୬ମାସ ଯାଏଁ ସ୍ତନ୍ୟପାନ କରାଇବା ପରେ ଅନ୍ୟ ଖାଦ୍ୟ ଦେବା ଉଚିତ । ବଜାରରେ ମିଳୁଥିବା ଖାଦ୍ୟ ତୁଳନାରେ ଘର ତିଆରି ଖାଦ୍ୟ ଶିଶୁ ପାଇଁ ଅପେକ୍ଷାକୃତ ଭଲ ।

ବ୍ରେଷ୍ଟ ଫିଡିଂ ଶିଶୁପାଇଁ କାହିଁକି ଭଲ : ମା' କ୍ଷୀରରେ ଯଥେଷ୍ଟ କ୍ୟାଲୋରୀ ରହିଛି । ଏହା ଶିଶୁକୁ ସଠିକ୍ ମାତ୍ରାରେ ପ୍ରୋଟିନ୍, ଫ୍ୟାଟ୍, ଲାକଟୋଜ, ଭିଟାମିନ୍ ଆଇରନ, ମିନେରାଲ, ପାଣି ଏବଂ ଏନଜାଇମ ଯୋଗାଇଥାଏ । ଯାହା ଶିଶୁର ବିକାଶ ପାଇଁ ଖୁବ୍ ଦରକାର । ମା' କ୍ଷୀରରେ ଆଇରନ, ଭିଟାମିନ୍ ଡି, ଭିଟାମିନ୍ ଏ, ସି ଏବଂ ଇ ଭରି ରହିଥାଏ । ଯାହା ଗାଈ କ୍ଷୀରରେ ନଥାଏ । ମା' କ୍ଷୀର ସ୍ୱଚ୍ଛ, ବ୍ୟାକ୍ଟେରିଆ ମୁକ୍ତ ଏବଂ ଏଥିରେ ଆଣ୍ଟି ଇନଫେକ୍ଟିଭ ପ୍ରପର୍ଟି ଭରି ରହିଛି । ମା' କ୍ଷୀରରେ ଏପରି ଏକ ଉପାଦାନ ଅଛି ଯାହା ଶିଶୁର ପତଳା ଝାଡ଼ା ପ୍ରତିରୋଧ କରିପାରେ । ମା' କ୍ଷୀରର ଆଉ ଏକ ଉପକାରିତା ହେଲା ଇଚ୍ଛା ହେଲା ମାତ୍ରେ ଶିଶୁକୁ ଖୁଆଇ ପାରିବେ ଏବଂ ଏହାକୁ ପ୍ରସ୍ତୁତ କରିବା ପାଇଁ ସମୟ ଦରକାର ହୁଏନାହିଁ । ଏବଂ ଏହାକୁ ଗରମ କିମ୍ବା ଥଣ୍ଡା କରିବାକୁ ପଡ଼େ ନାହିଁ । ଏଥିପାଇଁ ମା'କୁ ନିଜ ଖାଦ୍ୟ ବ୍ୟତୀତ ଆଉ ଅଧିକ ପଇସା ଖର୍ଚ୍ଚ କରିବାକୁ ପଡ଼େ ନାହିଁ ଏବଂ ଏଥିରେ ରୋଗ ସଂକ୍ରମଣର ଆଶଙ୍କା ନଥାଏ । ବରଂ ଶିଶୁର ରୋଗ ପ୍ରତିରୋଧକ କ୍ଷମତା ବଢ଼ାଇବାରେ ଏହା ସାହାଯ୍ୟ କରେ । ମା'କ୍ଷୀର ନବଜାତ ଶିଶୁ ଓ ମା' ମଧ୍ୟରେ ଭାବନାତ୍ମକ ସଂପର୍କ ଦୃଢ଼ କରେ । ଶିଶୁକୁ ବ୍ରେଷ୍ଟଫିଡ଼ିଂ କରାଇବା ବେଳେ ଶିଶୁପ୍ରତି ମା'ର ଆବେଗ, ଭଲ ପାଇବା ଆହୁରି ଗଭୀର ହୁଏ । ଶିଶୁକୁ ପରିଣତ ବୟସ ପର୍ଯ୍ୟନ୍ତ ସଠିକ ମାତ୍ରାରେ ସନ୍ତ୍ୟପାନ କରାଇଲେ ବୟସ ହେବାପରେ ଡାଏବେଟିସ, ହୃଦରୋଗ, ଏକଜିମା, ଆସ୍ତମା ଏବଂ ଅନ୍ୟାନ୍ୟ ଆଲର୍ଜି ଜନୀତ ରୋଗର ଆଶଙ୍କା କମିଯାଏ । ସଠିକ ଭାବେ ସ୍ତନ୍ୟପାନ କରିଥିବା ଶିଶୁମାନଙ୍କ ମସ୍ତିଷ୍କ ସକ୍ରୀୟ ରହେ । ସେମାନେ ବୁଦ୍ଧିଆ ହୁଅନ୍ତି ।

ବ୍ରେଷ୍ଟ ଫିଡ଼ିଂର ଉପକାରିତା : ଶିଶୁକୁ ସ୍ତନ୍ୟପାନ କରାଇବା ଦ୍ୱାରା ପ୍ରସବ ପରବର୍ତ୍ତୀ ରକ୍ତ କ୍ଷରଣ ଏବଂ ଆନିମିଆ ହେବାର ଆଶଙ୍କା କମ କରେ । ଶିଶୁକୁ ସଠିକ ପରିମାଣରେ ବ୍ରେଷ୍ଟ ଫିଡିଂ କରାଇଲେ ମେଦ ବହୁଳତା ହେବାର ଆଶଙ୍କା ମଧ୍ୟ କମି ସାଧାରଣ ସ୍ୱାସ୍ଥ୍ୟ ଫେରିଆସେ । ଶିଶୁକୁ ନିୟମିତ ସ୍ତନ୍ୟପାନ କରାଇଲେ ଅବାଞ୍ଛିତ ଗର୍ଭ ଧାରଣର ଆଶଙ୍କା କମିଯାଏ । ବ୍ରେଷ୍ଟ ଫିଡ଼ିଂର ଆଉ ଏକ ଉପକାରିତା ହେଲା ଏହା ବ୍ରେଷ୍ଟ ତଥା ଓଭାରିଆନ କ୍ୟାନସର ଆଶଙ୍କାକୁ ବହୁ ପରିମାଣରେ କମ୍ କରେ । ଯଦି ଆପଣ ଶିଶୁକୁ ନିୟମିତ ଭାବେ ଏବଂ ଅଧିକ ଥର ସ୍ତନ୍ୟପାନ କରାଇବେ ତା'ହେଲେ ଶିଶୁ ସହିତ ଆପଣଙ୍କର ମାନସିକ ସ୍ତରରେ ବୁଝାମଣା ମଧ୍ୟ ଠିକ୍ ରହିବ ।

ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ, ଦୂରଭାଷ : ୯୮୬୧୪୬୩୪୦୬

# କୃଷ୍ଣସ୍ତୁ ଭଗବାନ ସ୍ୱୟଂ

**॥ ପ୍ରଦୀପ କୁମାର ବିଶ୍ୱାଳ ॥**

ସାରଳାଦାସଙ୍କ ମହାଭାରତର ବନପର୍ବ ଓ ମୂଷଳୀ ପର୍ବରେ ଲିଖିତ ଅଛି ଶ୍ରୀକୃଷ୍ଣଙ୍କ ଅର୍ଦ୍ଧଦଗ୍ଧ ପିଣ୍ଡ ହିଁ ଶ୍ରୀଜଗନ୍ନାଥ। ଏଣୁ ଶ୍ରୀକୃଷ୍ଣ ଓ ଜଗନ୍ନାଥ ଅଭିନ୍ନ । ଶ୍ରୀକୃଷ୍ଣ, ବଳରାମ ଓ ଭଉଣୀ ସୁଭଦ୍ରା ଆଜି ପୁରୁଷୋତମ କ୍ଷେତ୍ରରେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାରୁପେ ଶ୍ରୀମନ୍ଦିରରେ ବିରାଜମାନ । ଏଣୁ ଶ୍ରୀମନ୍ଦିରରେ ଭାଦ୍ରକୃଷ୍ଣ ଅଷ୍ଟମୀ ଦିନ ଏହି ପର୍ବକୁ ଖୁବ୍ ନିଷ୍ଠାର ସହ ପାଳନ କରାଯାଏ ଓ ଜଗନ୍ନାଥ ଧର୍ମ ଓ ଜଗନ୍ନାଥସଂସ୍କୃତି ପ୍ରେମୀ ପୃଥିବୀର ଯେଉଁ କୋଣଅନୁକୋଣରେ ଥିଲେ ମଧ୍ୟ ଏହି ପର୍ବକୁ ଭକ୍ତି ଓ ନିଷ୍ଠାର ସହ ପାଳନ କରନ୍ତି । ଅଷ୍ଟମୀର ପରଦିନ ନବମୀ ତିଥିରେ ନନ୍ଦରାଜାଙ୍କ ଘରେ ଯଶୋଦାଙ୍କ ପୁତ୍ର ରୁପେ ଆର୍ବିଭୁତ ହୋଇଥିବାରୁ ଶ୍ରୀକୃଷ୍ଣଙ୍କ ଜନ୍ମଉତ୍ସବ ନନ୍ଦରାଜାଙ୍କ ଦ୍ୱାରା ଗୋପପୁରରେ ଏହି ଦିନ ଅନୁଷ୍ଠିତ ହୋଇଥିବାରୁ ଏହାକୁ ନନ୍ଦଉତ୍ସବ କୁହାଯାଏ। ଏ ହ ି ଜନ୍ମାଷ୍ଟମୀକୁ କୃଷ୍ଣାଷ୍ଟମୀ ଓ ଗୋକୁଳାଷ୍ଟମୀ ମଧ୍ୟ କୁହାଯାଏ । ଏହିଦିନ ଉପାସକମାନେ ନିର୍ଜଳା ଉପବାସ ରହି ଦିନସାରା କୃଷ୍ଣଲୀଳା ଶ୍ରବଣ, କୀର୍ତନ ଓ ଭଜନରେ ମଗ୍ନ ରୁହନ୍ତି । ଅର୍ଦ୍ଧରାତ୍ରରେ କୃଷ୍ଣ ଜନ୍ମ ସମୟରେ କୃଷ୍ଣଙ୍କ ଫଟୋଚିତ୍ର ବା ମୁର୍ତିକୁ ପଂଚୋପଚାରରେ ପୂଜାପୂର୍ବକ ଫଳମୂଳ ପ୍ରସାଦ ଲଗାଯାଏ । ଉପାସକମାନେ ତହିଁ ପରଦିନ ସୂର୍ଯ୍ୟୋଦୟପରେ ତିଥି କିମ୍ବା ନକ୍ଷତ୍ରର ସମାପ୍ତିପରେ ଭୋଜନ କରି ପାରଣ କରନ୍ତି ।

ଏହି ପୂଜାର ଅନ୍ୟଏକ ଦିଗ ହେଉଛି ଉପବାସ । ବିଜ୍ଞାନ କହେ ଶରୀରର ୬୫ ପ୍ରତିଶତ ଶକ୍ତି ଖାଦ୍ୟ ହଜମ କରିବାରେ ଲାଗେ । ଉପବାସ ରହିବା ଦ୍ୱାରା ଏହି ଶକ୍ତି ଶରୀରର ଅନ୍ୟ କୋଷ ଓ ଅଙ୍ଗରୁ ବାହ୍ୟ ଅନିଷ୍ଟକାରୀ ରୋଗ ଜୀବାଣୁମାନଙ୍କୁ ନଷ୍ଟ କରିବାରେ ସାହାଯ୍ୟ କରେ । ଏହା ଦ୍ୱାରା ଶରୀରରୁ ଅନେକ ରୋଗ ଭଲ ହୋଇଥାଏ । ମେଦବହୁଳତା ହ୍ରାସପାଇଁ ଏହା ଅତ୍ୟନ୍ତ ଉପକାରୀ ଉପାୟ । ଉପବାସ ରହିବା ଦ୍ୱାରା ମନ ଶାନ୍ତ ଓ ଶୁଦ୍ଧ ରହିବା ସହିତ ମନରେ ଭକ୍ତିଭାବ ଜାଗ୍ରତ ହୁଏ ।

ଶ୍ରୀକୃଷ୍ଣଙ୍କର ଜୀବନଶୈଳିକୁ ଅନୁଧାନ କଲେ ଜଣାଯାଏ ଶତ୍ରୁ ମାମୁଁ କଂସଙ୍କ ବନ୍ଦୀଶାଳାରେ ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ତାଙ୍କର ଜୀବନ ବିପଦପୂର୍ଣ୍ଣ ଓ ସଂଘର୍ଷମୟ ଥିଲା । ତଥାପି ସର୍ବଦା ତାଙ୍କ ଅଧରରେ ସ୍ମିତହାସ୍ୟ ଲାଗି ରହିଥିଲା । ଯେ କୌଣସି ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ଅବିଚଳିତ ଭାବେ ସମସ୍ୟାର ସମାଧାନ କରିପାରୁଥିଲେ । ତାଙ୍କର ବୀରତ୍ୱ, ନିର୍ଭିକତା, ନୈତିକତା, ନମ୍ରତା, ରାଷ୍ଟ୍ରସେବା, ଯୁଦ୍ଧନୀତି, ରାଜ୍ୟ ପ୍ରତିଷ୍ଠା, ଶାସ୍ତ୍ରୋପଦେଶ ଇତ୍ୟାଦି ଅତୁଳନୀୟ ଗୁଣ ଥିଲା । ତେଣୁ ସେ ସମୟର ଥିଲେ ସବୁଠାରୁ ଦକ୍ଷ ରାଜନୀତିଜ୍ଞ, କୂଟନୀତିଜ୍ଞ ଓ ଅର୍ଥନୀତିଜ୍ଞ । ବାଲ୍ୟ ଚପଳତା ସହିତ ପିତୃମାତୃ ଭକ୍ତିକୁ ଭୁଲି ନଥିଲେ ।

ଜଣେ ପ୍ରଜାବତ୍ସଳ ରାଜା ଭାବରେ ସେ ସର୍ବତ୍ର ପୂଜା ପାଉଥିଲେ । ଏତେ ପ୍ରକାର ଜଞ୍ଜାଳ ମଧ୍ୟରେ ପରିବାର ତଥା ପତ୍ନୀମାନଙ୍କ ପ୍ରତି କର୍ତବ୍ୟରେ ଅବହେଳା କରୁ ନ ଥିଲେ । ପିତା ଭାବରେ ଅବାଧ ସନ୍ତାନମାନଙ୍କ ପ୍ରତି ଦଣ୍ଡ ବିଧାନରେ ତିଳେମାତ୍ର ହେଳା କରିନାହାନ୍ତି । ସଖାଭାବେ ସୁଦାମାଙ୍କୁ ସାହାଯ୍ୟ ଓ ପାଣ୍ଡବମାନଙ୍କୁ ମହାଭାରତ ଯୁଦ୍ଧରେ ଅକୁଣ୍ଠ ସାହାଯ୍ୟ କରିଥିଲେ । ସେ ଥିଲେ ଏକଧାରାରେ ଜଣେ ଆଦର୍ଶ ପୁତ୍ର, ପିତା, ସ୍ୱାମୀ, ସଖା ଓ ସାମ୍ରାଜ୍ଞୀ । ବାସ୍ତବରେ ସେ ଥିଲେ ସ୍ଥିତପ୍ରଜ୍ଞ । ଶ୍ରୀମଦ୍ ଭାଗବତ୍ ଗୀତା ତାଙ୍କର ସର୍ବଶ୍ରେଷ୍ଠ ବାଣୀ । ଯେଉଁ ବାଣୀକୁ ଶ୍ରବଣ କରି ଅର୍ଜୁନ ବିଷାଦଯୋଗରୁ ନିବୃତ ହୋଇ କର୍ମପ୍ରବୃତ ହୋଇଥିଲେ । ଏଥିରେ ମଣିଷର ସଂପୂର୍ଣ୍ଣ ଜୀବନଦର୍ଶନ ଲିଖିତ ଅଛି । ଗୀତା ବାଣୀର ସାରମର୍ମକୁ ହୃଦୟଙ୍ଗମକରି ଯେଉଁ ବ୍ୟକ୍ତି କାର୍ଯ୍ୟ କରୁଛନ୍ତି ବା କରିବେ ତାଙ୍କର ମଣିଷଜୀବନ ସାର୍ଥକ ହେବ । ଶ୍ରୀକୃଷ୍ଣ ଜଙ୍ଗଲରେ ଗଛମାନଙ୍କ ଗହଳରେ ଗାଈ ଚରାଇବା ଓ କ୍ଷୀରରୁ ପ୍ରସ୍ତୁତ ସରଲବଣୀ ତାଙ୍କର ପ୍ରିୟ ଖାଦ୍ୟଥିଲା। ଯମୁନା ନଦୀ, କଦମ୍ବମୂଳ ପଶୁପକ୍ଷୀ ତାଙ୍କର ଅତ୍ୟନ୍ତ ପ୍ରିୟ ଥିଲେ। ଗିରି ଗୋବର୍ଦ୍ଧନ ପର୍ବତକୁ ବାମହାତର କନିଷ୍ଠା ଆଙ୍ଗୁଳିରେ ୮ ଦିନପର୍ଯ୍ୟନ୍ତ ଧାରଣ ଗାଈଗୋରୁ ଓ ଗୋକୁଳବାସୀଙ୍କ ଆଶ୍ରୟ ଦେଇ ରକ୍ଷା କରିଥିଲେ। ଏହା ଦ୍ୱାରା ସେ ମଣିଷ ସମାଜକୁ ବାର୍ତ୍ତା ଦେଇଯାଇଛନ୍ତି ଯେ ଗଛ, ଗାଈ, ଗଙ୍ଗା, ଗିରି ଓ ଗଗନକୁ ସଂରକ୍ଷଣ କରି ତାଙ୍କର ସଦୁପଯୋଗ କରିପାରିଲେ ମଣିଷ ସମାଜ ଶାନ୍ତି ଓ ନିରୋଗରେ ଜୀବନ ଯାପନ କରିପାରିବ। ଆମର ପ୍ରଚଳିତ ପର୍ବଗୁଡିକ ଲୋକାଦେଖାଣିଆ ଓ ଖୁସି ମଜାର କଥା ନୁହେଁ। ଏହା ଆମର ସଂସ୍କୃତି, ପରମ୍ପରା, ଐଶୋରିକ ଭକ୍ତି ଭାବନା ଓ ବୈଜ୍ଞାନିକ ଭିତିଭୂମୀ ଉପରେ ପର୍ଯ୍ୟବେସିତ । ଏହାର ଅର୍ନ୍ତନିହିତ ଉଦ୍ଦେଶ୍ୟକୁ ହୃଦୟଙ୍ଗମ କରି ପର୍ବଗୁଡିକୁ ପାଳନ କଲେ ଏହାର ସୁଫଳ ପାଇହେବ।

ସାରଳାଦାସ ସ୍ମୃତିସଂସଦ, ଓଡିଶା, ଭୁବନେଶ୍ୱର
ସଂପର୍କ: ୯୪୩୮୫୫୫୬୭୦

## ଅନ୍ତର୍ଜାତିକ ରତ୍ନପଥର ମାଫିଆଙ୍କ ଶୈନ୍ୟ ଦୃଷ୍ଟିରେ ଖଣି ଖାଦାନ !



**କଳାହାଣ୍ଡି,(ମହାଭାରତ) :** କଳାହାଣ୍ଡି ଜିଲ୍ଲାରେ ଅନ୍ତର୍ଜାତିକ ରତ୍ନପଥର ଖଣି ମାଫିଆଙ୍କ ଶୈନ୍ୟ ଦୃଷ୍ଟି ପଡିଛି । ଜିଲ୍ଲାରେ କୋଟି କୋଟି ଟଙ୍କାର ରତ୍ନପଥର ଥିବା ବେଳେ ପ୍ରକ୍ରିୟାକରଣ ନ ଥିବା ଯୋଗୁଁ ଲୋକେ ଦାଦନ ମୁହାଁ ହେବା ଘଟଣା ସାଧାରଣରେ ଉଦବେଗର ବିଷୟ ହୋଇଛି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ପୂର୍ବଘାଟ ପର୍ବତମାଳାର ଅଂଶବିଶେଷ କର୍ଲାପାଟ ଅଭୟାରଣ୍ୟ ଜୁନାଗଡ଼ ଓ ଭବାନୀପାଟଣା ରେଞ୍ଜ ଅଧୀନରେ ରହିଛି । ଚାରି ଦଶନ୍ଧି ଧରି ହଜାର ହଜାର କୋଟିର ମୂଲ୍ୟବାନ ରତ୍ନପଥର ସମ୍ପୃକ୍ତ ଅଞ୍ଚଳକୁ ଅନ୍ତର୍ଜାତିକ ଖଣି ମାଫିଆଙ୍କ ଦ୍ୱାରା କଣ୍ଟାବାଞ୍ଜି ଦେଇ ସୁରଟ ଓ ରାଜସ୍ଥାନକୁ ଚୋରାଚାଲାଣ ହେଉଥିବା ଆଲୋଚନା ହୁଏ। ଏଥିରେ ରତ୍ନପଥର ମାଫିଆମାନେ, ସୁରତ ଓ ରାଜସ୍ଥାନର ଲୋକେ ଲାଭବାନ ହେଉଥିବା ବେଳେ କଳାହାଣ୍ଡି ଜିଲ୍ଲାର ତଥା ରତ୍ନପଥର ବାହାରୁଥିବା ଅଞ୍ଚଳର ଲୋକେ ଦାଦନମୁହାଁ ହେଉଛନ୍ତି । ଜୁନାଗଡ଼ ବ୍ଲକ ଅନ୍ତର୍ଗତ ଟ୍ୱେଣ୍ଟୋଗୁଡା, ଜିଲିଙ୍ଗଦର, ରାବଣଡ଼ଙ୍ଗର, ଲାଇନ ଡ଼ଙ୍ଗର, ଭବାନୀପାଟଣା ବ୍ଲକ ଅନ୍ତର୍ଗତ ଲାବଣ୍ୟସର, ଓଲବାହାଲି, କାଶୀପଦର, କେନ୍ଦୁକୁପଲା, କୁନକୁତା, ଭାଲୁଚୁଆଁ, ମାକର ଚୁଆଁ, ଉଡ଼ରୁଙ୍ଗ, ଓଲମା, ବାନ୍ଧନଡ଼ଙ୍ଗର ତଥା ଥୁଆମୂଳ ରାମପୁର ବ୍ଲକର କିଛି ଅଞ୍ଚଳରେ କ୍ୱାର୍ଟସାଇଜ, ନୀଲମ, ମାଣିକ୍ୟ, ମୁନଷ୍ଟନ, ରୁବି, ପନ୍ନା ଆଦି ମୂଲ୍ୟବାନ ରତ୍ନପଥର ଅବାଧରେ ବ୍ୟାପକ ଭାବେ ଚୋରାରେ ଖଣି ଖନନ ହେଉଥିବା ଅଭିଯୋଗ ହେଉଛି । ଜୁନାଗଡ଼ ଅଞ୍ଚଳର ହିଂଜିଲିବାହାଲି ଓ ଜିଲିଙ୍ଗଦର ରତ୍ନପଥର ଖଣିକୁ ଗତ ୩୦ ବର୍ଷ ପୁବେ ଓଏମସି କମ୍ପାନୀ ଖଣି ଖନନ କରୁଥିଲା । ପରେ ଏହି ଖଣିକୁ ଜେମକୋ ନାମକ ଏକ କମ୍ପାନୀକୁ ଖଣି ଖନନର ଦାୟିତ୍ୱ ନେଇଥିଲା । ବର୍ତ୍ତମାନ ସମସ୍ତଖଣି ଖନନ ବନ୍ଦ ଅଛି ଏବଂ ଏହାର ସୁରକ୍ଷା ଦାୟିତ୍ୱ ରାଜ୍ୟ ସରକାରଙ୍କ ହାତରେ ରହିଛି । ସଂରକ୍ଷିତ ଜଙ୍ଗଲ, ପ୍ରସ୍ତାବିତ ଜଙ୍ଗଲ, ଗ୍ରାମ୍ୟ ଜଙ୍ଗଲ ଆଦି ଅଞ୍ଚଳରେ ଚୋରାରେ ଖଣି ଖଦାନ ଖୋଲା ଯାଉଥିଲେ ହେଁ ବିଭାଗ ନିରବଦ୍ରଷ୍ଟା ସାଜିବା ଘଟଣା ସାଧାରଣରେ ଉଦବେଗର ବିଷୟ ହୋଇଛି। ଅନ୍ୟପକ୍ଷରେ ସମସ୍ତ ଖଣି ଖାଦାନର ସୁରକ୍ଷା ରାଜ୍ୟ ସରକାରଙ୍କ ହାତରେ ଥିବା ବେଳେ କିଭଳି ରତ୍ନପଥର ଚୋରାରେ ଚାଲାଣ ହେଉଛି ସେନେଇ ଏକ ଉଚ୍ଚ ସ୍ତରୀୟ ତଦନ୍ତ ହେବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମହଲରେ ଦାବୀ ହୋଇଛି । ଦୁର୍ଗମ ଅଞ୍ଚଳର ଲୋକେ ମନରେଗା କିଛି ଜାଣି ନାହାନ୍ତି । ଏହି ଅଞ୍ଚଳରେ ମିଳୁଥିବା ରତ୍ନପଥରକୁ ଯୋଜନାବଦ୍ଧ ଭାବେ ପ୍ରକ୍ରିୟାକରଣ କଲେ ଏଠିକାର ମାନବ ସମ୍ବଳର ଉପଯୁକ୍ତ ବିନିଯୋଗ ହୋଇପାରନ୍ତା । ବାହାସ୍ଫୋଟ ମାରୁଥିବା ରାଜନେତା, ଉଦାସୀନତା ପ୍ରଶାସନ ଓ ତଥାକଥିତ ବୁଦ୍ଧିଜୀବୀ ଏକ ସୁପରିକଳ୍ପିତ ଯୋଜନା ମାଧ୍ୟମରେ। ଏହାକୁ ଗୁରୁତ୍ୱ ସହ ସୁବିଚାର କରି ଉପଯୁକ୍ତ ପଦକ୍ଷେପ ନେଲେ ସାମଗ୍ରିକ ବିକାଶ ହୋଇପାରନ୍ତା ବୋଲି ଅଞ୍ଚଳବାସୀଙ୍କ ମଧ୍ୟରେ ଦାବୀ ହୋଇଛି ।

## ରାଜରାସ୍ତାରେ ଅତିଷ୍ଠ କଲେଣି ଗାଈଗୋରୁ ପଲ



**ହିନ୍ଦୋଳ,(ମହାଭାରତ) :** ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଏନଏସି ମୁଖ୍ୟ ରାଜରାସ୍ତା ପାଲଟିଛି ମରଣଯନ୍ତା । ହିନ୍ଦୋଳ ଏନ ଏ ସି ର ମୁଖ୍ୟ ରାସ୍ତା ସାରା, ସମସ୍ତ ବଜାର, ଛକ, ଗଳି ରାସ୍ତା ଉପରେ ସବୁଠି ପୋଷା ଗାଈଗୋରୁ ଭିଡ଼ ଜମେଇ ରହୁଛନ୍ତି। ହିନ୍ଦୋଳ ଏନଏସିର ଆଦର୍ଶସ୍କୁଲ ସାମ୍ନା, ଭେଟନାରୀ ଛକ, ବସଷ୍ଟାଣ୍ଡ ଛକ, ଲକ୍ଷ୍ମୀବଜାର, ଥାନାଛକ, ମେଡିକାଲ ଛକ, ବଡଦାଣ୍ଡ, ହାଟ ଛକ, ନୂତନପଟଣା, ଧୁଳିଆମୁଣ୍ଡା, କାନ୍ଦରାଗୁଣି ଛକ, ଧୁନ୍ଦିନାଳୀ ଛକ, ସରଧାପୁର, ଚିଡ଼ିଆଖାନା ଛକ, ରାମମନ୍ଦିର ଛକ, ବ୍ଲକ ଓ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସାମ୍ନା ଯେଉଁଠିବି ଦେଖ ଶହଶହ ଗାଈଗୋରୁ ଦିନରାତି ୨୪ଘଣ୍ଟା ମୁଖ୍ୟରାସ୍ତା ସବୁ ଅବରୋଧ କରି ରହୁଛନ୍ତି। ଜନସାଧାରଣ ନିଜର ଗୁହାଳ ନକରି ଗାଈଗୋରୁ ମାନଙ୍କୁ ରାଜରାସ୍ତାରେ ଛାଡି ଦେବା ଫଳରେ ଦୈନନ୍ଦିନ ଛୋଟବଡ଼ ଦୁର୍ଘଟଣାମାନ ଘଟି ପଥଚାରି ମୃତାହତ ହେଉଛନ୍ତି। ଢେଙ୍କାନାଳ-ଅନୁଗୋଳ-ନରସିଂହପୁରରୁ ହିନ୍ଦୋଳକୁ ସଂଯୋଗ କରୁଥିବା ଏହି ମୁଖ୍ୟ ରାସ୍ତା ଦେଇ ଦୈନିକ ଶହଶହ ସଂଖ୍ୟାରେ ଚାରିଚକିଆ, ଦୁଇ ଚକିଆ, ସାଇକେଲ ଓ ହଜାର ହଜାର ପଥଚାରି ବିପଦପୂର୍ଣ୍ଣ ଭାବରେ ଗମନା ଗମନ କରୁଥିବା ବେଳେ ଦୈନିକ ବହୁ ଅଫିସର, କର୍ମଚାରୀ, ନେତା, ବିଧାୟକ, ସାଂସଦ, ମନ୍ତ୍ରୀ, ଉଚ୍ଚପଦାଧିକାରୀ, ମଧ୍ୟ ଯାତାୟତ କରନ୍ତି କିନ୍ତୁ ଗାଈଗୋରୁ ସମସ୍ୟାକୁ ଆଖିବୁଜି ଦିଅନ୍ତି । ଦୈନନ୍ଦିନ ଛୋଟବଡ଼ ବହୁ ଦୁର୍ଘଟଣା ଘଟି ଅନେକ ମୃତାହତ ହେଉଥିବା ବେଳେ ଦୈନିକ ଯାତାୟତ ପାଇଁ ମଧ୍ୟ ଜନସାଧାରଣ ଭୟ କରୁଛନ୍ତି। କୋଭିଡ ସମୟରେ ଏନଏସି କର୍ତ୍ତୃପକ୍ଷ ଏଥିପାଇଁ ପଦକ୍ଷେପ ନେଇ ଏକ ଅସ୍ଥାୟୀ ବ୍ୟବସ୍ଥା ଷ୍ଟାଡିୟମ ନିକଟରେ କରିଥିଲେ ମଧ୍ୟ କିଛି ବ୍ୟକ୍ତିଙ୍କ ବିରୋଧ ସହିତ ଅଧିକାରୀ ଓ ପରିଷଦ ବଦଳିଲା ପରେ ଗାଈଗୋରୁ ସମସ୍ୟାକୁ ଅଣଦେଖା କରାଯାଇଛି। ଲକ୍ଷଲକ୍ଷ ଟଙ୍କାରେ ଅସ୍ଥାୟୀ ଭାବରେ ନିର୍ମାଣ କରାଯାଇଥିବା କାଞ୍ଜିଆହୁଦା ରକ୍ଷଣବେକ୍ଷଣ ଅଭାବରୁ ଜରାଜୀର୍ଣ୍ଣ ହୋଇପଡିଛି। ଫଳରେ ସହରରେ ଜନଅସନ୍ତୋଷ ଦିନକୁଦିନ ବୃଦ୍ଧି ପାଇବାରେ ଲାଗୁଛି । ହିନ୍ଦୋଳ ଏନଏସିରେ ଏହି ମୁଖ୍ୟ ସମସ୍ୟା ପାଇଁ ବାରମ୍ବାର ଅଭିଯୋଗ ସତ୍ୱେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନାହିଁ। ଏନେଇ ଲିଖିତ ଭାବରେ ଅବଗତ ମଧ୍ୟ କରାଇଯାଉଚି ବାରମ୍ବାର ମାତ୍ର କାର୍ଯ୍ୟାନୁଷ୍ଠାନ ଶୂନ। ତେବେ ଦେଖିବାକୁ ବାକି ରହିଲା ହିନ୍ଦୋଳ ଏନଏସି ରାଜରାସ୍ତାରୁ କେବେ ହଟୁଛନ୍ତି ଗାଈଗୋରୁ।

## ଶ୍ରୀ କୃଷ୍ଣଙ୍କ ଜନ୍ମ ଦିବସ ପାଳନ



**କଳାହାଣ୍ଡି,(ମହାଭାରତ) :** ଭାଦ୍ରବମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥିକୁ ଭଗବାନ ଶ୍ରୀକୃଷ୍ଣଙ୍କ ଜନ୍ମଦିବସ ରୂପେ ପାଳନ କରାଯାଏ । ଆଜି ମଧ୍ୟରାତ୍ରରେ ଧରାବତଣ କରିବେ ପ୍ରଭୁ ଶ୍ରୀକୃଷ୍ଣ । ଏନେଇ ଉତ୍ସବ ମୁଖର ଗାଁଠୁ ସହର, ଭାବମୟ ହୋଇଛି ପରିବେଶ । ଆଜିର ଦିନରେ ହିନ୍ଦୁ ଧର୍ମାଲମ୍ବୀମାନେ ଉପବାସ କରି ବ୍ରତ ପାଳନ କରନ୍ତି । ଜନ୍ମାଷ୍ଟମୀ ଅବସରରେ କଳାହାଣ୍ଡି ଜିଲ୍ଲାର ମନ୍ଦିର ଗୁଡିକରେ ସକାଳୁ ସକାଳୁ ଭକ୍ତଙ୍କ ଭିଡ ଜମିଥିବାବେଳେ ଭବାନୀପାଟଣା ସହରର ରାଧାକୃଷ୍ଣ ମନ୍ଦିର, ମଦନମୋହନ ମନ୍ଦିର, ଜଗନ୍ନାଥ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ରାତ୍ରି ସମୟରେ ମନ୍ଦିର ଗୁଡିକରେ ପ୍ରଭୁ ଶ୍ରୀକୃଷ୍ଣଙ୍କ ଜନ୍ମଷ୍ଟମୀ ନୀତି ଅନୁଷ୍ଠିତ ହେବ । ସେହିପରି ଆଜି ଜିଲ୍ଲାର ବିଭିନ୍ନ ସ୍କୁଲ ଗୁଡିକରେ କୁନି କୁନି ଛାତ୍ରଛାତ୍ରୀ ମାନେ ରାଧାକୃଷ୍ଣଙ୍କ ବେଶରେ ସଜେଇ ହୋଇ ଶ୍ରୀ କୃଷ୍ଣଙ୍କ ବାଲ୍ୟ ଲୀଳା ପରିବେଷଣ କରୁଛନ୍ତି । ସେପଟେ କଳାହାଣ୍ଡି ଜିଲ୍ଲା ଯାଦବ ଯୁବ ଶକ୍ତି ପକ୍ଷରୁ ଶ୍ରୀକୃଷ୍ଣ ଙ୍କ ଜନ୍ମାଷ୍ଟମୀ କୁ ନେଇ ଏକ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିବା ବେଳେ ବେଶ୍ ଧୁମଧାରେ ପାଳିତ ହୋଇ ହୋଇଛି। ପ୍ରାୟ ୬ ସହ ଯୁବକ ଯୁବତୀ ମାନଙ୍କୁ ନେଇ ଭବାନୀପାଟଣା ଡିଆଇଇଟି ଠାରେ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିବା ପରେ ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ୍ ଠାରେ ପହଞ୍ଚିବା ପରେ ପ୍ରଭୁ ଶ୍ରୀ କୃଷ୍ଣ ଙ୍କ ପୂଜା ଉତ୍ସବ ଅନୁଷ୍ଠିତ ହୋଇଥିଲା ପରେ ପ୍ରସତ୍ ସେବା ସହ ସହରରେ ଥିବା ବିକଳାଙ୍ଗ ଓ ଗରିବ ମାନଙ୍କୁ ଖାଦ୍ୟ ପ୍ରଦାନ କରାଯାଇଥିଲା।

## ପାରାଦୀପ ବନ୍ଦରର ଐତିହାସିକ କୀର୍ତ୍ତିମାନ ସ୍ଥାପନ



**ପାରାଦୀପ, (ମହାଭାରତ) :** ପାରାଦୀପ ବନ୍ଦର ପ୍ରାଧିକରଣ (ପିପିଏ) ସୋମବାର ପୂର୍ବାହ୍ନରେ ଟାଟା ଷ୍ଟିଲ୍ ଲିମିଟେଡ୍ ଦ୍ୱାରା ଆମଦାନୀ ହୋଇଥିବା ଷ୍ଟିମ କୋଇଲା ବୋଝେଇ 'ଏମଭି ଥାଲାସିନି ଆଭାର' ନାମକ କେପ୍ ବା ବୃହତକାୟ ଜାହାଜ କୁ ସଫଳତାର ସହ ବନ୍ଦର ପୋତାଶ୍ରୟ ରେ ବର୍ଥୀଙ୍ଗ କରି ନିଜର ଉଲ୍ଲେଖନୀୟ ଦକ୍ଷତା ପ୍ରଦର୍ଶନ କରିଛି। ୧ ଲକ୍ଷ ୫୦ ହଜାର ୨୫୩ ମେଟ୍ରିକ ଟନ କ୍ଷମତା ବିଶିଷ୍ଟ ଏହି ଷ୍ଟିମ କୋଇଲା ଜାହାଜ ପ୍ରଥମ ଥର ପାରାଦୀପ ବନ୍ଦରର କେଆଇସିଟି ପୋତାଶ୍ରୟରେ ଲାଗିବା ଏକ ଐତିହାସିକ ସ୍ମରଣୀୟ ଘଟଣା। ଏହି ବୃହତ ଜାହାଜ ପରିଚାଳନା ପାରାଦୀପ ବନ୍ଦରର ସାମର୍ଥ୍ୟ ଓ ସ୍ଥିତିକୁ ଆଲୋକିତ କରିବା ସହ ଏକ ଅଗ୍ରଣୀ ସାମୁଦ୍ରିକ ହବ ରେ ପରିଣତ ହୋଇପାରିଛି। ଏହି ବୃହତ୍ ଜାହାଜର ସଫଳ ବର୍ଥୀଙ୍ଗ ହେଉଛି ବନ୍ଦରର ବିଶ୍ୱ ସ୍ତରୀୟ ଭିତ୍ତିଭୂମି, ଉନ୍ନତ ଜ୍ଞାନକୌଶଳର ଏକ ପ୍ରମାଣ। ଏହି ସଫଳତା ବିଷୟରେ ବନ୍ଦର ଅଧ୍ୟକ୍ଷ ପି.ଏଲ୍.ହରନାଦ କହିଛନ୍ତି "ଏମ.ଭି ଥାଲାସିନି ଆଭାର' ଜାହାଜ ର ଆଗମନ ଆମ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ଏହା ବିଶ୍ୱର ବୃହତ୍ତମ ଜାହାଜ ଗୁଡିକର ପରିଚାଳନା କରିବା ପାଇଁ ଆମର କ୍ଷମତାକୁ ସୂଚିତ କରେ ଏବଂ ଭାରତର ଦୃତ ଶିଳ୍ପ ଚାହିଦାକୁ ପୂରଣ କରିବାକୁ ଆମର ପ୍ରତିବଦ୍ଧତାକୁ ପ୍ରମାଣିତ କରେ । ଏହି ପ୍ରୟାସରେ ଟାଟା ଷ୍ଟିଲ୍ ଲିମିଟେଡ୍ ସହିତ ଅଂଶୀଦାର ହୋଇ ଆମେ ଗର୍ବିତ ଏବଂ ସେମାନଙ୍କ ଆମଦାନୀ କାର୍ଯ୍ୟକୁ ସୁଗମ କରିବାରେ ଆମର ଭୂମିକା ଜାରି ରଖିବୁ । ଏହି ସଫଳତା ପାରାଦୀପ ବନ୍ଦରର ସୁନାମ ସହିତ ଭାରତର ସାମୁଦ୍ରିକ ଦୃଶ୍ୟପଟରେ ଏହାର ରଣନୈତିକ ଗୁରୁତ୍ୱକୁ ମଧ୍ୟ ପ୍ରତିପାଦିତ କରିବ । ଏହିପରି ବୃହତ ଜାହାଜ ପରିଚାଳନା କରିବାକୁ ବନ୍ଦରର ସାମର୍ଥ୍ୟ ଏହାର ପ୍ରତିଯୋଗିତାମୂଳକ ଧାରା କୁ ବୃଦ୍ଧି କରିବା ସହିତ ଭବିଷ୍ୟତରେ ଅଧିକ ବିଶ୍ୱ ପରିବହନ ସଂସ୍ଥା କୁ ଆକର୍ଷିତ କରିବ ବୋଲି ଆଶା କରାଯାଉଛି । ବନ୍ଦରର କ୍ରମାଗତ ବିସ୍ତାର ଏବଂ ଆଧୁନିକୀକରଣ ପ୍ରୟାସ ବିଶ୍ୱ ବାଣିଜ୍ୟ ପାଇଁ ଏକ ପ୍ରମୁଖ ପ୍ରବେଶ ପଥ ଭାବରେ ଏହାର ସ୍ଥିତିକୁ ଆହୁରି ବୃଦ୍ଧି କରାଯିବା ନେଇ ବନ୍ଦର ଅଧ୍ୟକ୍ଷ ଶ୍ରୀ ହରନାଦ ସୂଚନା ଦେଇଛନ୍ତି ।

## ବିଭିନ୍ନ ସ୍ଥାନରେ ପବିତ୍ର ଜନ୍ମାଷ୍ଟମୀ ପର୍ବ ପାଳିତ

**ବେଗୁନିଆ,(ମହାଭାରତ) :** ବେଗୁନିଆ ବ୍ଲକର ବିଭିନ୍ନ ଗ୍ରାମ ସମେତ ଶିକ୍ଷାନୁଷ୍ଠାନରେ ପବିତ୍ର ଜନ୍ମାଷ୍ଟମୀ ପର୍ବ ଧୁମଧାମରେ ପାଳନ ହୋଇଛି । ଏଥିରେ ଶିକ୍ଷାନୁଷ୍ଠାନ ଗୁଡିକରେ ଅଧ୍ୟୟନ ରତ ଛାତ୍ରଛାତ୍ରୀ ମାନେ ନନ୍ଦ, ଯଶୋଦା, ବସୁଦେବ, ଦେବକୀ,କୃଷ୍ଣ, ବଳରାମ, ରାଧା, ସୁଦାମା ଓ କଂସ ଆଦି ପୋଷାକରେ ସୁ ସଜ୍ଜିତ ହୋଇ ଗ୍ରାମ ପରିକ୍ରମା କରି ଏକ ଭାବମୟ ପରିବେଶ ସୃଷ୍ଟି କରିଥିଲେ। ତତସହିତ ନାଚ, ଗୀତ, ବୃକ୍ଷରୋପଣ,ପ୍ରତିଯୋଗିତା, ଆଧାତ୍ମିକ ପରିବେଶ ସୃଷ୍ଟି କରି ପ୍ରବଚନ ଓ ଭଗବତ ଗୀତା ବଣ୍ଟନ ବହୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ବେଗୁନିଆ ବ୍ଲକ ଅନ୍ତର୍ଗତ ପୋଡ଼ାଡିହ ପଂଚାୟତର କୋଟପଲା ଗ୍ରାମସ୍ଥିତ ବିବେକାନନ୍ଦ ପବ୍ଲିକ ସ୍କୁଲର ସମ୍ପାଦକ ଉତ୍କଳ ରାଉତଙ୍କ ଅଧ୍ୟକ୍ଷତାରେ ଶିକ୍ଷାବିତ ବସନ୍ତ କୁମାର ମିଶ୍ର ମୁଖ୍ୟ ଅତିଥି, ସମାଜସେବୀ ବାଉରୀ ଶ୍ରୀ ଚନ୍ଦନ ମୁଖ୍ୟବକ୍ତା ଓ ପ୍ରବଚକ ଭାଗିରଥି ରାମ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଧାର୍ମିକ ଭାବନା ଉଦ୍ରେକ କରିବାକୁ ପରାମର୍ଶ ଦେଇଥିଲେ । ପୋଡ଼ାଡିହ ଗ୍ରାମସ୍ଥିତ ଭାରତୀୟ ବିଦ୍ୟା ନିକେତନ ପରିସରରେ ସମାଜସେବୀ ପର୍ଶୁରାମ ମିଶ୍ରଙ୍କ ଅଧ୍ୟକ୍ଷତାରେ ଜଗନ୍ନାଥ ସଂସ୍କୃତି ଗବେଷକ ସୁଦର୍ଶନ ଚମ୍ପତି ମୁଖ୍ୟ ଅତିଥି, ପଣ୍ଡିତ ସତ୍ୟବାଦୀ ଦାଶ ମୁଖ୍ୟବକ୍ତା ଓ ଯୁବ ପ୍ରବଚକ ତଥା ଶିକ୍ଷକ ସନ୍ତୋଷ କୁମାର ମହାପାତ୍ର ପ୍ରମୁଖ ଯୋଗ ଦେଇ ଭକ୍ତି ଓ ଭାବର ଧାରାକୁ ଆଗାମୀ ଦିନରେ ଛାତ୍ରଛାତ୍ରୀମାନେ ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ ।ଏତଦ ବ୍ୟତୀତ ଦେଉଳି ପଞ୍ଚାୟତ ଅନ୍ତର୍ଗତ ଡଙ୍ଗରପଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ କୋଚିଆଖାଲ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜନ୍ମେଶ୍ୱର ମଙ୍ଗରାଜ ମୁଖ୍ୟଅତିଥି, ପରିଛଳ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ନିରାକାର ବଳିଆରସିଂହ, ସ୍ଥାନୀୟ ସରପଞ୍ଚ ଅକ୍ଷୟ କୁମାର ରାଉତରାୟ ଓ ସମାଜସେବୀ ଜିତେନ୍ଦ୍ର ପାହାଡାସିଂହ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ସୁ ନାଗରିକ ହେବାକୁ ପରାମର୍ଶ ଦେଇଥିଲେ । ସେହିପରି କଣ୍ଟାବାଡ ଗ୍ରାମସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ପକ୍ଷରୁ ବାଙ୍କୀ ବ୍ଲକ ଉପଖଣ୍ଡ ଅନ୍ତର୍ଗତ ପାଣିକୋଇଲି ଗ୍ରାମର ଜଳେଶ୍ୱର ମନ୍ଦିର ପରିସରରେ ସମ୍ପାଦକ ଦିଲୀପ କୁମାର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଶିକ୍ଷା ବିକାଶ ସମିତି ପୂର୍ବ ସମ୍ଭାଗ ସଭାପତି କୁଳମଣି ମିଶ୍ର ମୁଖ୍ୟଅତିଥି, ଶିକ୍ଷକ ନରୋତ୍ତମ ବେହେରା ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଭାରତୀୟ ସଂସ୍କୃତିର ପ୍ରମୁଖ ପର୍ବ ଭିତରେ ଜନ୍ମାଷ୍ଟମୀ ପର୍ବକୁ ଧୂମଧାମରେ ପାଳନ କରାଯାଇଥାଏ ବୋଲି ମତ ପ୍ରକାଶ କରିଥିଲେ ।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ



**ପାରଳାଖେମୁଣ୍ଡି,(ମହାଭାରତ) :** ସୋମବାର ଦିନ ପାରଳାଖେମୁଣ୍ଡି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଉତ୍ସବ ବଡ଼ ହାସ୍ୟ ଉଲ୍ଲାସରେ ତଥା ଆନନ୍ଦର ସହିତ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ଶିଶୁ ପ୍ରାରମ୍ଭ ଠାରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ କୁନିକୁନି ଭାଇଭଉଣୀ ମାନେ ରାଧା ଓ କୃଷ୍ଣ ପକାଇ ସ୍ଥାନୀୟ କରଣ ସାହି ସ୍ଥିତ ଶ୍ରୀ ନୃସିଂହନାଥ ମଠରୁ ଏକ ବିରାଟ ସୋଭା ଯାତ୍ରାରେ ବାହାରି ନଗର ପରିକ୍ରମା କରି ବିଦ୍ୟାଳୟରେ ପହଞ୍ଚି ଥିଲେ ।ଉକ୍ତ ଶୋଭା ଯାତ୍ରାରେ ବିଦ୍ୟାଳୟର ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ମାନେ ଶ୍ରୀକୃଷ୍ଣ ଓ ରାଧା ବେଶରେ ଭାଗ ନେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶ୍ରୀମତୀ ଇନ୍ଦିରା ଜମାଦାର, ମୁଖ୍ୟବକ୍ତା ରୂପେ ସୁଶ୍ରୀ ଚାରୁବାଳା ନାୟକ,ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ଦେବୀ ମଠର ମହନ୍ତ ପୂଜ୍ୟଶ୍ରୀ ରାମାନନ୍ଦ ଦାଶ ମହାରାଜ,ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଶ୍ରୀଯୁକ୍ତ ସୁବାଷ ଚନ୍ଦ୍ର ଜମାଦାର, ଉପ- ସଭାପତି ଶ୍ରୀଯୁକ୍ତ ସଂଜୟ ଜେନା,ସମ୍ପାଦକ ଶ୍ରୀଯୁକ୍ତ ଚନ୍ଦ୍ରଶେଖର ପଟ୍ଟନାୟକ, ଯୁଗ୍ମ- ସମ୍ପାଦକ ବିଭୂତି ଭୂଷଣ ରଥ, କୋଷାଧ୍ୟକ୍ଷ ଶ୍ରୀଯୁକ୍ତ ପ୍ରମୋଦ ଚନ୍ଦ୍ର ପାଢ଼ୀ,ସଦସ୍ୟା ଶ୍ରୀମତୀ ସରିତା ପାଣିଗ୍ରାହୀ ଓ ଶ୍ରୀମତୀ ସୁଜାତା ଗମାଙ୍ଗ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ନୃତ୍ୟବିଚିତ୍ରା ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମଟି ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ଶ୍ରୀଯୁକ୍ତ ସରୋଜ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ତଥା ଅନ୍ୟ ଆଚାର୍ଯ୍ୟ ଆଚାର୍ଯ୍ୟାଙ୍କ ସହଯୋଗରେ ସଫଳ ମଣ୍ଡିତ ହୋଇଥିଲା। ଏହି ଅବସରରେ ବିଦ୍ୟାଳୟ ପରିସର ମଧ୍ୟରେ ୯ମ ଓ ୧୦ମ ଛାତ୍ରମାନଙ୍କ ଦ୍ୱାରା ଦହି ହାଣ୍ଡି ଭଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମର ଶେଷରେ ବିଦ୍ୟାଳୟର ବରିଷ୍ଠ ସଂସ୍କୃତ ଆଚାର୍ଯ୍ୟ ଶ୍ରୀଯୁକ୍ତ ଗୋପାଳକୃଷ୍ଣ ପଣ୍ଡିତ ଧନ୍ୟବାଦ ଅର୍ପଣ କରିଥିଲେ।

## NPS ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତା ଚୟନ



**ଭଞ୍ଜନଗର,(ମହାଭାରତ) :** ୨୦୨୪ ରବିବାର ସକାଳ ୧୦ ଘଣ୍ଟିକା ସମୟରେ, ସ୍ଥାନୀୟ ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଙ୍କ ସମ୍ମୁଖ ରେ ଥିବା NAC କଲ୍ୟାଣ ମଣ୍ଡପ ଠାରେ ଭଞ୍ଜନଗର ବ୍ଲକ NPS ଶିକ୍ଷକ ସଂଘର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଭଞ୍ଜନଗର ବ୍ଲକ ଅନ୍ତର୍ଗତ ସମସ୍ତ NPS ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଯୋଗଦାନ କରିଥିଲେ । ଏଥିରେ ମୁଖ୍ୟ ଅତିଥି ରୂପେ ବରିଷ୍ଠ ଶିକ୍ଷକ ଶ୍ରୀଯୁକ୍ତ ତ୍ରିନାଥ ପଟ୍ଟନାୟକ ଯୋଗଦାନ କରିଥିଲେ । ସମ୍ମାନିତ ଅତିଥି ରୂପେ ଶ୍ରୀଯୁକ୍ତ ସୁଧୀର କୁମାର ବେହେରା ଯୋଗଦାନ କରିଥିଲେ । ଏହି ସଭା ର ଅଧ୍ୟକ୍ଷତା କରିଥିଲେ ଶ୍ରୀଯୁକ୍ତ ସଞ୍ଜୟ କୁମାର ପ୍ରଧାନ । ଶ୍ରୀଯୁକ୍ତ ଦେବୀ ଦାସ ସଭା କାର୍ଯ୍ୟ ସଂଯୋଜନା କରିଥିଲେ । ଶିକ୍ଷକ କାଳୀ ଚରଣ ସେଠୀ, ନିର୍ମଳ କୁମାର ସ୍ୱାଇଁ, ସୁଜିତ୍ କୁମାର ସ୍ୱାଇଁ, ସୁଧାଂଶୁ ମହାପାତ୍ର, ଅବିନାଶ ପଣ୍ଡା, ଶିବାଶିଷ ବେହେରା, ସୀମାଞ୍ଚଳ ପାତ୍ର ଓ ଅନ୍ୟମାନେ ସଭା କାର୍ଯ୍ୟ ପରିଚାଳନା କରିଥିଲେ । ଏଥିରେ ସଂଘର ସଭାପତି ଭାବେ ଶ୍ରୀଯୁକ୍ତ ଜଗଦୀଶ ନାୟକ ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଥିଲେ । ଉପସଭାପତି ଭାବେ ଶ୍ରୀମତୀ ଆଶାଲତା ବେହେରା, ସମ୍ପାଦକ ଭାବେ ଶ୍ରୀଯୁକ୍ତ ମନୋଜ କୁମାର ବେହେରା ଓ ସହ ସମ୍ପାଦକ ଭାବେ ଶ୍ରୀଯୁକ୍ତ ଶିଶିର କାନ୍ତ ପତି, କୋଷାଧ୍ୟକ୍ଷ ଭାବେ ଶ୍ରୀଯୁକ୍ତ ପଦ୍ମନାଭ ପ୍ରଧାନ, ଶିକ୍ଷୟତ୍ରୀ ପ୍ରତିନିଧି ଭାବରେ ଶ୍ରୀମତୀ ଅନୁପମା ସାହୁ, ମିଡ଼ିଆ ସଂଯୋଜକ ଭାବେ ଶ୍ରୀଯୁକ୍ତ ବୈରାଗୀ ଗୌଡ଼, ମଣ୍ଡଳୀୟ ସମ୍ପାଦକ ଭାବରେ ଶ୍ରୀଯୁକ୍ତ ଭକ୍ତବନ୍ଧୁ ବିଷୋୟୀ, ଶ୍ରୀଯୁକ୍ତ ମୋହନ ସାହୁ ଓ ଶ୍ରୀଯୁକ୍ତ ଅଶୋକ କୁମାର ବେହେରା ନିର୍ବାଚିତ ହୋଇଥିଲେ । ଏହି ବୈଠକରେ ଭଞ୍ଜନଗର ବ୍ଲକ ଅନ୍ତର୍ଗତ ସମସ୍ତ NPS ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କର ଭବିଷ୍ୟତ କାର୍ଯ୍ୟପନ୍ଥା ଓ ବିଭିନ୍ନ ଦାବି ସମ୍ପର୍କରେ ଆଲୋଚନା କରାଝଯାଇଥିଲା ।

## ଘଷିଏନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କଲେ ସାଂସଦ, ରାଜ୍ୟସଭା



**ପାଟଣାଗଡ, (ମହାଭାରତ) :** ପାଟଣାଗଡ ଉପଖଣ୍ଡ ଡାକ୍ତରଖାନା ଅଧିନସ୍ଥ ଘଷିଏନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଚିକିତ୍ସା ହେଉଥିବା ଡାଇରିଆ ଆକ୍ରାନ୍ତ ରୋଗୀ ମାନଙ୍କୁ ସଠିକ ଚିକିତ୍ସା ବ୍ୟବସ୍ଥା କରିବା ସହିତ ଗାଁ ମାନଙ୍କ ରେ ଡାଇରିଆ ନ ବ୍ୟାପିବା ପାଇଁ ସଚେତନତା କାର୍ଯ୍ୟକ୍ରମ ଏବଂ ତୁରନ୍ତ ପ୍ରତିଷେଧ ବ୍ୟବସ୍ଥା ଗ୍ରହଣ କରିବା ପାଇଁ ଡାକ୍ତର କର୍ମଚାରୀ ମାନଙ୍କୁ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି ପରାମର୍ଶ ଦେଇଥିଲେ । ଡାଇରିଆ ସଂକ୍ରମିତ ରୋଗୀ ମାନଙ୍କୁ ତଳେ ଚିକିତ୍ସା କରୁଥିବାରୁ ଜନସାଧାରଣଙ୍କ ଅଭିଯୋଗକ୍ରମେ ଘଷିଏନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଥିବା କରୋନା ଚିକିତ୍ସା କେନ୍ଦ୍ର କୁ ଡାଇରିଆ ରୋଗୀ ମାନଙ୍କ ଚିକିତ୍ସା ପାଇଁ ଉପଯୋଗ କରିବାକୁ ସାଂସଦ ଶ୍ରୀ ବିଶି ବଲାଙ୍ଗିର ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ଉକ୍ତ କରୋନା କେନ୍ଦ୍ର ରେ ଥିବା ଶଯ୍ୟାରେ ରୋଗୀ ମାନଙ୍କୁ ଚିକିତ୍ସା କରାଯାଇଥିଲା ।

## ରାଜନୀତିର ଦୋ ଛକିରେ ସାଧାରଣ ଜନତା ହନ୍ତସନ୍ତ



**ଗଜପତି,(ମହାଭାରତ) :** ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିରେ ରାସ୍ତାଘାଟ ଶୋଚନୀୟ ହୋଇ ପଡ଼ିଲାଣି କିନ୍ତୁ ରାସ୍ତା ଘାଟ ମରାମତି ହୋଇ ପାରୁ ନାହିଁ ସହର ମୂଖ୍ୟ ରାସ୍ତା ଗୁଡିକ ଖାଲଖମା ଯାହା ଦ୍ୱାରା ଛୋଟ ମୋଟ ଦୁର୍ଘଟଣା ହେଉ ଥିବାର ଅଭିଯୋଗ ହେଉଛି। ପୂର୍ତ୍ତ ବିଭାଗ ସବୁଜାଣି ନିଦାବିଷ୍ଟୁ ପାଲଟି ଯାଇଛି। ସେହିଭଳି ସହରର ବିଭିନ୍ନ ରାସ୍ତା ଖରାପ ହୋଇପଡିଛି ଏଥି ପ୍ରତି ପୌର ପରିଷଦ ମଧ୍ୟ ଦୃଷ୍ଟି ପଡୁନାହିଁ ଯାହା ଫଳରେ ସାଧାରଣ ଜନତା ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ତ୍ତମାନ ନୂତନ ସରକାର ଆସିଛି ଏଥି ପ୍ରତି ଶୁଭ ଦୃଷ୍ଟି ପଡିଲେ ଜନ ସାଧାରଣ ଉପକୃତ ହେବେ ବୋଲି ଜନ ସାଧାରଣ ଲୋକଙ୍କ ଉପକୃତ ହେବେ ବୋଲି ଆଶା କରାଯାଉଛି ।

## ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ



**କନ୍ଧମାଳ,(ମହାଭାରତ) :** ଜିଲ୍ଲାର ପ୍ରତ୍ୟେକ ବ୍ଲକର ପ୍ରତ୍ୟେକ ପଞ୍ଚାୟତରେ ଥିବା ଜନସେବା କେନ୍ଦ୍ର (CSC) ପରିଚାଳକମାନେ ନିଜ ନିଜ କେନ୍ଦ୍ର ନିକଟରେ ଗଛ ଲଗାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ମା' ପାଇଁ ଗଛଟିଏ' କାର୍ଯ୍ୟ ଅଭିଯାନର ସଂସ୍କାରକ ହେବାକୁ ଆରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରମ ବିନାୟକ ସାବତଙ୍କ ନିୟମିତ ଦିଗଦର୍ଶନରେ ଆୟୋଜିତ ହୋଇଥିଲା, ଯାହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପରିବେଶ ସୁରକ୍ଷା ଓ ପ୍ରତିଡିଷ୍ଠା। ଜିଲ୍ଲା ମେନେଜର ବିନାୟକ ସାବତ କହିଛନ୍ତି ଯେ, ଏହି ଅଭିଯାନ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିବା ପରିବେଶ ସୁରକ୍ଷା ଉଦ୍ୟମର ଏକ ଅଂଶ, ଯାହାର ମୂଳ ଉଦ୍ଦେଶ୍ୟ ହେଉଛି ଭବିଷ୍ୟତ ପିଢ଼ି ପାଇଁ ଏକ ସ୍ୱଚ୍ଛ ଓ ସୁସ୍ଥ ପରିବେଶ ତିଆରି କରିବା। ସେମାନେ ୨ ବର୍ଷ ପର୍ଯ୍ୟନ୍ତ ଗଛର ଯତ୍ନ ନେବାକୁ VLEମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି, ଯାହାର ମୂଳ ଉଦ୍ଦେଶ୍ୟ ହେଉଛି ବର୍ତ୍ତମାନର ପରିବର୍ତ୍ତନଶୀଳ ଜଳବାୟୁ ପରିସ୍ଥିତିରେ ପରିବେଶ ସନ୍ତୁଳନ ରକ୍ଷା କରିବା। ଗଛ ଲଗାଇବା ମାତ୍ର ଯଥେଷ୍ଟ ନୁହେଁ, ଏହାର ସଠିକ ଯତ୍ନ ଓ ସମ୍ଭାଳ ବି ଖୁବ୍ ଜରୁରୀ, ସେ ତା'ର ବ୍ୟକ୍ତବ୍ୟରେ କହିଛନ୍ତି ।

## ବରୀଶ୍ରୀ ପକ୍ଷରୁ ୩୦ ତମ ବାର୍ଷିକ ଉତ୍ସବ



**ବରୀ,(ମହାଭାରତ) :** ରାମାଦେବୀ ଗୋପବନ୍ଧୁ ଚୌଧୁରୀ ଆଶ୍ରମ ଠାରେ ବରୀ ସାହିତ୍ୟ ସଂସଦର ମୁଖପାତ୍ର ବରୀଶ୍ରୀର ୩୦ ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବରୀଶ୍ରୀ ସାହିତ୍ୟ ଅନୁଷ୍ଠାନର ସଭାପତି ଆଶୁତୋଷ ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶ୍ରୀହରି ଧଳ ଯୋଗ ଦେଇ ସାହିତ୍ୟକୁ ବଂଚାଇବାକୁ ବଞ୍ଚାଇ ରଖିବା ପାଇଁ କେବଳ ସାହିତ୍ୟିକ ମାନଙ୍କ ପ୍ରୟାସ ସହିତ ବରୀ ଅଂଚଳର ବୁଦ୍ଧିଜୀବୀ, ଶିକ୍ଷାବିତ ସମସ୍ତଙ୍କର ସହଯୋଗ ରହିବା ଆବଶ୍ୟକ ରହିଛି ବୋଲି ମତ ରଖିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ପ୍ରଶାନ୍ତ କୁମାର ସାହୁ , ସମ୍ମାନିତ ଅତିଥି ଭାବେ ଶରତ କୁମାର ରାୟ ଯୋଗ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବରୀଶ୍ରୀ ସମ୍ପାଦକ ସୁମନ୍ତ ପଣ୍ଡା, ନବ ନିର୍ମାଣ କୃଷକ ସଂଗଠନର ଜିଲ୍ଲା ସଂଯୋଜକ ନିମାଇଁ ଚରଣ ରାୟ, ଧ୍ରୁବ ଚରଣ ଦାସ, ପ୍ରଭାସ କୁମାର ଦାସ, ରମ୍ଭା ପଂଚାୟତର ସରପଂଚ ମାନସ ଯେନା, ଆଇନଜୀବି ଚିତରଞ୍ଜନ ଓଝା, ପରମାନନ୍ଦ ବେହେରା, ବରୀଶ୍ରୀ କଳା ପଟ୍ଟାର ଲେଖକ ଗୟାଧର ଯେନା , କବି ତଥା ସାହିତ୍ୟିକ ସବିତା ନାୟକ ସମେତ ଅନେକ କବି ଉପସ୍ଥିତ ଥିଲେ। ସେହିପରି ଶୁଶିଲ କୁମାର ଦାଶ, ସୁବ୍ରତ କୁମାର ପଢିଆରି, ସୀତା ଅପାଙ୍କ ଓ ରାମାଦେବୀ ଗୋପବନ୍ଧୁ ଆଶ୍ରମର କର୍ମକର୍ତା ମାନେ ଉପସ୍ଥିତ ରହି ସମ୍ପୂର୍ଣ୍ଣ ସହ ଯୋଗ କରିଥିଲେ। ଶେଷରେ ଅନୂଷ୍ଠାନର ସଭ୍ୟ ଅମୂଲ୍ୟ କୁମାର ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



# ମହାଭାରତ ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା





## କୁଲେଇ ଗ୍ରାମ ପଞ୍ଚାୟତ ପକ୍ଷରୁ ବୃକ୍ଷ ରୋପଣ

କଣିହାଁ ବ୍ଲକ :( ମହାଭାରତ ) ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ କୁଲେଇ ପଂଚାୟତ ସରପଞ୍ଚ ଓ ସମିତି ସଭ୍ୟଙ୍କ ନେତୃତ୍ୱରେ ପରିବେଶ ସନ୍ତୁଳନ ରକ୍ଷା କରିବା ତଥା ସୁସ୍ଥ ପରିବେଶ ସୃଷ୍ଟି ନିମନ୍ତେ କୁଲେଇ ଗ୍ରାମ ପଂଚାୟତ ପକ୍ଷରୁ ପଂଚାୟତ ନିକଟରେ ଆଜି ସରପଞ୍ଚ ଓ ସମିତି ସଭ୍ୟ ବୃକ୍ଷ ଚାରା ରୋପଣ କରିଥିଲେ । ଏହି ବୃକ୍ଷ ରୋପଣ କାର୍ଯ୍ୟକ୍ରମକୁ ସରପଞ୍ଚ ଯୋଷ୍ଠୟମୟୀ ଗଡନାୟକ୍ ଓ ସମିତି ସଭ୍ୟ ପ୍ରିୟରଞ୍ଜନ ମହାନ୍ତି ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପଂଚାୟତର ଏମବିକେ, ସି ଆର ପି,ଏସ ଏ ଜି ଗ୍ରୁପୁ ମହିଳା, ୱାର୍ଡ ମେମ୍ବର ଙ୍କ ସମେତ ଗ୍ରାମ ର ବହୁ ମାନ୍ୟ ଗଣ୍ୟ ବ୍ୟକ୍ତି ପ୍ରମୁଖ ଉପସ୍ଥିତ ସ୍ୱଚ୍ଛ ଓ ସୁନ୍ଦର ପରିବେଶ କୁ ଦୃଷ୍ଟି ରଖି ବୃକ୍ଷ ରୋପଣ କରି ଥିଲେ।

## କୁସୁମଖୁଣ୍ଟି ସରସ୍ୱତୀ ଶିଶୁମନ୍ଦିର ପକ୍ଷରୁ ଜନ୍ମାଷ୍ଟମୀ ପାଳନ ଓ ବୃକ୍ଷ ରୋପଣ

କୋକସରା,(ମହାଭାରତ):କୋକସରା ବ୍ଲକ କୁସୁମଖୁଣ୍ଟି ସରସ୍ୱତୀ ଶିଶୁମନ୍ଦିର ପକ୍ଷରୁ ସୋମବାର ଜନ୍ମାଷ୍ଟମୀ ଉତ୍ସବ ପାଳନ ଓ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି ପର୍ବ କୁ ମହା ଆଡମ୍ବର ସହ ପାଳନ କରି ସାଂସ୍କୃତିକ କାର୍ଯ୍ୟକ୍ରମ ସହ ବୃକ୍ଷ ରୋପଣ ଭଳି ମହତ କାର୍ଯ୍ୟକ୍ରମ ହାତକୁ ନେଇଥିଲେ । ଜନ୍ମାଷ୍ଟମୀ ପାଳନ ଅବସରରେ ମୁଖ୍ୟ ଅତିଥିଭାବେ ଇନ୍ଦ୍ରାବତୀ ଅଧିକ୍ଷଣ ଯନ୍ତ୍ରୀ ତୃପ କୁମାର ପାତ୍ର ଯୋଗଦେଇ ଛାତ୍ର ଛାତ୍ରୀ ଓ ଅଭିଭାବକ ମାନଙ୍କୁ ଉତ୍ସାହିତ କରିଥିଲେ । ଅନ୍ୟ ଅତିଥି ଙ୍କ ମଧ୍ୟରେ ପର୍ଯ୍ୟାବରଣ ସଂରକ୍ଷିକା ତଥା ପ୍ରକୃତି ପ୍ରେମୀ ଚନ୍ଦ୍ରକଳା ଅଗ୍ରୱାଲ, ଶ୍ରୀନାରାୟଣ ଅଗ୍ରୱାଲ, କ୍ରିଷ୍ଣା ପାତ୍ର, ଅନୁଷ୍ଠାନ ର ସଭାପତି ବୃନ୍ଦାବନ ପୁଝାରୀ, ସମ୍ପାଦକ ରାମଚନ୍ଦ୍ର ପଟ୍ଟନାୟକ, କୋଷାଧକ୍ଷ ଦିଗନ୍ତ ପଟ୍ଟନାୟକ, ଉପ ସଭାପତି ପରମେଶ୍ୱର ବାଗ, ମହେନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ରହି ସାଂସ୍କୃତିକ କାର୍ଯ୍ୟକ୍ରମ ଓ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ରେ ଯୋଗ ଦେଇ ଏକ ସୁନ୍ଦର ପରିବେଶ ସୃଷ୍ଟି ପାଇଁ ଛାତ୍ର ଛାତ୍ରୀ ଙ୍କୁ ର୍ବାତା ଦେଇଥିଲେ । ଏହି ଉପଲକ୍ଷେ ବିଦ୍ୟାଳୟ ରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତା ରେ କୃତକାର୍ଯ୍ୟ ହୋଇଥିବା ଛାତ୍ର ଛାତ୍ରୀ ଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମ କୁ ଗୁରୁଜୀ ପରମାନନ୍ଦ ବେମାଲ ପରିଚାଳନା କରିଥିବା ବେଳେ ପ୍ରଧାନ ଗୁରୁଜୀ ଦେବାନନ୍ଦ ରାଉତ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ କରେଇଥିଲେ । ବିଦ୍ୟାଳୟ ର ଗୁରୁଜୀ ମୁରଲୀଧର ପଟ୍ଟନାୟକ, ଉତମ କୁମାର ପଣ୍ଡା, ଭୋଳାନାଥ ଗହୀର, ବେହେରା, ସେବିକା ସବିତା ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ପୂର୍ବତନ ସଭାପତି ଙ୍କ ବିୟୋଗରେ ପାରାଦୀପ ପୋର୍ଟ ବଣିକ ସଂଘର ଶୋକ ସଭା





ପାରାଦୀପ(ମହାଭାରତ): ପାରାଦୀପ ପୋର୍ଟ ବଣିକ ସଂଘର ପୂର୍ବତନ ସଭାପତି ତଥା ବରିଷ୍ଠ ବ୍ୟବସାୟୀ ପ୍ରହଲ୍ଲାଦ ଚନ୍ଦ୍ର ଦାସ ଙ୍କ ବିୟୋଗରେ ସୋମବାର ଦିନ ସଂଘର ଦୁଇ ଗୋଷ୍ଠୀ ପୃଥକ ଭାବେ ଶୋକ ସଭା ପାଳନ କରିଛନ୍ତି । ସକାଳ ୧୦ ଘଟିକା ସମୟରେ ବହୁ ବ୍ୟବସାୟୀ ନିଜ ନିଜ ଦୋକାନ ବନ୍ଦ କରି ଦୁର୍ଗାମଣ୍ଡପ ନିକଟସ୍ଥ ସାଇକେଲ ଷ୍ଟାଣ୍ଡ ଠାରେ ଏକତ୍ରିତ ହୋଇ ଶୋକ ସଭା ପାଳନ କରିଥିଲେ । ବଣିକ ସଂଘର ଏକ ଗୋଷ୍ଠୀ ର ନୂତନ ସଭାପତି କ୍ଷୀରୋଦ କୁମାର ସ୍ୱାଇଁ ଙ୍କ ନେତୃତ୍ୱରେ ଆୟୋଜିତ ଶୋକ ସଭାରେ ନିଜ ବକ୍ତବ୍ୟରେ ସ୍ୱର୍ଗତ ପହଲି ଦାସ ବଣିକ ସଙ୍ଘ ଓ ବ୍ୟବସାୟୀ ଙ୍କ ପାଇଁ ଅନେକ ଉନ୍ନତି ମୂଳକ କାର୍ଯ୍ୟ କରିଛନ୍ତି, ଯାହାକି ବ୍ୟବସାୟୀ ମାନେ ଭୁଲି ପାରିବେନି ବୋଲି କହିଥିଲେ କ୍ଷ ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ସମ୍ପାଦକ ଅମୀୟ କୁମାର ପାଣି, କାର୍ଯ୍ୟକାରୀ ସଭାପତି ଗୋଲେଖ ଚନ୍ଦ୍ର ସାହୁ, ବ୍ୟବସାୟୀ ପ୍ରକାଶ କୁମାର ସାହୁ, ପ୍ରଶାନ୍ତ କୁମାର ପରିଡା, ଶିଶିର ନାୟକ, ପ୍ରୀତି ରଞ୍ଜନ ମହାପାତ୍ର, ପ୍ରକାଶ ଦାସ, ତନ୍ମୟ ଦାସ, ମୁରଲୀ ରାଓ, ରଞ୍ଜିତ ଦାସ, ପ୍ରକାଶ ନାୟକ, ଶିବାଜୀ ରାଏ, ସୋମନାଥ ଖୁଣ୍ଟିଆ, ଦେବାଶିଷ ସାହୁ, ଶକ୍ତିକାନ୍ତ ଦାସ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ପ୍ରହଲ୍ଲାଦ ଦାସ ଙ୍କ ସ୍ମୃତି ଚାରଣ କରି ଆତ୍ମାର ସଦଗତି ନିମନ୍ତେ ସାମୁହିକ ପ୍ରାର୍ଥନା କରିଥିଲେ।ସେହିପରି ସୋମବାର ଦିନ ପୂର୍ବାହ୍ନରେ ସଂଘର ଅନ୍ୟ ଏକ ଗୋଷ୍ଠୀ ଦ୍ୱାରା ଏକ ଶ୍ରଦ୍ଧାଞ୍ଜଳୀ ସଭା ବଣିକ ସଙ୍ଘ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ହୋଇଥିଲା। ପ୍ରହଲ୍ଲାଦ ଚନ୍ଦ୍ର ଦାସ ଙ୍କ ବିୟୋଗରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ସଭାପତି ସନ୍ତୋଷ କୁମାର ପଟ୍ଟନାୟକ ଅଧ୍ୟକ୍ଷତା କରି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ତାଙ୍କ ସ୍ମୃତି ଚାରଣ କରିଥିଲେ।

# ବେଆଇନ ଔଷଧ ଜବତ, ୨ ଗିରଫ



ଯୋଡା,( ମହାଭାରତ) କେନ୍ଦୁଝର ଜିଲ୍ଲା ଯୋଡା ପୌରପାଳିକା ରେ ଥିବା କେତେକ ଔଷଧ ଦୋକାନ ରେ ସୋମବାର ଦିନ ପୋଲିସ ଓ ଡ୍ରଗ୍ସ ବିଭାଗ ର ମିଳିତ ଚଢାଉ ଦ୍ୱାରା ବିପୁଳ ପରିମାଣରେ ଚୋରା କାରବାର ହେଉଥିବା ଔଷଧ ଜବତ କରିବା ସହିତ ଏଥିରେ ସଂପୃକ୍ତ ଦୁଇ ଜଣ ଅଭିଯୁକ୍ତ କୁ ଗିରଫ କରିଛି ।ଗିରଫ ଅଭିଯୁକ୍ତ ମାନେ ହେଲେ ପଶ୍ଚିମ ଯୋଡା ମାଉସୀ ମା ମନ୍ଦିର ଛକ ନିକଟରେ ଥିବା ଆରୋଗ୍ୟ ଔଷଧ ଦୋକାନ ମାଲିକ ତାପସ କୁମାର ପ୍ରଧାନ ଓ ଝୁମ୍ପୁଡ଼ି ହଟିଂ ଠାରେ ଲେଡିଜ କର୍ଣର ଦୋକାନ ମାଲିକ ଏମ ଡି ହୁସେନ ବୋଲି ଜଣାପଡିଛି। ପୋଲିସ ର ସୂଚନା ଅନୁଯାୟୀ,ବଡ଼ବିଲ ଏସଡିପିଓ ପ୍ରୀୟ ରଞ୍ଜନ ଛୋଟରାୟ,କେନ୍ଦୁଝର ଡ୍ରଗ୍ ଇନ୍ସପେକ୍ଟର ପଦବୀ ର ଅତିରିକ୍ତ ଦାୟିତ୍ୱରେ ଥିବା ରୁଦ୍ରନାରାୟଣ ସାହୁ ସୋମବାର ସନ୍ଧ୍ୟା ବେଳେ ସାମ୍ବାଦିକ ସମ୍ମିଳନୀ ରେ କହିଥିଲେ ଯେ,ପୋଲିସ ର ଚଢ଼ାଉ ସମୟ ରେ ଏହି ଦୁଇ ଅଭିଯୁକ୍ତ ମାନଙ୍କ ଠାରୁ ବିପୁଳ ପରିମାଣର ଔଷଧ ଜବତ କରାଯାଇ ଏହାର ଯାଞ୍ଚ କରାଯାଇ ଥିଲା ।ଏହି ଯାଞ୍ଚ ସମୟରେ ଉକ୍ତ ଔଷଧ ର କୌଣସି କ୍ରୟ ଜନିତ କାଗଜପତ୍ର ଦେଖାଇ ପାରି ନଥିଲେ,ଡ୍ରଗସ୍ ଇନ୍ସପେକ୍ଟର ରୁଦ୍ରନାରାୟଣ ସାହୁ ଖବର ଦାତା ସମ୍ମିଳନୀ ରେ ଉପସ୍ଥିତ ରହି ସବିଶେଷ ବିବରଣୀ ଦେଇଥିଲେ ଯେ,ଜବତ ହୋଇଥିବା ପ୍ଲାକ୍ସୋ ପ୍ରୋକ୍ସିଭନ୍ ଔଷଧ ର ପରିମାଣ ୨୮,୨୬୪ ଗୋଟି କେପସୁଲ,। ଏହି ଔଷଧରେ ଟ୍ରାୟମାୟଣ୍ଡଲ ହାଇଡ୍ରୋକ୍ଲୋରାଇଡ ଥାଏ ।ଯାହାକି ସାଇକୋଟ୍ରୋପିକ ଶ୍ରେଣୀ ଅନ୍ତର୍ଭୁକ୍ତ ଅଟେ ।ଏହା ବ୍ୟକ୍ତି କୁ ମତୁଆଲା ଓ ନିଦ୍ରା ଗ୍ରସ୍ତ କରିଥାଏ ।ଅଧିକ ଖାଇଲେ ଏହା ଶରୀର ର ବୃକକ ବା କିଡନୀ ଖରାପ ହୋଇଥାଏ ।ବିଶେଷ କରି ବେଆଇନ ଭାବେ ଏହି ଔଷଧ ଗୁଡ଼ିକୁ କମଳମୋତି ଶିଶୁ,ନାବାଳକ ଓ ଯୁବକ ମାନେ ନିଶା ପାଇଁ ଏହାକୁ ବ୍ୟବହାର କରିଥାନ୍ତି । ଯାହାକି ଯୋଡା ର ଅଧିକାଂଶ ଔଷଧ ଦୋକାନ, ପାନ ଦୋକାନ,ଗୁଡିକରେ ଅବାଧ ବିକ୍ରୟ କରା ଯାଉଛି ।ଔଷଧ ଦୋକାନୀ ମାନେ ବେଆଇନ ଭାବେ ଷ୍ଟକ୍ ଠାରୁ ଅଧିକ କିଣି ବିନା ଡାକ୍ତରୀ ଚିଠା ରେ ବିକ୍ରି କରୁଛନ୍ତି ।ଏହି ଔଷଧ ମଧ୍ୟରେ ଏନ୍ ଟେନ୍, ଡେନ୍ଡ୍ରାଇଟ ଅଠୟ,କୋରେକ୍ସ ସିରପ୍ ଖୁଲମ୍ ଖୋଲା ବିକ୍ରି ହେଉଛି ।ବାରମ୍ବାର ଅଞ୍ଚଳ ବାସୀ ଏହା ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରି ଆସୁଥିଲେ।ସୋମବାର ଏହି ମର୍ମରେ କେନ୍ଦୁଝର ଏସପି ଙ୍କ ନିର୍ଦ୍ଦେଶ କ୍ରମେ ଏହି ଚଢାଉ କରାଯାଇଥିଲା । ତେବେ ଆଗକୁ ଏକ ସ୍ପେଶୟଲ୍ ସ୍କ୍ୱାର୍ଡ ସବୁ ଔଷଧ ଦୋକାନ ଏବଂ ନିଶା ଔଷଧ କାରବାର କରୁଥିବା ଅନ୍ୟ ଦୋକାନ ଓ ଘର ମାନଙ୍କରେ ରୀତିମତ ଚଢାଉ କରିବ ବୋଲି ଏସଡ଼ିପିଓ ପ୍ରିୟ ରଂଜନ ଛୋଟରାୟ ସୂଚନା ଦେଇଛନ୍ତି ।

## ରାଷ୍ଟ୍ରୀୟ ବଜରଙ୍ଗ ଦଳ ପକ୍ଷରୁ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ

ଅନୁଗୋଳ ,(ମହାଭାରତ):ପବିତ୍ର ଜନ୍ମାଷ୍ଟମୀ ଏବଂ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ବଳିଦାନ ଦିବସ ଅବସରରେ ଅନ୍ତରାଷ୍ଟ୍ରୀୟ ହିନ୍ଦୁ ପରିଷଦ ଓ ରାଷ୍ଟ୍ରୀୟ ବଜରଙ୍ଗ ଦଳ ପକ୍ଷରୁ ବଁଅରପାଳ ବ୍ଲକ ଅନ୍ତର୍ଗତ ବେଣାଗାଡ଼ିଆ ପଞ୍ଚାୟତ ମଝିକା ଗ୍ରାମର ବାବା କାଶୀ ବୈଦନାଥ ଶିବ ମନ୍ଦିର ପ୍ରାଙ୍ଗଣରେ ଏକ ଜିଲ୍ଲା ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା ।ଉକ୍ତ ବୈଠକ ଅନ୍ତରାଷ୍ଟ୍ରୀୟ ହିନ୍ଦୁ ପରିଷଦର ଜିଲ୍ଲା ସଭାପତି ଗିରିଜା ଶଙ୍କର ସ୍ୱାଇଁଙ୍କ ନିର୍ଦ୍ଦେଶରେ ସାଧାରଣ ସମ୍ପାଦକ ପ୍ରଶାନ୍ତ ମହାପାତ୍ରଙ୍କ ନେତୃତ୍ୱରେ ସଭା କାର୍ଯ୍ୟ ତ୍ୱରାନ୍ୱିତ କରାଯାଇଥିଲା । ଉକ୍ତ ବୈଠକରେ ମୁଖ୍ୟ ଅତିଥି ରୂପେ ଆଦରଣୀୟ ଚିନ୍ମୟ ସାମଲ ମହୋଦୟ ଯୋଗ ଦେଇଥିବା ବେଳେ ତାଳଚେରର ଗୋ ରକ୍ଷକ ଜଗଦୀଶ ମହାପାତ୍ରଙ୍କ ସହ ସମ୍ମାନିତ ଅତିଥି ରୂପେ ସ୍ୱେଚ୍ଛାସେବୀ ମିଲନ୍ ସିଂହ, ତପନ ଦେବତା, କଣ୍ଟୁ ସାହୁ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଉକ୍ତ ସଭା ଅବସରରେ ସାଧାରଣ ସମ୍ପାଦକ ଶ୍ରୀ ମହାପାତ୍ର ମହୋଦୟ ସ୍ୱାଗତ ଭାଷଣ ଦେବା ସହ ସଂଗଠନର ଉନ୍ନତି, ଏକତା, ଆଗାମୀ କାର୍ଯ୍ୟପ୍ୟା ବିଷୟରେ ବିସ୍ତୃତ ବିବରଣୀ ପାଠ କରିଥିଲେ । ସମ୍ପାଦକ ଶ୍ରୀ ମହାପାତ୍ର ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଲେ।

## ସମଶ୍ୟାୟ ଘେରରେ ସର୍ବ ପୁରାତନ ପାରଳା ପୌରପରିଷଦ

ଗଜପତି(ମହାଭାରତ): ଗଜପତି ଜିଲ୍ଲାରେ ସଦର ମହକୁମା ପାରଳାଖେମୁଣ୍ଡି ରେ ଥିବା ରାଜ୍ୟ ର ସର୍ବ ପୁରା ତନ ଦୃତୀୟ ପୌର ପରିଷଦ ଭାବେ ପରିଚିତ କିନ୍ତୁ ଏଠାରେ ବିକାଶ କମ ସମସ୍ୟା ଅଧିକ। ଏଠାରେ ରାସ୍ତା ଘାଟ ଡ୍ରେନେଜ ସମସ୍ୟା ଲାଗି ରହିଛି। ତତ ସହିତ ଟ୍ରାଫିକ ସମସ୍ୟା ଲାଗିରହିଛି ପର୍କିଙ୍ଗ ବେବସ୍ତ। ଥାଇ ରାସ୍ତା ମଝିରେ ଦୁଇ ଚକିଆ ଯାନ ରଖିବା ଉଠ। ଦୋକାନି କବଜା ରେ ଶହ ର ରାସ୍ତା ଘାଟ ସହର ରେ ବୁଲା ଗାଇ ଗୋରୁ ଷଣ୍ଢ ର ଉପଦ୍ର ଯାହା ଫଳରେ ଟ୍ରାଫିକ ସମସ୍ୟ ସହ ଦୁର୍ଘଟଣା ହଉଛି ଶହ ରରେ ବୁଲା କୁକର ର ଉପଦ୍ର ଯାହା ଫଳରେ ଦୁର୍ଘଟଣା ସାଙ୍ଗକୁ ଜନସାଧାରଣ ଭୟ ଭିତ ଲୋକଙ୍କୁ କୁକର କାମୁଡି ଥିବାର ଦେଖିବା କୁ ମିଳୁଛି। ପଲି ଥିନ ବହୁଳ ବେବହାର ହଉଛି। ଯାହା ଫଳରେ ପରିବେସ ଦୂଷିତ ସାଙ୍ଗକୁ ବୁଲା ଗାଇ ଗୋରୁ ଏହି ଜରି ଖାଇ ଦେଇ ଥାନ୍ତି। ଶହରରେ ଘୁଷୁରୀ ଉପଦ୍ର ବଢିବା ରେ ଲାଗିଛି ସେହି ଭଳି ପୌର ପାରିଷଦ ର କର୍ମଚାରୀ ଦୀର୍ଘ ଦିନ ହେଲା ବଦଳୀ ହଉ ନଥିବା ରୁ ବିକାଶ ରେ ବାଧା ହଉ ଥିବାର ଅଭିଯୋଗ ହଉଛି ତିନି ବର୍ଷ ପରେ ବଦଳି ହେବା କଥା କିନ୍ତୁ ଏହି ନିୟମ କାର୍ଯ୍ୟକାରୀ ହଉନାହିଁ । ନୂତନ ସରକାର ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦିଆଯାଇଛି ବୋଲି କହୁଥିବା ସରକାର କର୍ମଚାରୀ ଙ୍କ ବଦଳି କେବେ ହେବ ଦେଖିବକୁ ବାକି ରହିଲା। ସରକାର ଏଥି ଗୁରତ୍ୱ ଦେଲେ ସହର ର ବିକାଶ ହୋଇ ପାରିବ ବୋଲି ଆଶା କରାଯାଉଛି।

# ଜଳବନ୍ଦୀ ରେ ୨ଗୋଟି ବୋଟ



ଅସ୍ତରଙ୍ଗ : (ମହାଭାରତ)- ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ର ୨ ଗୋଟି ମସ୍ତ୍ୟଧରା ବୋଟ ଯଥା ମା ପାର୍ବତୀ, ମାଲିକ ଙ୍କ ନାମ ଶିବ ଓଝା ଓ ମା କାଳୀ ମାଲିକ ଙ୍କ ନାମ ଭୋଳି ଶୁକ୍ଲା,ମାଛ ମାରିବାକୁ ଯାଇ ଅସ୍ତରଙ୍ଗ ଓ ପାରାଦ୍ୱୀପ ମଧ ରେ ଯାନ୍ତ୍ରିକ ତ୍ରୁଟି କାରଣ ରୁ ଅଟକି ଯାଇଛନ୍ତି। ଯାହା ଆଜକୁ ପ୍ରାୟ ୪ଦିନ ହେବ, ଲଘୁଚାପ କାରଣ ର ସମୁଦ୍ର ସମ୍ପୂର୍ଣ୍ଣ ରୂପେ ଅଶାନ୍ତ ଥିବାରୁ ସେମାନଙ୍କ ନିକଟରେ ମେରାଇନ ପୋଲିସ କି କୌଣସି ଉଦ୍ଧାରକାରି ସହଯୋଗ ବୋଟ ପହଞ୍ଚିପାରୁନି, ଯାହାକି ଫଳରେ ସମସ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏହି ବାବଦରେ ଖବର ପାଇ ଅସ୍ତରଙ୍ଗ ମେରାଇନ ପୋଲିସ ତରଫରୁ ଏଏସଆଇ ସନ୍ତୋଷ ଜେନା ଓ ଯାନ୍ତ୍ରିକ ଅଧିକାରୀ ମାଷ୍ଟର ପ୍ରକାଶ ଦାସ ଙ୍କ ନେତୃତ୍ୱ ରେ ଏକ ଟିମ୍ ରବିବାର ଦିନ କିଛି ଶୁଖିଲାଖାଦ୍ୟ ସହ ପହଞ୍ଚିବାକୁ ଚେଷ୍ଟା କରିଥିଲେ। କିନ୍ତୁ ସେମାନଙ୍କ ସୂଚନା ଅନୁସାରେ ଉକ୍ତ ବୋଟ ୨ ଟି ପାରାଦ୍ୱୀପ ଠୁ ୨୨ମାଇଲ ଦୂର ରେ ଫସିଚି, ଏମାନେ ସମୁଦ୍ର ଅଶାନ୍ତ କାରଣ ରୁ ସେମାନଙ୍କ ନିକଟରେ ପହଞ୍ଚିବା ସମ୍ଭବ ହୋଇପାରିନାହିଁ। ଏହା ପରେ ଉକ୍ତ ମସ୍ତ୍ୟଜୀବି ଙ୍କ ସମେତ ବୋଟ ୨ ଟିକୁ ଉଦ୍ଧାର କରିବା ପାଇଁ ପାରାଦ୍ୱୀପ ତଟରକ୍ଷୀ ବାହିନୀ ର ସାହାଯ୍ୟ ଲୋଡ଼ା ଯାଇଥିବା ବେଳେ ଆଜି ନୂଆଗଡ ରୁ କିଛି ଲୋକ ଙ୍କୁ ନେଇ ମା ମଙ୍ଗଳା ବୋଟ ଉଦ୍ଧାର କରିବାକୁ ଯାଇଥିଲା। କିନ୍ତୁ ଅଶାନ୍ତ ସମୁଦ୍ର କାରଣ ରୁ ସେମାନେ ମଧ୍ୟ ବିଫଳ ହୋଇ ପ୍ରତ୍ୟାବର୍ତନ କରିଛନ୍ତି। ଯାହାକୁ ନେଇ ମେରାଇନ ଥାନା ଏଏସଆଇ ସନ୍ତୋଷ କୁମାର ଜେନା ମତାମତ ଦେଇଛନ୍ତି। ମୋଟାମୋଟି ଭାବେ କହିବାକୁ ଗଲେ କୌଣସି ପ୍ରକାରେ ସେଠି ଲୋକ ଙ୍କୁ ପାଖରେ ସରକାରୀ କି ବେସରକାରୀ ସାହାଯ୍ୟ ଏଯାଏ ପହଞ୍ଚି ପାରିନି, ଉକ୍ତ ଘଟଣା କୁ ନେଇ ଅନ୍ୟ ମସ୍ତ୍ୟଜୀବି ଭାଇ ମାନଙ୍କ ଭିତରେ ଏକ ପ୍ରକାର ଭୟ ର ବାତାବରଣ ସୃଷ୍ଟି ହେଉଥିବା ବେଳେ ନୂଆଗଡ ଅଞ୍ଚଳ ରେ ଏହି ଘଟଣା ଅନେକ ଲୋକ ଙ୍କୁ ମର୍ମାହତ କରିଛି,ଘଟଣା ସ୍ଥଳରେ ଅନ୍ୟ ମସ୍ତ୍ୟଜୀବି, ମେରାଇନ ପୋଲିସ, ଅସ୍ତରଙ୍ଗ ମସ୍ତ୍ୟସମ୍ପଦ ବିଭାଗ ର କର୍ମଚାରୀ ମହଜୁଦ ଥିବା ବେଳେ ଉକ୍ତ ବୋଟ ସହ ପାଖାପାଖି ୧୫ ଜଣ ମସ୍ତ୍ୟଜୀବି ମାନଙ୍କୁ ସମୁଦ୍ର ମଧ ରୁ କିପରି ଉଦ୍ଧାର କରାଯିବ ଏହା ବର୍ତମାନ ଚିନ୍ତା ର କାରଣ ସାଜିଛି ।

## ଇସ୍କନ ବାଲୁଗାଁଶାଖା ପକ୍ଷରୁ ଜନ୍ମାଷ୍ଟମୀ ପାଳନ



ଚିଲିକା (ମାହାଭାରତ) ଧରାପୃଷ୍ଠରେ ଅବତରଣ କରିଛନ୍ତି ପ୍ରଭୁ ଶ୍ରୀକୃଷ୍ଣ। ପୌରାଣିକ ଆଖ୍ୟାନ ଅନୁସାରେ ଭାଦ୍ରବମାସ କୃଷ୍ଣପକ୍ଷ ଅଷ୍ଟମୀତିଥିର ମଧ୍ୟରାତ୍ରରେ ମାତା ଦେବକୀଙ୍କ ଗର୍ଭରୁ ଜନ୍ମ ନେଇଛନ୍ତି ଭଗବାନ ଶ୍ରୀକୃଷ୍ଣ। ଏହି ଅବସରରେ ସାରା ଦେଶ ତଥା ରାଜ୍ୟ ଉତ୍ସବମୁଖର ଥିବାବେଳେ ଇସ୍କନ ବାଲୁଗାଁଶାଖା ପକ୍ଷରୁ ମହାଆଡମ୍ବର ସହ ପାଳନ ହୋଇଯାଇଛି ଜନ୍ମାଷ୍ଟମୀ ନିତିକାନ୍ତି। ସକାଳ ୭.୩୦ ସମୟରେ ଦର୍ଶନଆରତୀ ସହ ଗୁରୁପୂଜା,୯ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସାଧାରଣ ଦର୍ଶନ ଓ କୀର୍ତ୍ତନ,୬ରୁ ୬.୩୦ ସନ୍ଧ୍ୟା ଆରତୀ,୬.୩୦ରୁ ୮ଟା ସାଂସ୍କୃତିକ କାର୍ଯ୍ୟକ୍ରମ,୮ରୁ ୯ଟା କୃଷ୍ଣକଥା,୯ରୁ୧୦.୩୦ ପ୍ରଭୂଙ୍କ ମହାଭୀଷେକ ଏବଂ ୧୦.୩୦ରୁ ୧୧ଟା ଆରତୀ କାର୍ଯ୍ୟକ୍ରମ ସାରି ବିରାମ ନେଇଥିଲେ। ଚଳିତ ବର୍ଷ ବାଲୁଗାଁଠାରେ ଇସ୍କନ ପକ୍ଷରୁ ପ୍ରଥମ କରି ଆୟୋଜିତ ହୋଇଥିବା ଜନ୍ମାଷ୍ଟମୀ ଏବଂ ନନ୍ଦୋତ୍ସବ ପର୍ବକୁ ଭକ୍ତ ମହଲରେ ବେସ ପ୍ରଶଂସା ଦେଖିବାକୁ ମିଳିଛି। ଏହି ଉତ୍ସବରେ ରାଜ୍ୟ ସରକାରଙ୍କ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସହ ଚିଲିକା ବ୍ଲକ ଅଧ୍ୟକ୍ଷା ଯୋସ୍ନାରାଣୀ ବେହେରା ପ୍ରମୁଖ ଯୋଗଦେଇ ଭଗବାନ ଶ୍ରୀକୃଷ୍ଣଙ୍କ ଆଶିଷ ଭିକ୍ଷା ଲାଭ କରିଛନ୍ତି। ଇସ୍କନ ପକ୍ଷରୁ ଦିନତମାମ ଭକ୍ତମାନଙ୍କୁ ମୁକ୍ତ ପ୍ରସାଦ ସେବନ କରିବାର ବନ୍ଦୋବସ୍ତ କରାଯାଇଥିଲା।

## ପାଟଣାଗଡ଼ ଉପଖଣ୍ଡରେ ପାଳିତ ହୋଇ ଯାଇଛି ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ

ପାଟଣାଗଡ଼ ( ମହାଭାରତ ) ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ବ୍ଲକ ବେଲପଡା ବ୍ଲକ ଖପ୍ରାଖୋଲ ବ୍ଲକ ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳିଛି ଜନ୍ମାଷ୍ଟମୀ ସେହି ପରି ଧଣ୍ଡାମୁଣ୍ଡା ଶିଶୁ ମନ୍ଦିର ପରିସରରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ସୋମବାର ଦିନ ପାଳିତ ହୋଇ ଯାଇଛି। ଏହି ଅବସରରେ ପ୍ରଥମେ ଶ୍ରୀକୃଷ୍ଣ ଙ୍କ ଫଟୋ ଚିତ୍ରରେ ପୂଜା କରି ପୁଷ୍ପ ଓ ମାଳ ଅର୍ପଣ କରି ଥିଲେୟ ପରେ ଶ୍ରୀକୃଷ୍ଣ, ବଳରାମ, ଗୋପୀ, ଗୋପାଳ, ଯଶୋଦା,ନନ୍ଦ ରାଜା ବେଶ ରେ ଉପସ୍ଥିତ ଛାତ୍ରୀ ଛାତ୍ର ମାନେ ଗାଁ ପରିକ୍ରମା କରିଥିଲେ। ଏହି ଅବସରରେ ପ୍ରଧାନ ଗୁରୁଜୀ ସରୋଜ ମହାପାତ୍ର, ମନୋଜ ପ୍ରଧାନ ସମେତ ପରିଚାଳନା କମିଟି ସଦସ୍ୟା ସଦସ୍ୟ, ଗୁରୂମା ଗୁରୁଜୀ, ଛାତ୍ରୀ ଛାତ୍ର, ଅଭିଭାବକ ମାନେ ଉପସ୍ଥିତ ରହି ଥିଲେ। କିଛି ସମୟ ପାଇଁ ବିଦ୍ୟାଳୟ ପରିସର ଉତ୍ସବ ମୁଖର ହୋଇ ଉଠିଥିଲା ।ସେହି ପରି ଖପ୍ରାଖୋଲ, ଯୁରିଆ ଶିଶୁ ମନ୍ଦିର ରେ ମଧ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ପାଳିତ ହୋଇଥିବା ବେଳେ ପ୍ରତି ଗାଁ ରେ ମଧ ଧୁମ୍ ଧାମରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ପାଳିତ ହୋଇ ଯାଇଛି।

## ପାରଳାଖେମୁଣ୍ଡି ରେ ଓୟୁଜେର ମହା ସମାବେଶ

# ପେନସନ ଓ ସୁରକ୍ଷା ଦାବିରେ ଶୋଭାଯାତ୍ରା




ପାରଳାଖେମୁଣ୍ଡି,(ନିପ୍ର)-ରାଜ୍ୟ ସରକାର ସାମ୍ବାଦିକ ଙ୍କ ଦାୟିତ୍ୱ ନେଇଛନ୍ତି। ନିକଟରେ ମୁଖ୍ୟମନ୍ତ୍ରୀ ଏହି ପ୍ରତିଶ୍ରୁତି ଦେଇଛନ୍ତି। ସଂଘର ଦାବି ଅତି ଜଥାର୍ଥୟ ଏଣୁ ସରକାରଙ୍କ ସହ ଆଲୋଚନା କରି ଦାବି ଗୁଡିକର ସମାଧାନ କରାଯିବ। ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ଠାରେ ଆଜି ଓଡିଶା ସାମ୍ବାଦିକ ୟୁନିଅନ ର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଓ ମହା ସମାବେଶରେ ମୁଖ୍ୟ ଅତିଥି ଭାବେ ପରିବହନ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା, ସମ୍ମାନିତ ଅତିଥି ଭାବେ ଗଣଶିକ୍ଷା ଓ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସାଂସଦ ପ୍ରଦୀପ ପାଣିଗ୍ରାହୀ, ବିଧାୟକ ସିଧାନ୍ତ ମହାପାତ୍ର ଓ ଦାଶରଥି ଗମାଙ୍ଗ ଏଭଳି କହିଥିଲେ। ରାଜ୍ୟ ସଭାପତି ପ୍ରଶନ ମହାନ୍ତି ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଥମ ଅଧିବେଶନ ରେ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ସାମ୍ବାଦିକମାନଙ୍କ ବିଭିନ୍ନ ସମସ୍ୟା ଓ ସାଙ୍ଗଠନିକ ପ୍ରସଙ୍ଗରେ ଆଲୋଚନା ହୋଇ ଓୟୁଜେ ର ଆନ୍ଦୋଳନ ଅବ୍ ଆହତ ରହିବ ବୋଲି ନିଷ୍ପତି ନିଆଯାଇଥିଲା । ଏହି ସମ୍ମିଳନୀ ଉଦଘାଟନି ମଞ୍ଚରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମିଞ୍ଜ, ଡିଏସପି ଚନ୍ଦ୍ର ଶେଖର ହୋତା ପ୍ରମୁଖ ଉପସ୍ଥିତ ରହି ସଂଘର ସ୍ମାରକପତ୍ର ଗ୍ରହଣ କରିଥିଲେ। ଓୟୁଜେ ଗଜପତି ୟୁନିଟ୍ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଂଗୀତ ନିର୍ଦ୍ଦେଶକ ରଘୁନାଥ ପାତ୍ର, ବରିଷ୍ଠ ସାମ୍ବାଦିକ ଲିଙ୍ଗରାଜ ମିଶ୍ର, ଡଃ ରଜତ କୁମାର ସେଠୀଙ୍କ ସମେତ ରାୟଗଡା ଜିଲ୍ଲା ର ସଭାପତି ରାଧାକୃଷ୍ଣ ପଟ୍ଟନାୟକ, ସମ୍ପାଦକ ରଂଜିତ ପାଢି ଓ ବରିଷ୍ଠ ସଦଶ୍ୟ ରାଜେଶ ପଟ୍ଟନାୟକ ଙ୍କୁ ଉପଢୌକନ ଓ ମୁମେଣ୍ଟୋ ଦ୍ୱାରା ସମ୍ବର୍ଦ୍ଧନା କରାଯାଇଥିଲା। ସମାବେଶ ପୁର୍ବରୁ ଆଜି ସକାଳେ ସଂଘର ଶତାଧିକ ସଦଶ୍ୟ ସ୍ଥାନୀୟ ଗଜପତି ପ୍ୟାଲେସ୍ ଠାରୁ ବଜାର ଛକ ଯାଏଁ ଶୋଭାଯାତ୍ରା ରେ ଯାଇ ଗଜପତି ମହାରାଜାଙ୍କ ପ୍ରତିମୁର୍ତି ରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସେଠାରେ ସାମ୍ବାଦିକ ମାନେ ସେମାନଙ୍କ ଦାବି ଗୁଡିକ ଉଲ୍ଲେଖ ଥିବା ପ୍ଲାକାର୍ଡ ଧରି ଧାରଣା ଦେଇଥାଲେ। ଆଜିର ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ରାଜ୍ୟ ସାଧାରଣ ସମ୍ପାଦକ କମ୍ବୁପାଣି ମିଶ୍ର, ଉପ ସଭାପତି ରାଜେଶ ପଟ୍ଟନାୟକ, ପ୍ରଶନ ପାଇକରାୟ, ଅଶୋକ ନନ୍ଦ, ଅମୁଲ୍ୟ ସ୍ୱାଇଁ, ଅକ୍ଷୟ ସାହୁ, ରାଜିବ ମହାନ୍ତି, ପରିକ୍ଷିତ ବିଶ୍ୱାଳ, କିଶାନ ରାଉତ, ପ୍ରଶାନ୍ତ ବେହେରା ଙ୍କ ସମେତ ଗଜପତି ଜିଲ୍ଲା ର ସଭାପତି ବସନ୍ତ ପଣ୍ଡା, କାର୍ଯ୍ୟକାରି ସଭାପତି ରୂପେଶ ସାହୁ, ସାଧାରଣ ସମ୍ପାଦକ ଆଦର୍ଶ ଦାସ, ଉପଦେଷ୍ଟା କେ. ରାମ ସ୍ୱାମୀ, ସମ୍ପାଦକ ଗିରିଧାରି ପରିସ୍ତା, ରାମ ଗୋବିନ୍ଦ ଆଚାର୍ଯ୍ୟ, ସତ୍ୟ ନାରାୟଣ ପାଢି, କେଦାରନାଥ ପାତ୍ର, ହରିହର ପଟ୍ଟନାୟକ, ବାସୁଦେବ ଦାସ, ଶ୍ରୀକାନ୍ତ ମହାରଣା, ନାଗେଶ୍ୱର ମହାପାତ୍ର, ଏସ. ରୁଷି ପ୍ରମୁଖ ମିଳିତ ଭାବେ ଏହି କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଭକ୍ତି ସଂଗୀତ ସଂସଦ ପକ୍ଷରୁ ପ୍ରାରମ୍ଭିକ ସଂଗୀତ ଗାନ କରାଯାଇ ଥିଲା।

## ଗୋଲାମୁଣ୍ଡା ସରସ୍ତୀ ଶିଶୁ ମନ୍ଦିର ରେ ଜନ୍ମାଷ୍ଟମୀ ଉତ୍ସବ ପାଳିତ

ଗୋଲାମୁଣ୍ଡା (ମହାଭାରତ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ସରସ୍ତୀ ଶିଶୁ ବିଦ୍ୟା ମନ୍ଦିର ଗୋଲାମୁଣ୍ଡା ଠାରେ ଆଜି ମହାଆଡମ୍ବରରେ ପ୍ରଭୁ ଶ୍ରୀକୃଷ୍ଣଙ୍କ ଜନ୍ମାଷ୍ଟମୀ ଉତ୍ସବ ପାଳନ ହୋଇଥିଲା। ବିଦ୍ୟାଳୟ ର ସମସ୍ତ ଶିଶୁ ଭାଇ ଭଉଣୀ ମାନେ ଶ୍ରୀକୃଷ୍ଣ, ରାଧା, ଯଶୋଦା,ନନ୍ଦ ବାଳକ, ହନୁମାନ ଭଳି ବେଶଭୂଷା ରେ ସୁସଜ୍ଜିତ ହୋଇ ମାଁ ବିଣାପାଣି ଙ୍କ ବନ୍ଦନା କରି ଖୋଲ ତାଲ ସହ ଗୋଲାମୁଣ୍ଡା ନଗର ପରିକ୍ରମା କରିଥିଲେ। ଏହି ଅବସରରେ ଶ୍ରୀଜଗନ୍ନାଥ ମନ୍ଦିରରେ ମହାପ୍ରଭୁଙ୍କର ଦର୍ଶନ ଲାଭ ମଧ୍ୟ କରିଥିଲେ । ଗୋଲାମୁଣ୍ଡା ସମାଜ ସେବୀ ଶ୍ୟାମସୁନ୍ଦର ଅଗ୍ରୱାଲା ଙ୍କ ଘରେ ସମସ୍ତଙ୍କୁ ବନ୍ଦାପନା କରି ସ୍ୱାଗତ ଜଣାଇ ଥିଲେ ।ଏହି କାର୍ଯ୍ୟକ୍ରମରେ ସରସ୍ତୀ ଶିଶୁ ବିଦ୍ୟା ମନ୍ଦିର ପରିଚାଳନା ସମିତି ର ସଂପାଦକ ଶ୍ରୀଯୁକ୍ତ ଅନିଲ କୁମାର ରାଉତ,ଯୁଗ୍ମ ସମ୍ପାଦକ ସିଦ୍ଧାର୍ଥ ମୁଣ୍ଡ, କୋଷାଧକ୍ଷ କିଶୋର କୁମାର ନାୟକ, ପ୍ରଧାନ ଆଚାର୍ଯ୍ୟ ବ୍ରହ୍ମା ପ୍ରସାଦ କାଣ୍ଡ, ସମାଜ ସେବୀ ଶ୍ୟାମସୁନ୍ଦର ଅଗ୍ରୱାଲା,ମାନଝରୀ ସରପଞ୍ଚ ଜଗୁଜିବନ ଅଘ୍ରିଆ,ସମସ୍ତ ଗୁରୁଜୀ ଗୁରୁମା ଅନେକ ଅଭିଭାବକ ସହ ଗୋଲାମୁଣ୍ଡା ଜୟ ଗୁରୁ ଦଲ ର ସଦସ୍ୟ ମାନେ ଖୋଲ ବଜାଇ ନଗର ପରିକ୍ରମା ରେ ସହଯୋଗ କରିଥିଲେ । ଉପସ୍ଥିତ ସମସ୍ତ ବେଶଭୂଷଣ ଛାତ୍ର ଛାତ୍ରୀ ମାନଙ୍କୁ ବିଦ୍ୟାଳୟ ତରଫରୁ ମାନପତ୍ର ପ୍ରଦାନ କରାଯାଇଥିଲା।

# ଜିଲ୍ଲା ଶିକ୍ଷାଧିକାରୀଙ୍କ ପୂଜାରିଗୁଡା ଉଚ୍ଚ ବିଦ୍ୟାଳୟ ପରିଦର୍ଶନ



**ତେନ୍ତୁଳିଖୁଣ୍ଟି,(ନି.ପ୍ର):** ତେନ୍ତୁଳିଖୁଣ୍ଟି ବ୍ଲକର ପୂଜାରୀଗୁଡା ଉନ୍ନତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ନବରଙ୍ଗପୁର ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ ଅଚାନକ ଗସ୍ତ କରି ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଉପସ୍ଥାନ ଓ ମଧ୍ୟାହ୍ନ ଭୋଜନ ତଦାରଖ କରିଥିଲେ। ପ୍ରତିଟି ଶ୍ରେଣୀ ଗୃହକୁ ଯାଇ ଛାତ୍ରଛାତ୍ରୀଙ୍କୁ ପାଠ ପଢା ବିଷୟରେ ବିଭିନ୍ନ ପ୍ରଶ୍ନ ପଚାରି ଥିଲେ କିନ୍ତୁ ଛାତ୍ରଛାତ୍ରୀ ମାନେ ଠିକ ଭାବେ ଉତ୍ତର ଦେଇ ନଥିବାରୁ ଏବଂ କମ ସଂଖ୍ୟାରେ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ରହି ଥିବାରୁ ଅସନ୍ତୋଷ ପ୍ରକାଶ କରିଥିଲେ। ଏଥି ସହ ମଧ୍ୟାହ୍ନ ଭୋଜନରେ ଦିଆଯାଉଥିବା ତରକାରୀ ନିମ୍ନମାନର ଓ ଆବଶ୍ୟକ ଠାରୁ କମ ହୋଇଥିବାରୁ ଶ୍ରୀ ସାହୁ ବିରକ୍ତି ପ୍ରକାଶ କରିଥିଲେ।ସରକାର ଡ୍ରପ ଆଉଟ ରୋକିବା ପାଇଁ ପ୍ରାଧାନ୍ୟ ଦେଉଥିବା ବେଳେ ବିଦ୍ୟାଳୟର ଉପସ୍ଥାନ ଦେଖି ଜିଲ୍ଲା ଶିକ୍ଷା ଅଧିକାରୀ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଦାଇତ୍ୱରେ ଥିବା ଶିକ୍ଷକ ଓ ପ୍ରଧାନ ଶିକ୍ଷକଙ୍କର ଗୋଟିଏ ଦିନର ଦରମା ବନ୍ଦ କରିବା ସହ ଅନ୍ୟ ଶିକ୍ଷକ ମାନଙ୍କୁ କାରଣ ଦର୍ଶାଅ ନଟିସ କରିବା ପାଇଁ ତେନ୍ତୁଳିଖୁଣ୍ଟି ଗୋଷ୍ଠି ଶିକ୍ଷାଧିକାରୀ ମହନ ମଧୁ ସୁଦନ ବାଘଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଶିକ୍ଷକଙ୍କ ମନମାନୀରେ ଚାଲିଛି ନିଆଳୀ ଶିକ୍ଷା ବିଭାଗ

**ନିଆଳୀ,(ନି.ପ୍ର):** କଟକ ଜିଲ୍ଲା ନିଆଳୀ ବ୍ଲକ ଶିକ୍ଷା ବିଭାଗ ଏବେ ଶିକ୍ଷକଙ୍କ ମନମାନୀରେ ଚାଲିଥିବା ଅଭିଯୋଗହେଉଛି। ସରକାରୀ ନିୟମ କାନୁନ୍‌କୁ ଖୋଲାଖୋଲି ଉଲଙ୍ଘନ କରି ଶିକ୍ଷକ ମାନେ ବିଦ୍ୟାଳୟକୁ ଯାଉଛନ୍ତି ଓ ଆସୁଛନ୍ତି ନିଜ ନିଜର ସୁବିଧାରେ। ଏପରି ନିର୍ଦ୍ଦିଷ୍ଟ କିଛି ଶିକ୍ଷକ ଶିକ୍ଷୟିତ୍ରୀ କରୁଥିବା ନିଜ ନାମ ଗୋପନ ସର୍ତ୍ତରେ କହିଛନ୍ତି ଅନ୍ୟ ସହକର୍ମୀ କେତେକ ଶିକ୍ଷକ। ବିଦ୍ୟାଳୟ ସମୟରେ ବଜାରରେ ବୁଲିବା ନିଜ ନିଜର କାମଧନ୍ଦା କରିବା ଏହା ତାଙ୍କର ନୀତିଦିନିଆ କଥାରେ ପରିଣତ ହୋଇଛି। ଏନେଇ କିପରି ଶିକ୍ଷାଧିକାରୀ ଜାଣି ପାରୁନାହାଁନ୍ତି ତାହା ସମସ୍ତଙ୍କୁ ଚକିତ କରିଛି। କାହା ବାହୁଛାୟାରେ ରହି ଏପରି ବେନିୟମ କାର୍ଯ୍ୟ ସମ୍ପୃକ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀ ମାନେ କରୁଛନ୍ତି ତାହା ଶିକ୍ଷକ ମହଲରେ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଛି। ସରକାରୀ ବେତନ ନେଇ କର୍ତ୍ତବ୍ୟରେ ଅବହେଳା କରୁଥିଲେବି କିପରି ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉନି କଣ ପାଇଁ ଅଧିକାରୀ ତାଙ୍କୁ ଘଣ୍ଟ ଘୋଡାଉଛନ୍ତି ସହକର୍ମୀ ମାନେ ପ୍ରଶ୍ନ କରିଛନ୍ତି। ସେହିପରି ସିଆରସିସି ନିଯୁକ୍ତିରେ ଅନିୟମିତତା ହୋଇଥିବା ଅଭିଯୋଗ ହେଉଥିବାବେଳେ ସେମାନେ ମଧ୍ୟ ନିଜ ନିଜର କର୍ତ୍ତବ୍ୟ ନକରି ଘରେ ରହିବା ମଦର ସ୍କୁଲକୁ ନଯିବା ପରି ସଙ୍ଗୀନ ଅଭିଯୋଗ କରାଯାଇଛି। ତୁରନ୍ତ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ସମ୍ପୃକ୍ତ ଶିକ୍ଷକ ଶିକ୍ଷୟତୀୟ ଓ ସିଆରସିସିଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଦାବୀ ହେଉଛି।

## ପିପୁଲ୍ସ କଲେଜରେ ଶିକ୍ଷକ-ଅଭିଭାବକ ସମ୍ମିଳନୀ ଓ ପ୍ରବେଶ ଉତ୍ସବ

**ବୁଗୁଡ଼ା,(ନି.ପ୍ର):** ସ୍ଥାନୀୟ ପିପୁଲ୍ସ କଲେଜର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଶିକ୍ଷକ-ଅଭିଭାବକ ସମ୍ମିଳନୀ ଓ ପ୍ରବେଶ ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ହରିକୃଷ୍ଣ ନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବିଭାଗୀୟ ଅଧ୍ୟାପକ ଅକ୍ଷୟ କୁମାର ସାହୁ, ବିନୋଦ କୁମାର କର, ଲୋକନାଥ ବେହେରା ଓ ପବିତ୍ର ଖଣ୍ଡୁଆଳଙ୍କ ସହିତ ରସାୟନ ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପକ ମନୋଜ କୁମାର ଦାସ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗ ଦର୍ଶନ କରିଥିଲେ। ଏ ଅବସରରେ ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କୁ ବିଭାଗୀୟ ଅନୁଶାସନ ସମ୍ପର୍କେ ଅବଗତ କରାଯିବା ସହ ସେମାନେ ସମ୍ମୁଖୀନ ହେଉଥିବା ସମସ୍ୟାମାନ ସମ୍ପର୍କେ ଆଲୋଚନା କାଳରେ ଅଭିଭାବକମାନଙ୍କ ପରାମର୍ଶ ଗ୍ରହଣ କରାଯାଇଥିଲା। ଏଥି ସହ କେତେକ କୃତି ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା। ପରିଶେଷରେ ବିଭାଗୀୟ ଦ୍ୱିତୀୟ ବର୍ଷ ଛାତ୍ରୀ ପୂଜାରାଣୀ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ଖାଉଟି ସାମଗ୍ରୀ ପାଇବାରେ ଉପଭୋକ୍ତା ହଟହଟା

**ଭଦ୍ରେଶ୍ୱର,(ନି.ପ୍ର):** ଭଦ୍ରେଶ୍ୱର ଥାନା ଉମର ଗ୍ରାମପଂଚାୟତରେ ଦୀର୍ଘ ଦିନ ହେଲା ସ୍ଥାୟୀ ରିଟେଲର ନଥିବା କାରଣରୁ ରାସନ ସାମଗ୍ରୀ ପାଇବାରେ ଉପଭୋକ୍ତାମାନେ ନାହିଁ ନଥିବା ସମସ୍ୟାର ସମ୍ମୁଖିନ ହେଉଥିବାର ଅଭିଯୋଗ ହୋଇଛି। ପ୍ରଶାସନ ତରଫରୁ ଏହାର ପ୍ରତିକାର ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବା କାରଣରୁ ଖାଉଟି ମହଲରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ମାହାଙ୍ଗା ବ୍ଲକ ଯୋଗାଣ ବିଭାଗ ଅଧିନରେ ଉମର ଗ୍ରାମପଂଚାୟତ ରହିଛି। ଏହି ଗ୍ରାମପଂଚାୟତରେ ୫ହଜାରରୁ ଉର୍ଦ୍ଧ ଭୋଟର ଓ ୧୨ଶହରୁ ଉର୍ଦ୍ଧ କାର୍ଡଧାରୀ ରହିଛନ୍ତି। ତେବେ ଗତ ୨୦୦୭ ମସିହା ଠାରୁ ଏହି ପଂଚାୟତରେ କୌଣସି ସ୍ଥାୟୀ ରିଟେଲର ନଥିବାର ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଫଳରେ ପ୍ରତିମାସରେ ନିର୍ଦ୍ଧାରିତ ସମୟରେ ସ୍ଥାନୀୟ ଲୋକେ କଂଟ୍ରୋଲ ସାମଗ୍ରୀ ପାଇପାରୁନଥିବାର ଅଭିଯୋଗ ହୋଇଛି। ସ୍ଥାନୀୟ ଭଉଁରିଆ ପଂଚାୟତର ଜଣେ ରିଟେଲରଙ୍କୁ ଏହି ପଂଚାୟତର ଅତିରିକ୍ତ ଦାୟୀତ୍ୱରେ ରଖାଯାଇଥିବାର ଜଣାଯାଇଛି।

# ତମାଖୁ ନିୟନ୍ତ୍ରଣ ନିମନ୍ତେ ଜିଲ୍ଲାସ୍ତରୀୟ ସମନ୍ୱୟ କମିଟି ବୈଠକ



**କେନ୍ଦ୍ରାପଡ଼ା,(ନି.ପ୍ର):** ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ନିମନ୍ତେ ଜିଲ୍ଲାସ୍ତରୀୟ ସମନ୍ୱୟ କମିଟି ବୈଠକ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଅଧକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି । ତମାଖୁ ନିୟନ୍ତ୍ରଣ ହେଉଛି ନୈତିକ ଦାୟିତ୍ୱ । ବ୍ୟତିଗତ ଭାବେ ଏହାପ୍ରତି ସଚେତନ ହେବା ଦରକାର । ତମାଖୁ ନିରୋଧ ଆଇନ କାର୍ଯ୍ୟକାରୀ ଦ୍ୱାରା ତମାଖୁ ସେବନ ହଟେଇବା ୨୦ପ୍ରତିଶତ ସଫଳ ହୋଇଥାଏ । କିନ୍ତୁ ତମାଖୁ ବର୍ଜନ ସଚେତନତା ଜରିଆରେ ୮୦ ପ୍ରତିଶତ ସଫଳତା ମିଳିପାରିବ ବୋଲି ଜିଲ୍ଲାପାଳ ମତବ୍ୟକ୍ତ କରିଥିଲେ । ତେଣୁ ତମାଖୁ ବ୍ୟବହାରକୁ ଦୂରେଇବାରେ ସଚେତନତା ହିଁ ଅମୋଘ ଅସ୍ତ୍ର । ସମସ୍ତ କାର୍ଯ୍ୟାଳୟ ପରିସର ତମାଖୁ ମୁକ୍ତ କରିବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ପ୍ରତି ସେକେଣ୍ଡରେ ଜଣେ କ୍ୟାନସରରେ ଆକ୍ରାନ୍ତ ହେଉଛନ୍ତି । ତମାଖୁରେ ରହିଛି ୪ ହଜାରରୁ ଅଧିକ ପ୍ରକାରର ରାସାୟନିକ ପଦାର୍ଥ । ଏହାର ସେବନ ଦ୍ୱାରା ମୁହଁ, ଜିଭ, ଗାଲ, ସ୍ୱରଯନ୍ତ୍ର ଭଳି ଅଙ୍ଗ ନଷ୍ଟ ହୁଏ ଓ ଆମ ସମାଜରେ ତମାଖୁ ସେବନ କରୁଥିବା ଲୋକମାନଙ୍କୁ ନିଶା ସେବନ ଠାରୁ ଦୁରେଇ ରଖିବା ଆମ ସମସ୍ତଙ୍କର ସମାଜିକ ଦାୟତ୍ୱବୋଧ ହେବା ଆବଶ୍ୟକ ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରିଣୀ ଡା. ଅନିତା ପଟ୍ଟନାୟକ ମତବ୍ୟକ୍ତ କରିଥିଲେ । ୨୦୦୩ ମସିହାରେ କୋଟପା ଆଇନକୁ ପୋଲିସ ବିଭାଗ କଡାକଡି ଲାଗୁ କରିବା ତଥା ସର୍ବସାଧାରଣ ସ୍ଥାନ, ସମସ୍ତ ସରକାରୀ କାର୍ଯ୍ୟାଳୟରେ ପାନ, ଗୁଟଖା, ତମାଖୁ ସେବନ ନିଷେଧ ସମ୍ପର୍କିତ ବିଜ୍ଞପ୍ତି ତଥା ନିର୍ଦ୍ଦେଶନାମା ଜାରି କରିବା ବିଷୟରେ ଆଲୋଚନା କରଯାଇଥିଲା । ଗତ ବର୍ଷ ୯୦ଜଣ ଜନ ପ୍ରତିନିଧିଙ୍କୁ ଏ ଦିଗରେ ପ୍ରଶିକ୍ଷଣ ପ୍ରଦାନ କରାଯାଇ ସେମାନଙ୍କ ଗ୍ରାମପଞ୍ଚାୟତର ଗୋଟିଏ ଗୋଟିଏ ଗ୍ରାମକୁ ତମାଖୁ ମୁକ୍ତ ଗ୍ରାମ କରିବା ପାଇଁ ପ୍ରଚେଷ୍ଟା କରାଯାଇଥିବା ବେଳେ ୨୦୨୪-୨୫ ବର୍ଷରେ ୯୦ଜଣ ଜନ ପ୍ରତିନିଧିଙ୍କୁ ପ୍ରଶିକ୍ଷଣ ପ୍ରଦାନ ପାଇଁ ଯୋଜନା କରାଯାଇଛି । ଗତ ବର୍ଷ ୯୪ଟି ସ୍କୁଲ୍ ଓ ୬ ଟି କଲେଜ ତମାଖୁ ମୁକ୍ତ ହୋଇଥିବା ବେଳେ ଚଳିତ ବର୍ଷ ୭୮ ଟି ସ୍କୁଲ୍ ଓ ୯ଟି କଲେଜ ତମାଖୁ ମୁକ୍ତ କରିବା ପାଇଁ ଯୋଜନା ରଖାଯାଇଛି । କାର୍ଯ୍ୟକ୍ରମର ସଫଳତା ପାଇଁ ବ୍ଲକରେ ସ୍ୱାସ୍ଥ୍ୟ, ଶିକ୍ଷା, ଜନ ପ୍ରତିନିଧି, ପାନୀୟ ଜଳ ବିଭାଗ, ପୋଲିସ, ଅବକାରୀ ଓ ସ୍ୱେଚ୍ଛାସେବୀଙ୍କୁ ନେଇ ବ୍ଲକ ଟାସ୍କଫୋର୍ସ ଗଠନ କରାଯିବ ଏବଂ ଚଢାଉ ପାଇଁ ସ୍କ୍ୱାର୍ଡ଼ ଗଠନ କରାଯିବ । ଏନଫୋର୍ସମେଣ୍ଟ ସ୍କ୍ୱାର୍ଡ଼ ୨୬ ଟି ସ୍ଥାନରେ ଚଢାଉକରି ୧୪୮ଜଣଙ୍କ ଠାରୁ ସର୍ବାଧିକ ୨୦୦ଟଙ୍କା ପର୍ଯ୍ୟନ୍ତ ଜୋରିମାନ ଆଦାୟ କରାଯାଇଛି । ସମସ୍ତ ସ୍କୁଲ୍ ଓ କଲେଜର ଛାତ୍ରଛାତ୍ରୀମାନଙ୍କୁ ତମାଖୁ ସେବନ ନକରିବାକୁ ଶପଥ ପାଠ କରାଇବା ସହ ତମାଖୁ ବର୍ଜନ ପାଇଁ ସଚେତନ କରିବାକୁ ବୈଠକରେ ଅଲୋଚନା କରାଯାଇଥିଲା। ଏହି ବୈଠକରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦେବାଶିଷ ଧଳ, ସୁପରିନଟେନଟେଣ୍ଡେ ପ୍ରମୋଦ ପ୍ରହରାଜ୍, ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡା.ସଚିଦାନନ୍ଦ ମିଶ୍ର (ପରିବାର କଲ୍ୟାଣ), ପ୍ରଶାସନିକ ଅଧିକାରୀ ଆଦ୍ୟାଶା ରଥ, ଅବକାରୀ ଅଧୀକ୍ଷକ ବିପ୍ର ଚରଣ ମଣ୍ଡଳ, ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦିପ୍ କୁମାର ନାଗ, ଡ.ପି.ଏମ. ଗୀତାଞ୍ଜଳି ଦାସ, ଡ଼ି.ପି.ଏଚ.ସି.ଓ ମିନତୀ ମହାପାତ୍ର, ବିଭିନ୍ନ ମହାବିଦ୍ୟାଳୟର ଅଧକ୍ଷ ଓ ତାଙ୍କ ପ୍ରତିନିଧି, ପିଏଚସି ଓ ସିପିଏଚସିର ସ୍ୱାସ୍ଥ୍ୟ ଅଧିକାରୀ ଏବଂ ଡିଏଚଏଚର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ । ଶ୍ୟାମସୁନ୍ଦର ବିଶ୍ୱାଳ ପ୍ରାରମ୍ଭିକ ସୁଚନା ଦେବାସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ରଘୁବାରୀରେ କାୟା ମେଲାଉଛି ଝାଡାବାନ୍ତି



**ଅମ୍ବାଦଳା,(ନି.ପ୍ର):** ଚଳିତ ବର୍ଷର ଲଗାଣ ବର୍ଷା ଯୋଗୁଁ ରାୟଗଡା ଜିଲ୍ଲାର ବିଭିନ୍ନ ସ୍ଥାନରେ ଝାଡାବାନ୍ତି, ମ୍ୟାଲେରିଆ ଓ ଡେଙ୍ଗୁ ପରି ବିଭିନ୍ନ ମାରାତ୍ମକ ରୋଗର ଭୟ ସାଧାରଣରେ ଘାରିଥିବାବେଳେ ଏହାର ଅବିକଳ ଦେଖିବାକୁ ମିଳିଛି ମୁନିଗୁଡା ବ୍ଲକ ଅମ୍ବାଦଳା ନିକଟବର୍ତ୍ତୀ ରଘୁବାରି ପଞ୍ଚାୟତ ଅନ୍ତର୍ଗତ ଜାରାପା ଆଦିବାସୀ ଗ୍ରାମରେ। ସମଗ୍ର ରଘୁବାରୀ ପଂଚାୟତ ଏକ ଉପାନ୍ତ ତଥା ପାର୍ବତ୍ୟାଞ୍ଚଳ ହୋଇଥିବାବେଳେ ଏଠାରେ ଦ୍ରୁତଗତିରେ କାୟା ମେଲାଉଛି ଝାଡ଼ାବାନ୍ତି। ସୂଚନା ମୁତାବକ ଜାରପା ଗ୍ରାମର ଏକ ୩୭ ବର୍ଷୀୟା ମହିଳା ତୁଳସୀ ମାଝି ଗତ ଦୁଇ ଦିନ ହେଲା ଝାଡାବାନ୍ତି ସହ ଜ୍ୱରରେ ଆକ୍ରାନ୍ତ ହୋଇଥିଲେ। ଏହି ଖବର ପାଇ ଅମ୍ବାଦଳାର ଯୁବ କଂଗ୍ରେସ ନେତା ରଜନୀ ପାଡ଼ାଲ ସନ୍ଧ୍ୟାରେ ତାଙ୍କୁ ଚିକିତ୍ସା ପାଇଁ ଅମ୍ବାଦଳା ପ୍ରାଥମିକ ଚିକିତ୍ସା କେନ୍ଦ୍ରକୁ ଆଣିଥିଲେ। ରାତି ଅଧରେ ଅଧିକ ଗୁରୁତର ହେବାରୁ ରାୟଗଡା ଜିଲା ମୁଖ୍ୟ ଡାକ୍ତରଖାନାକୁ ରେଫର କରାଯିବାପରେ ଆମ୍ବୁଲାନ୍ସ ଯୋଗେ ନେଉଥିବାବେଳେ ମେଡିକାଲ ପହଞ୍ଚିବା ପୂର୍ବରୁ ଉକ୍ତ ମହିଳାଙ୍କ ମୃତ୍ୟୁ ହୋଇଥିଲା। ଶ୍ରୀ ପାଡ଼ାଲଙ୍କ ସହଯୋଗରେ ମୃତ ତୁଳସିଙ୍କ ପାର୍ଥିବ ଶରୀରକୁ ନିଜ ଗାଁ ଜାରପାକୁ ଆଣି ପରିବାର ଲୋକେ ଶବସତ୍କାର କରିଥିଲେ। ସୂଚନା ଥାଉକି ଏହା ପୂର୍ବରୁ ମଧ ନିକଟରେ ରଘୁବାରୀ ଅଂଚଳରେ ଝାଡ଼ାବାନ୍ତିରେ ୪ ଜଣଙ୍କ ମୃତ୍ୟୁ ହୋଇଛି। ଚଳିତ ବର୍ଷ କ୍ରମାଗତ ଝାଡାବାନ୍ତିରେ ୫ ଜଣଙ୍କ ମୃତ୍ୟୁ ହେବାପରେ ଅଞ୍ଚଳରେ କୋକୁଆ ଭୟ ସୃଷ୍ଟି ହେବାସହ ଏହାର କାରଣ ଖୋଜି ମହାମାରିକୁ ନିୟନ୍ତ୍ରଣ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ତତ୍ପର ହେବା ପାଇଁ ସାଧାରଣରେ ଦାବି ହେଉଛି। ଏହା ସହ ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ପରିବାର ଓ ସମ୍ପର୍କୀୟ ପ୍ରଶାସନକୁ ନିବେଦନ କରିଛନ୍ତି। ନିଜ ନିର୍ବାଚନ ମଣ୍ଡଳୀରେ ଝାଡାବାନ୍ତିର ପ୍ରାଦୁର୍ଭାବ ନେଇ ସ୍ୱାସ୍ଥ୍ୟ ବିଭାଗ ଏବଂ ସରକାରଙ୍କ ଉପରେ ବର୍ଷି ତୁରନ୍ତ ପଦକ୍ଷେପ ନେବା ପାଇଁ ଦାବି କରିବା ସହ ସ୍ୱାସ୍ଥ୍ୟ ସଚେତନ ହେବା ପାଇଁ ଜନସାଧାରଣଙ୍କୁ ନିବେଦନ କରିଛନ୍ତି ବିଷମକଟକ ବିଧାୟକ ନୀଳମାଧବ ଉଲାକା।

## ଜିଲ୍ଲା ପ୍ରଶାସନ ପକ୍ଷରୁ ବରିଷ୍ଠ ସାମ୍ବାଦିକଙ୍କୁ ସମ୍ବର୍ଦ୍ଧନା ପରେ ବିଭିନ୍ନ ମହଲରୁ ଶୁଭେଚ୍ଛା



**ନିଶ୍ଚିନ୍ତକୋଇଲି,(ନି.ପ୍ର):** ନିଶ୍ଚିନ୍ତକୋଇଲି ବ୍ଲକର ବରିଷ୍ଠ ସାମ୍ବାଦିକ ଅଶୋକ କୁମାର ମହାପାତ୍ରଙ୍କୁ ୭୮ତମ ସ୍ୱାଧିନତା ଦିବସ ଅବସରରେ କଟକ ଜିଲ୍ଲା ପ୍ରଶାସନ ସମ୍ବର୍ଦ୍ଧିତ କରାଯାଇଛି। ନିରନ୍ତର ନିରପେକ୍ଷ ଓ ନିରବଚ୍ଛିନ୍ନ ଭାବରେ ଖବର ପରିବେଷଣ କରୁଥିବାରୁ ତାଙ୍କୁ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ କଟକ ଜିଲ୍ଲାପାଳ ଦାତାତ୍ରୟ ଭାଉ ସାହେବ ସିନ୍ଧେ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ସମେତ ବହୁ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ। ତେବେ ଜିଲ୍ଲାସ୍ତରରେ ସମ୍ବର୍ଦ୍ଧିତ ହେବା ପରେ ବିଭିନ୍ନ ଅନୁଷ୍ଠାନ, ସାମ୍ବାଦିକ.ଆଇନଜୀବୀ. ସାହିତ୍ୟିକ ମହଲରୁ ଶୁଭେଚ୍ଛା ଓ ଶୁଭକାମନା ଦିଆଯାଇଛି। ଶିଶୁ ମନ୍ଦିର ସଭାପତି ଦୀପାଞ୍ଜଳୀ ମିଶ୍ର, ସମ୍ପାଦକ ତପନ ଦାଶ,ତହସିଲଦାର ଅନିତା ନାୟକ,ଅତିରିକ୍ତ ତହସିଲଦାର ଅଭୟ କୁମାର ପଡିହାରୀ,ବିଡିଓ ବିରଂଚି ନାରାୟଣ ବେହେରା,ପ୍ରାକ୍ତନ ନିଶ୍ଚିନ୍ତକୋଇଲି ବିଡିଓ କର୍ଣ୍ଣଦେବ ସମାଦ୍ଦାର,ବିପ୍ରଚରଣ ମହାନ୍ତି, ନିଶ୍ଚିନ୍ତକୋଇଲି ପଂଚାୟତ ସମିତି ଅଧକ୍ଷା ରୋଜି ସେଠୀ, ପ୍ରାକ୍ତନ ଅଧକ୍ଷା ସବିତା ଓଝା,ଉପାଧକ୍ଷ ଅଶୋକ ଓଝା,ସାସ ସ୍ୱେଚ୍ଛାସେବୀ ସଙ୍ଗଠନ ସଭାପତି ବିନୟ ଦାସ, ପରିବାର ସଭାପତି ବଲ୍ଲଭ ଚରଣ ପଲେଇ,ପ୍ରାକ୍ତନ ଏବିଇଓ ଲକ୍ଷ୍ମଣ ଲେଙ୍କା, ଆଇନଜୀବୀ ମାନସ ମହାନ୍ତି, ଜିତେନ୍ଦ୍ର ମହାନ୍ତି.ପ୍ରଭାକର ସେଠୀ, ପୂର୍ବତନ ସରପଂଚ କ୍ଷୀରୋଦ କୁମାର ପଣ୍ଡା, ରମେଶ ଚନ୍ଦ୍ର ସ୍ୱାଇଁ, ଦେବେନ୍ଦ୍ର କୁମାର ସାହୁ,ସାମାଜିକ କର୍ମୀ ରଞ୍ଜନ ଦାସ,ସୁଧାଂଶୁ ଭୂୟାଁ.ରାଜେନ୍ଦ୍ର କୁମାର ଭୂୟାଁ ,ଇଂ ପତିତପାବନ ସ୍ୱାଇଁ.କ୍ଷୀରୋଦ ଦାସ,ବନ୍ଦନ ରାଉତ, କବି ଶ୍ରୀଧର ଶେଖର ମହାପାତ୍ର,ଅଧ୍ୟାପକ ପଦ୍ମଲୋଚନ ରାଉତ,ରଘୁନାଥ ଅନୁକମ୍ପା ପରିଷଦ ସଭାପତି ବଂଶୀଧର ପଣ୍ଡା, ସାମ୍ବାଦିକ ନାରାୟଣ ଓଝା, ଆଶିଷ କୁମାର ପଣ୍ଡା, ପ୍ରଫୁଲ କୁମାର ଦାଶ, ସୁରେନ୍ଦ୍ର ରାଉତ,ରଘୁନାଥ ସିଂ , ପ୍ରତାପ ଶତପଥି, ଗୋବିନ୍ଦ ଦାସ, କ୍ଷମାନିଧି ପୁଝାରୀ, ରତ୍ନାକର ବାରିକ,ପ୍ରମୋଦ କୁମାର ସ୍ୱାଇଁ ,ଲକ୍ଷ୍ମଣ ଦାସ ସମେତ ସମସ୍ତ ଗଣମାଧ୍ୟମ ପ୍ରତିନିଧି ଓ ବିଭିନ୍ନ ସାମାଜିକ,ସାହିତ୍ୟ ଅନୁଷ୍ଠାନ ପକ୍ଷରୁ ଶୁଭେଚ୍ଛା ଜଣାଇଛନ୍ତି।

**ପ୍ରଥମ ଶ୍ରେଣୀ ଛାତ୍ର ଥାଲାସେମିଆରେ ଆକ୍ରାନ୍ତ**

# ଚିକିତ୍ସାରେ ଅର୍ଥ ସାଜିଛି ବାଧକ



**ନିଶ୍ଚିନ୍ତକୋଇଲି,(ନି.ପ୍ର):** ନିଶ୍ଚିନ୍ତକୋଇଲି ବ୍ଲକ ଓଥକା ଗ୍ରାମର ଜଣେ ପ୍ରଥମ ଶ୍ରେଣୀ ଛାତ୍ର ଥାଲାସେମିଆରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି। ତାଙ୍କର ଚିକିତ୍ସାରେ ଅର୍ଥ ବାଧକ ସାଜିଥିବାର ତାଙ୍କ ପରିବାର ତରଫରୁ ପ୍ରକାଶ। ନିଶ୍ଚିନ୍ତକୋଇଲି ଗ୍ରାମପଂଚାୟତ ଓଥକା ଗ୍ରାମର ରାଜକିଶୋର ବେହେରା ଓ ମିନତୀ ବେହେରାଙ୍କର ସାନପୁଅ ଜୟେଶ (୭) ସ୍ଥାନୀୟ ନିଶ୍ଚିନ୍ତକୋଇଲି ଅହମ୍ମଦ ବକ୍ସ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଥମ ଶ୍ରେଣୀରେ ଅଧ୍ୟୟନ କରନ୍ତି। ଜୟେଶ ମାତ୍ର ୯ମାସର ହୋଇଥିଲା ବେଳେ ଧିରେ ଧିରେ ତାଙ୍କର ଗୋଡହାତ ସରୁ ହୋଇଯାଇଥିଲା। ମୁଣ୍ଡର ଆକାର ବଢିବା ସହ ପେଟ ମଧ ଫୁଲି ଯାଇଥିଲା। ପୁତ୍ରର ଏପରି ସ୍ୱାସ୍ଥ୍ୟ ଅବସ୍ଥା ଦେଖି ପିତାମାତା ନା ନା ଆଶଙ୍କା କରିଥିଲେ। ପରିବାର ଲୋକେ ତାଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଚିକିତ୍ସା କରାଇଥିଲେ ମଧ କୌଣସି ସୁଫଳ ପାଇନଥିଲେ। ଶେଷରେ ପରିବାର ଲୋକେ ତାଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ପରୀକ୍ଷା ନିରୀକ୍ଷା କରିବା ପରେ ସେ ଥାଲାସେମିଆ ରୋଗରେ ଆକ୍ରାନ୍ତ ହୋଇଥିବାର ଡାକ୍ତର ପ୍ରକାଶ କରିଥିଲେ। ପରିବାର ଲୋକେ ଧାର କରଜ କରି ଦୀର୍ଘ ୭ ବର୍ଷ ହେଲା ତାଙ୍କୁ କଟକ ବଡ ଡାକ୍ତରଖାନାକୁ ନେଇ ଚିକିତ୍ସା କରାଉଛନ୍ତି। ପ୍ରତିମାସରେ ତାଙ୍କ ପାଇଁ ୨ୟୁନିଟ ରକ୍ତର ଆବଶ୍ୟକତା ହେଉଛି। କଟକ ରକ୍ତ ଭଣ୍ଡାର ତରଫରୁ ତାଙ୍କୁ ରକ୍ତ ଯୋଗାଇ ଦିଆଯାଉଥିଲା ବେଳେ ବର୍ଷର ଅଧିକାଂଶ ସମୟ ତାଙ୍କୁ ବାହାରୁ ରକ୍ତ କିଣିବା ନିମନ୍ତେ ପଡୁଥିବାର ତାଙ୍କ ପରିବାର ତରଫରୁ କୁହାଯାଇଛି। ତେବେ ରାଜକିଶୋର ଜଣେ ଭୂମିହୀନ ଓ ଦିନ ମଜୁରିଆ ହୋଇଥିଲା ବେଳେ ଶାରିରୀକ ସ୍ତରରେ ଜଣେ ରୋଗାକ୍ରାନ୍ତ ବ୍ୟକ୍ତି ଅଟନ୍ତି। ପୁତ୍ରର ଚିକିତ୍ସା ନିମନ୍ତେ ପ୍ରତିମାସରେ ୨ହଜାରରୁ ୩ହଜାର ଟଙ୍କାର ଆବଶ୍ୟକତା ପଡିଥାଏ। ତେବେ ପୁତ୍ରର ଚିକିତ୍ସା ନିମନ୍ତେ ରାଜକିଶୋର ଦୀର୍ଘ ୭ ବର୍ଷ ହେଲା ଅର୍ଥ ଖର୍ଚ୍ଚକରି କରି ଅଣନିଶ୍ୱାସୀ ହୋଇ ପଡିଲେଣି। ଏପରିସ୍ଥଳେ ତାଙ୍କ ପରିବାରକୁ କୌଣସି ସରକାରୀ ସହାୟତା ପ୍ରଦାନ କରାଯାଇ ନଥିବାର ଅଭିଯୋଗ ହୋଇଛି। ପୁତ୍ରର ଚିକିତ୍ସା ନିମନ୍ତେ ଅର୍ଥ ବାଧକ ସାଜିଥିବାରୁ ଭବିଷ୍ୟତରେ ପୁତ୍ରର ଚିକିତ୍ସା ନେଇ ରାଜକିଶୋରଙ୍କ ପରିବାର ଭାଙ୍ଗି ପଡିଛନ୍ତି। ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦିଆଯିବା ନିମନ୍ତେ ପରିବାର ତରଫରୁ ନିବେଦନ କରାଯାଇଛି।

# ଦରମା କାଟ ଯୋଗୁଁ ଶ୍ରମିକଙ୍କ ଆନ୍ଦୋଳନ



**ଯୋଡା,(ନି.ପ୍ର):** ଯୋଡ଼ା ଖଣି ମଣ୍ଡଳ ଅନ୍ତର୍ଗତ ଓଡ଼ିଶା ଖଣି ନିଗମର ବାଂଶପାଣି ଖଣିରେ ଶ୍ରମିକ ମାନଙ୍କର ଦରମା କାଟ ଯୋଗୁଁ ଶ୍ରମିକଙ୍କ ଧାରଣା ୧୨ଦିନରେ ପହଞ୍ଚିଛି। ଖଣିର ଠିକାଦାର ଭାବେ କାର୍ଯ୍ୟ କରୁଥିବା ନାରାୟଣୀ ସନ୍ସ ପ୍ରାଇଭେଟ୍ ଲିମିଟେଡ (ଏନ୍ଏସପିଏଲ) ଓ ଓଏମସି କର୍ତ୍ତୃପକ୍ଷ ଏହାର ସମାଧାନ ନିମନ୍ତେ ଉଦ୍ୟମ କରୁନଥିବାରୁ ଧାରଣାରତ ଶ୍ରମିକ ମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏହି ଖଣିରେ ପ୍ରାୟ ୨୪୦ରୁ ଉର୍ଦ୍ଧ୍ୱ ଶ୍ରମିକ ଏନ୍ଏସପିଏଲ ଠିକା ସଂସ୍ଥା ଅଧୀନରେ କାର୍ଯ୍ୟ କରି ଆସୁଛନ୍ତି। ଗତ ମାସ କୌଣସି ଶ୍ରମିକ ନିଜ କାର୍ଯ୍ୟରେ ଅନୁପସ୍ଥିତ ନ ଥିଲେ। ତଥାପି ଠିକା ସଂସ୍ଥା ପକ୍ଷରୁ ସମସ୍ତ ଶ୍ରମିକଙ୍କ ୬ ଦିନର ଅନୁପସ୍ଥିତ ଦର୍ଶାଇ ଦରମା କାଟି ଦିଆଯାଇଛି ବୋଲି ସେମାନେ ସାମୂହିକ ଭାବେ ଅଭିଯୋଗ କରିଛନ୍ତି। ଏ ଦିଗରେ ଓଏମସି ଖଣି କର୍ତ୍ତୃପକ୍ଷ ଓ ଶ୍ରମ ବିଭାଗକୁ କେନ୍ଦୁଝର ମାଇନସ ଶ୍ରମିକ ସଂଘ ପକ୍ଷରୁ ଏହି ଶ୍ରମିକଙ୍କ ଦରମା କାଟ ନେଇ ଲିଖିତ ଭାବେ ଜଣାଇ ଦିଆଯାଇଛି। ବିଭାଗୀୟ କର୍ତ୍ତୃପକ୍ଷଙ୍କ ଏଥିପ୍ରତି ଦୃଷ୍ଟି ପଡୁ ନ ଥିବାରୁ ଖରା ଓ ବର୍ଷାରେ ଶ୍ରମିକ ମାନେ ଅତି ଦୟନୀୟ ଭାବେ ନିଜର ହକ ପାଇଁ ଧାରଣାରେ ବସିଛନ୍ତି। ଏଦିଗରେ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବା ପାଇଁ କେନ୍ଦୁଝର ମାଇନସ ଶ୍ରମିକ ସଂଘର ସାଧାରଣ ସମ୍ପାଦକ ମହେନ୍ଦ୍ର ମହାନ୍ତି ଦାବି କରିଛନ୍ତି। ଅନୁରୂପ ଭାବେ ଖଣ୍ଡବନ୍ଧ ଓଏମସି ଖଣିରେ ମଧ୍ୟ ଦରମା କାଟକୁ ନେଇ ଠିକା ସଂସ୍ଥା ଏନ୍ଏସପିଏଲ ବିରୁଦ୍ଧରେ ଆନ୍ଦୋଳନ ତେଜିଛି। ଆଇନ ଅନୁସାରେ ଆଟେନଡାନ୍ସ କାର୍ଡ ଦିଆ ଯାଉ ନାହିଁ,୮ ଘଣ୍ଟା ବଦଳରେ ୧୨ ଘଣ୍ଟା କାମ କରାଯାଉଛି, ଠିକ୍ ସମୟରେ ଦରମା, ଛୁଟି ଆଦି ଦିଆଯାଉ ନାହିଁ। ମାତ୍ର କିଛି ସ୍ଥାନୀୟ ଲୋକଂକୁ ନିଯୁକ୍ତି ଦେଇ ଅଧିକ ଶ୍ରମିକ ବାହାର ରାଜ୍ୟରୁ ଆଣି କାମ କରାଯାଉଛି । ଏହାର ମୁଖ୍ୟ କାରଣ କୁଶଳୀ ଶ୍ରମିକ ମାନଙ୍କୁ ଅଣକୁଶଳୀ ମଜୁରୀ ଏବଂ ସରକାରୀ ଧାର୍ଯ୍ୟ ପ୍ରାପ୍ୟ ଠାରୁ କମ୍ ମଜୁରୀ, ସରକାରଙ୍କ ଦ୍ୱାରା ଧାର୍ଯ୍ୟ ବୈଧାନିକ ସୁବିଧା ଶ୍ରମିକ ମାନଙ୍କୁ ଦିଆଯାଉ ନାହିଁ ବୋଲି ବୋଲି କେନ୍ଦୁଝର ମାଇନିଂ ଫରେଷ୍ଟ ୱର୍କର୍ସ ୟୁନିୟନ (କେଏମଏଫଡବ୍ଲ୍ୟୁ)ର ସାଧାରଣ ସମ୍ପାଦକ ମହେଶ୍ୱର ରାଉତ ଗଣମାଧ୍ୟମଙ୍କୁ କହିଛନ୍ତି । ତେଣେ ଧାରଣାରତ ଶ୍ରମିକ ମାନେ କହିଛନ୍ତି ଯେ କେନ୍ଦ୍ର ସରକାରଙ୍କର ବଡବିଲରେ ଅବସ୍ଥାପିତ ଥିବା ଲେବର ଏନଫର୍ସେମେଣ୍ଟ ବିଭାଗର ଏଲ୍.ଇଓଙ୍କୁ ଅବଗତ କରାଇବା ପରେ ମଧ ସେମାନଙ୍କର କୌଣସି ସମସ୍ୟାର ସମାଧାନ ହେଉ ନାହିଁ। ଏଣୁ ଧାରଣାରତ ଶ୍ରମିକ ମାନେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାରେ ବସିବେ ବୋଲି ଭାଗିରଥୀ ପାତ୍ର, ଜୟ ସିଂହ ସର୍ଦ୍ଦାର, ବିନୋଦ କୁମାର ଜେନା, ଶମ୍ଭୁନାଥ ମହାନ୍ତ,ମଦନ ପାତ୍ର, ମହେଶ ଖାଡିଆ, କ୍ରୀଷ୍ଣା ହେମ୍ବ୍ରମ, ଅମିର ବାବୋଙ୍ଗ, ସୁଖିରନ ଲାଗୁରୀ, କିଶନ ହାସଦା, ସଜିତ୍ ଆଇନ୍ଦ, ବିକାଶ ଓରାମ, ରୁଦ୍ର ନାରାୟଣ ପାତ୍ର, ଏକାଦଶୀ ପାତ୍ର, ଦୀପକ କୁମାର ପାତ୍ର, ସମୀର କୁମାର ମୁଣ୍ଡା, ନରହରୀ ପାତ୍ର ଚେତାବନୀ ଦେଇଛନ୍ତି। ତେଣେ ଖଣି ନିଗମ ବାଂଶପାଣି ପ୍ରବନ୍ଧକ ସତ୍ୟଶିବ ଦାସ କହିଛନ୍ତି ଯେ, ଶ୍ରମିକଙ୍କ ଦାବି ଉପରେ ଆଲୋଚୋନ ଜାରି ରହିଥିବା ବେଳେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରିଥିବା କହିଥିଲେ।

# ସିଆଇଆଇ ଜାତୀୟ ଶକ୍ତି ଦକ୍ଷତା ସର୍କଲ ପ୍ରତିଯୋଗିତାରେ ବେଦାନ୍ତ ଆଲୁମିନା ପୁରସ୍କୃତ



**ଭୁବନେଶ୍ୱର,(ନି.ପ୍ର):** ବେଦାନ୍ତ ଆଲୁମିନିୟମ, ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ଏହାର ଆଲୁମିନା ରିଫାଇନାରୀରେ ନିୟୋଜିତ ଶକ୍ତି ଦକ୍ଷତା ଅଭ୍ୟାସକୁ ସ୍ୱୀକୃତି ଦେଇ କନଫେଡେରେସନ ଅଫ ଇଣ୍ଡିଆନ ଇଣ୍ଡଷ୍ଟ୍ରି ଜାତୀୟ ଶକ୍ତି ଦକ୍ଷତା ସର୍କଲ ପ୍ରତିଯୋଗିତା ୨୦୨୪ରେ ସମ୍ମାନିତ ହୋଇଛି। ଲାଞ୍ଜିଗଡ଼ର ୟୁନିଟକୁ ଏହି ବର୍ଗରେ ପୁରସ୍କାର ପ୍ରଦାନ କରାଯାଇଛି ଏବଂ ଶ୍ରେଷ୍ଠ ଶକ୍ତି ଦକ୍ଷ ସଂଗଠନ ଓ ସର୍ବୋତମ ପରିଚାଳନା ବୈଦ୍ୟୁତିକ ବ୍ୟବସ୍ଥା ବର୍ଗରେ ମଧ୍ୟ ବିଶେଷ ପ୍ରଶଂସା ମିଳିଛି। ଏହି ପୁରସ୍କାର ବେଦାନ୍ତର ସଂପୂର୍ଣ୍ଣ ବ୍ୟବସାୟିକ କାର୍ଯ୍ୟ ସୁନିଶ୍ଚିତ କରିବା ଉପରେ ଗଭୀର ଧ୍ୟାନକୁ ସ୍ୱୀକାର କରେ। ବେଦାନ୍ତ ଆଲୁମିନିୟମର ବିଶ୍ୱସ୍ତରୀୟ ବିଶୋଧନାଗାରକୁ ଉଚ୍ଚମାନର ଆଲୁମିନା ଉତ୍ପାଦନ ଦାୟିତ୍ୱ ଦିଆଯାଇଛି ଯାହା ପରବର୍ତି ପର୍ଯ୍ୟାୟରେ ଝାରସୁଗୁଡ଼ା ଓ ଛତିଶଗଡ଼ର କୋରବା ଠାରେ ଥିବା ସ୍ମେଲଟରରେ ପ୍ରକିୟାକୃତ ହୋଇଥାଏ। ୨୦୫୦ ସୁଦ୍ଧା ନେଟ ଜିରୋ କାର୍ବନ ଏମିଶନ ହାସଲ କରିବା ପାଇଁ ବେଦାନ୍ତର ପ୍ରତିବଦ୍ଧତାକୁ ବଢାଇବା ଲାଗି ଏହାର କାରଖାନାରେ ୨୯ରୁ ଅଧିକ ଶକ୍ତି ଦକ୍ଷତା ପ୍ରକଳ୍ପ କାର୍ଯ୍ୟ କରୁଛି। ବେଦାନ୍ତ ଲାଞ୍ଜିଗଡ଼ ସମ୍ମାନ ଗ୍ରହଣ କରିଥିବା ଏହି ପ୍ରକଳ୍ପ ଗୁଡ଼ିକରେ ଶକ୍ତି ସଂଚୟ ପାଇଁ ଶକ୍ତି ବଂଟନ ପ୍ରଣାଳୀରେ ଉନ୍ନତି, ବିଦ୍ୟୁତ ବ୍ୟବହାର ପ୍ରଣାଳୀରେ ବାୟୋମାସ ବ୍ରିକେଟ ବ୍ୟବହାର ହୋଇ ଅକ୍ଷୟ ଇନ୍ଧନ ଶକ୍ତିକୁ ବ୍ୟବହାର କରାଯାଉଛି। ଏହି ପ୍ରକଳ୍ପ ଗୁଡ଼ିକରେ ଶକ୍ତି ସଂଚୟ ଦ୍ୱାରା କାର୍ଯ୍ୟକ୍ଷମତା ଯଥେଷ୍ଟ ବୃଦ୍ଧି ପାଇଛି। କେବଳ ୨୦୨୪ରେ ବେଦାନ୍ତ ଲାଂଜିଗଡ଼ର ଉଦ୍ୟମ ଦ୍ୱାରା ୬୯,୦୦୦ଟନରୁ ଅଧିକ ସିଓ୨ ନିର୍ଗମନ ହ୍ରାସ ପାଇଛି। ଏହି ସ୍ୱୀକୃତି ଉପରେ ମତ ଦେଇ ବେଦାନ୍ତ ଆଲୁମିନିୟମର ସିଇଓ, ଜନ ସ୍ଲାଭେନ କହିଛନ୍ତି ଯେ ବେଦାନ୍ତ ଆଲୁମିନିୟମରେ ଆମେ ସ୍ଥାୟୀ ବ୍ୟବସାୟିକ ଅଭ୍ୟାସ ଉପରେ ଆଧାରିତ କାର୍ଯ୍ୟ କୁଶଳତା କ୍ଷେତ୍ରରେ ନୂତନ ମାନଦଣ୍ଡ ପ୍ରତିଷ୍ଠା କରିବାକୁ ଚେଷ୍ଟା କରୁଛୁ। ଏହି ପରିପ୍ରେକ୍ଷୀରେ ଆମର ଏହି ଉଦ୍ୟମକୁ ସିଆଇଆଇ ଦ୍ୱାରା ସମ୍ମାନିତ କରାଯିବା ଆମ ପାଇଁ ଗୌରବ। ଆମେ ନେଟ ଜିରୋ ମାଇଲଖୁଂଟ ହାସଲ କରିବା ଲାଗି ଆମର ନିରନ୍ତର ପ୍ରତିବଦ୍ଧତାର ଏକ ଉତ୍ସାହଜନକ ପ୍ରତିଫଳନ ଦେଖାଇପାରିଛୁ। ବେଦାନ୍ତ ଲାଞ୍ଜିଗଡ଼ ଏହାର କାର୍ଯ୍ୟରେ ଶକ୍ତି କ୍ଷମତାକୁ ବ୍ୟାପକ କରିବା ଲାଗି ପୃଥକ ପୃଥକ ପ୍ରକଳ୍ପ ନିୟୋଜିତ କରିଛି ଯଥା : ଜଳ କୁଲିଂ ପ୍ରଣାଳୀରେ ଆଂଟି ଘର୍ଷଣ ଶକ୍ତି କ୍ଷମତାର ବୃଦ୍ଧି କରି ଶକ୍ତି ବ୍ୟବହାରକୁ ୪୬୯ ମେଗାୱାଟକୁ କମାଇଛି। ଏସଏଚଜି ସଂଚୟ ବାର୍ଷିକ ୩୫୫ ଟନ ସିଓ୨ ହୋଇଛି। ବକ୍ସାଇଟକୁ ସମାନ ଭାବରେ ଭାଙ୍ଗିବା ଲାଗି ବ୍ୟବହୃତ ବଲ ମିଲ ଗୁଡ଼ିକର ଉନ୍ନତି କରିଛି। ବୈଦ୍ୟୁତିକ ଶକ୍ତି ବ୍ୟବହାରକୁ ବାର୍ଷିକ ୨୪୦୦ ମେଗାୱାଟକୁ କମାଇପାରିଛି ଏବଂ ଯେଉଁଥିରେ ବାର୍ଷିକ ୧୭୦୨ ଟନ ସିଓ୨ ସଂଚୟ ହୋଇପାରିବ। ପ୍ଲାଂଟର ବୈଦ୍ୟୁତିକ ବଂଟନ ଏବଂ ରକ୍ଷଣାବେକ୍ଷଣ ପ୍ରଣାଳୀର ସମ୍ପୂର୍ଣ୍ଣ ଡିଜିଟାଇଜେସନ୍ କରାଯାଇଛି ଯାହାକି ତ୍ରୁଟି ହ୍ରାସ ପାଇଁ ଉନ୍ନତ ମନିଟରିଂ ଏବଂ ଶକ୍ତି ପଠନ ରିପୋର୍ଟକୁ ସକ୍ଷମ କରିଛି। ଶକ୍ତି କ୍ଷମତାରେ ଅକ୍ଷୟ ଶକ୍ତି ଗ୍ରହଣ ଓ ଶିଳ୍ପଗୁଡ଼ିକରେ ଜଳବାୟୁ ପରିବର୍ତନ ହ୍ରାସ କରିବାରେ ସର୍ବୋତମ ଅଭ୍ୟାସକୁ ଆପଣାଇ ସିଆଇଆଇ ଜାତୀୟ ଶକ୍ତି ଦକ୍ଷତା ସର୍କଲ ପ୍ରତିଯୋଗିତତାରେ ଭାରତ ସରକାରଙ୍କ ବିଇଇ-ପିଏଟି ଯୋଜନାରେ ଥିବା ଶିଳ୍ପ ସ୍ତରୀୟ ମାନ୍ୟତା ହାସଲ କରିଛି।

# ହାରିବା ପରେ ପାକିସ୍ତାନଙ୍କୁ ଦଣ୍ଡିତ କଲା ଆଇସିସି

ଦୁବାଇ, ୨୬।୮(ଏଜେନ୍ସି): ଘରୋଇ ମାଟିରେ ବାଂଲାଦେଶ ଠାରୁ ଶୋଚନୀୟ ଭାବେ ଟେଷ୍ଟ ମ୍ୟାଚ୍ ହାରିଥିବା ପାକିସ୍ତାନକୁ ଆଉ ଏକ ଝଟକା ଲାଗିଛି। ପାକିସ୍ତାନ କ୍ରିକେଟ ଟିମକୁ ଦଣ୍ଡିତ କରିଛି ଆଇସିସି। ବାଂଲାଦେଶ ବିପକ୍ଷ ଟେଷ୍ଟ ସିରିଜର ପ୍ରଥମ ମ୍ୟାଚ୍‌ରେ ଧୀମା ଓଭର ରେଟ ପାଇଁ ପାକିସ୍ତାନର ୬ ଡବ୍ଲ୍ୟୁଟିସି ପଏଣ୍ଟ କାଟି ଦେଇଛି ଆଇସିସି। ଶାନ ମାସୁଦଙ୍କ ନେତୃତ୍ୱାଧୀନ ପାକିସ୍ତାନ ମ୍ୟାଚ୍‌ରେ ୬ ଓଭର ପଛରେ ରହିଥିଲା। ଏଥିପାଇଁ ଆଇସିସି ଦଳର ୬ ଡବ୍ଲ୍ୟୁଟିସି ପଏଣ୍ଟ କାଟି ଦେଇଛି। ଏହାବାଦ ପାକିସ୍ତାନ ଖେଳାଳିଙ୍କ ମ୍ୟାଚ୍ ଫି ମଧ୍ୟ ୩୦% କଟା ଯାଇଛି। ଧୀମା ଓଭର ରେଟ ଅପରାଧକୁ ଶାନ ମାସୁଦ ସ୍ୱୀକାର କରିବା ସହ ଆଇସିସି ନେଇଥିବା ପଦକ୍ଷେପକୁ ଗ୍ରହଣ କରି ନେଇଛନ୍ତି।



## ମ୍ୟାଚ୍ ଫି ସହ ହରାଇଲା ପଏଣ୍ଟ

ଅନ୍ୟପକ୍ଷରେ ପ୍ରଥମଥର ପାଇଁ ପାକିସ୍ତାନକୁ କୌଣସି ଟେଷ୍ଟ ମ୍ୟାଚ୍‌ରେ ହରାଇ ଇତିହାସ ରଚିଥିବା ବାଂଲାଦେଶ ମଧ୍ୟ ଧୀମା ଓଭର ରେଟ ପାଇଁ ଦଣ୍ଡିତ ହୋଇଛି। ଦଳର ୩ ଡବ୍ଲ୍ୟୁଟିସି ପଏଣ୍ଟ କାଟ କରାଯିବା ସହ ୧୫% ମ୍ୟାଚ ଫି କଟାଯାଇଛି। ପଏଣ୍ଟ କାଟଛାଣ୍ଟ ପରେ ପାକିସ୍ତାନ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପର ପଏଣ୍ଟ ଟେବୁଲର ୮ମ ସ୍ଥାନରେ ରହିଥିବା ବେଳେ ବାଂଲାଦେଶ ସପ୍ତମକୁ ଖସିଛି ଦକ୍ଷିଣ ଆଫ୍ରିକା। ଏଥିଯୋଗୁ ଫାଇଦା ହାସଲ କରି ୬ଷ୍ଠକୁ ଉଠିଛି।

ଏହାବାଦ ବାଂଲାଦେଶର ଷ୍ଟାର ଅଲରାଉଣ୍ଡର ସାକିବ ଅଲ ହାସନଙ୍କ ମ୍ୟାଚ୍ ଫି ଅତିରିକ୍ତ ଭାବେ ୧୦% କଟା ଯାଇଛି। ସେ ଆଇସିସି ଆଚରଣ ବିଧିର ଲେଭଲ ୧କୁ ଉଲ୍ଲଙ୍ଘନ କରିଥିବାରୁ ତାଙ୍କୁ ଗୋଟିଏ ଡିମେରିଟ ପଏଣ୍ଟ ବି ମିଳିଛି। ମ୍ୟାଚ୍‌ର ୩୩ତମ ଓଭରରେ ସାକିବ ବିପଦ ଜନକ ଭାବେ ବଲକୁ ବ୍ୟାଟିଂ କରୁଥିବା ମହମ୍ମଦ ରିଜାନଙ୍କ ଉପରକୁ ଫିଙ୍ଗି ଥିବାରୁ ଆଇସିସି ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

# ବାସନ୍ଦ ହେବେ ସାକିବ

ଢାକା, ୨୬।୮(ଏଜେନ୍ସି): ବାଂଲାଦେଶର ଷ୍ଟାର ଅଲରାଉଣ୍ଡର ସାକିବ ଅଲ ହାସନଙ୍କ ଅଡୁଆ ବଢ଼ିଛି। ବର୍ତ୍ତମାନ ପାକିସ୍ତାନରେ ବାଂଲାଦେଶ ପାଇଁ ଟେଷ୍ଟ ସିରିଜ ଖେଳୁଥିବା ସାକିବଙ୍କୁ ବ୍ୟାନ କରିବା ପାଇଁ ବାଂଲାଦେଶ କ୍ରିକେଟ ବୋର୍ଡ ପାଖକୁ ଯାଇଛି। ଗୋଟିଏ ଆଇନଗତ ନୋଟିସ। କିଛି ଦିନ ତଳେ ସାକିବଙ୍କ ନାଁରେ ବାଂଲାଦେଶ ପୁଲିସ୍ ହତ୍ୟା ମାମଲା ରୁଜୁ କରିଥିଲା। ଏଥିପାଇଁ ତାଙ୍କୁ ତୁରନ୍ତ କ୍ରିକେଟର ସବୁ ଫର୍ମାଟରୁ ବ୍ୟାନ କରାଯାଉ ବୋଲି ନୋଟିସରେ କୁହାଯାଇଛି।

## ● ବାଂଲାଦେଶ କ୍ରିକେଟ ବୋର୍ଡ ପାଖକୁ ନୋଟିସ
## ● ହତ୍ୟା ମାମଲାରେ ସାକିବ ୨୭ତମ ଅଭିଯୁକ୍ତ

ଅଗଷ୍ଟ ୭ରେ ବାଂଲାଦେଶରେ ଦେଖା ଦେଇଥିବା ହିଂସାରେ ରୁବେଲ ନାମକ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିଲା। ତାଙ୍କ ବାପା ରଫିକୁଲ ଇସଲାମ ଏନେଇ ସାକିବଙ୍କ ବିରୋଧରେ ହତ୍ୟା ଅଭିଯୋଗ ଆଣିଥିଲେ। ତାଙ୍କ ଅଭିଯୋଗକୁ ଆଧାର କରି ପୁଲିସ୍ ସାକିବଙ୍କ ନାଁରେ ହତ୍ୟା ମାମଲା ରୁଜୁ କରିଥିବା ଢାକା ଟ୍ରିବ୍ୟୁନରେ ଖବର ପ୍ରକାଶ ପାଇଛି।

ଅଦାବୋରରେ ଥିବା ରିଙ୍ଗ ରୋଡରେ ଆୟୋଜିତ ରାଲିରେ ରୁବେଲ ସାମିଲ ହୋଇଥିଲେ। ଏହି ସମୟରେ ରୁବେଲଙ୍କ ଛାତି ଓ ତଳି ପେଟରେ ଗୁଳି ମାଡ଼ ହେବାରୁ ତାଙ୍କୁ ହସ୍ପିଟାଲ ନିଆ ଯାଇଥିଲା। କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ଘଟଣା ପଛରେ ସାକିବ ଥିବା ରୁବେଲଙ୍କ ବାପା ଅଭିଯୋଗ କରିଥିଲେ।

ଏନେଇ ସେ ଢାକା ପୁଲିସ୍ ଷ୍ଟେସନରେ ସାକିବଙ୍କ ସମେତ ଅନେକ ଲୋକଙ୍କ ନାଁରେ ଏଫଆଇଆର ଦେଇଥିଲେ। ପୁଲିସ୍ ରୁଜୁ କରିଥିବା ମାମଲରେ ସାକିବ ହେଉଛନ୍ତି ୨୮ମ ଅଭିଯୁକ୍ତ। ସେହିପରି ବାଂଲାଦେଶ ଅଭିନେତା ଫେରଡସ ଅହମଦଙ୍କୁ ୫୫ତମ ଅଭିଯୁକ୍ତ ଭାବେ ଦର୍ଶା ଯାଇଛି। ଉଭୟ ଶେଖ ହସିନାଙ୍କ ଆବାମୀ ଲିଗର ସାଂସଦ ରହିଥିଲେ। ପୁଲିସ ମୋଟ ୧୫୫ ଜଣଙ୍କ ନାଁରେ ମାମଲା କରିଛି। ଏଥିରେ ସାକିବଙ୍କ



ସମେତ ଶେଖ ହସିନାଙ୍କ ନାଁ ମଧ୍ୟ ରହିଛି। ସାକିବ ବର୍ତ୍ତମାନ ପାକିସ୍ତାନ ବିପକ୍ଷ ୨ ଟିକିଆ ଟେଷ୍ଟ ସିରିଜ ଖେଳିବାକୁ ରାଲପିଣ୍ଡିରେ ରହିଛନ୍ତି। ପ୍ରଥମ ଟେଷ୍ଟରେ ବାଂଲାଦେଶ ଐତିହାସିକ ବିଜୟ ହାସଲ କରିଥିବା ବେଳେ ସାକିବ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ୩୦ ତାରିଖରୁ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଆରମ୍ଭ ହେବ। କିନ୍ତୁ ରଫିକୁଲଙ୍କ ଓକିଲ ଟେଷ୍ଟ ସିରିଜ ଅଧାରୁ ସାକିବଙ୍କୁ ବ୍ୟାନ କରିବା ପାଇଁ ଦାବି କରିଛନ୍ତି।ଏନେଇ ସେ ବାଂଲାଦେଶ କ୍ରିକେଟ ବୋର୍ଡକୁ ଗୋଟିଏ ଲିଗାଲ ନୋଟିସ ଜାରି କରିଛନ୍ତି। ଆଇନଜୀବୀ ଜଣଙ୍କ ନୋଟିସରେ ସାକିବଙ୍କୁ ତୁରନ୍ତ କ୍ରିକେଟର ଅଲଫର୍ମାଟରେ ବ୍ୟାନ କରିବାକୁ କହିଛନ୍ତି। ଆଇନଜୀବୀ ନୋଟିସ ପଠାଇଥିଲେ ହେଁ ଏହା ପହଞ୍ଚି ନଥିବା ବାଂଲାଦେଶ କ୍ରିକେଟ ବୋର୍ଡ ସଭାପତି ଫାରୁକି ଅହମଦ କହିଛନ୍ତି ଏଥିସହ ସାକିବଙ୍କ ଉପରେ ଖୁବଶୀଘ୍ର ନିଷ୍ପତ୍ତି ନିଆଯିବ ବୋଲି ସେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ମୁଁ ଆପଣମାନଙ୍କୁ ସାକିବଙ୍କ ସମ୍ପର୍କରେ କହୁଛି ଗୋଟିଏ ମାମଲା ହୋଇଛି ଆମେ ଏଯାଏ କୌଣସି ଲିଗାଲ ନୋଟିସ ପାଇ ନାହୁଁ ଏଫଆଇଆର ପଞ୍ଜୀକୃତ ହୋଇଛି ଓ ପରବର୍ତ୍ତୀ ଅବସ୍ଥାରେ ତଦନ୍ତ ହେବ।ତଦନ୍ତ ପରେ ମାମଲା ଗୋଟିଏ ଦିଗରେ କିମ୍ବା ଅନ୍ୟ ଦିଗରେ ଯିବ ଆମେ ବର୍ତ୍ତମାନ ପାକିସ୍ତାନ ବିପକ୍ଷ ପ୍ରଥମ ଟେଷ୍ଟ ଶେଷ ହୋଇଛି ଦ୍ୱିତୀୟ ଟେଷ୍ଟ ପୂର୍ବରୁ ଆମେ ବସିବୁ ଓ ନିଷ୍ପତ୍ତି ନେବୁ ଦ୍ୱିତୀୟ ଟେଷ୍ଟ ପୂର୍ବରୁ ସବୁ କିଛି ସ୍ପଷ୍ଟ ହେବ।



# ଓଡ଼ିଆ ଝିଅ ତନ୍‌ଭୀ ଏସୀୟ ବିଜୟିନୀ

ଭୁବନେଶ୍ୱର, ୨୬।୮: ଓଡ଼ିଆ ଝିଅ ତନ୍‌ଭୀ ପତ୍ରୀ ରାଜ୍ୟ ଓ ଦେଶ ପାଇଁ ଗୌରବ ଆଣିଛନ୍ତି। ସେ ଚୀନ୍‌ର ଚେଙ୍ଗଡୁରେ ଆୟୋଜିତ ଏସୀୟ କନିଷ୍ଠ (୧୫ ଓ ୧୭ ବର୍ଷରୁ କମ୍) ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ରବିବାର ୧୫ ବର୍ଷରୁ କମ୍ ବର୍ଗ ବାଳିକା ଏକକ ଫାଇନାଲ୍‌ରେ ଶୀର୍ଷ ମାନ୍ୟତାପ୍ରାପ୍ତ ତନଭୀ ୨୨-୨୦, ୨୧-୧୧ରେ ଦ୍ୱିତୀୟ ମାନ୍ୟତାପ୍ରାପ୍ତ ଭିଏତନାମର ଏନ୍‌ଗୁୟେଁ ଥି ଥୁ ହୁୟେଁଙ୍କୁ ପରାସ୍ତ କରିଛନ୍ତି। ଫାଇନାଲ୍ ମ୍ୟାଚ୍ ମାତ୍ର ୩୪ ମିନିଟ୍‌ରେ ଶେଷ ହୋଇଥିଲା। ଏଥିସହ ଏହି ୧୩ ବର୍ଷୀୟା ଓଡ଼ିଆ ଝିଅ ତୃତୀୟ ଭାରତୀୟ ଭାବେ ୧୫ ବର୍ଷରୁ କମ୍ ବର୍ଗ ବାଳିକା ଏକକ ଟ୍ରଫି ଜିତିବାର ଗୌରବ ପାଇଛନ୍ତି। ତାଙ୍କ ପୂର୍ବରୁ ସମିୟା ଇମାଦ ଫାରୁକି (୨୦୧୭) ଏବଂ ତସ୍ନିମ ମୀର (୨୦୧୯) ଟ୍ରଫି ଜିତିଥିଲେ। ପ୍ରତିଯୋଗିତାରେ ଭାରତର ଏହା ଦ୍ୱିତୀୟ ପଦକ। ଜ୍ଞାନ ଦତ୍ତୁ ଟିଟି ୧୭ ବର୍ଷରୁ କମ୍ ବାଳକ ଏକକରେ କାଂସ୍ୟ ପାଇଥିଲେ। ଦ୍ୱିତୀୟ ମାନ୍ୟତାପ୍ରାପ୍ତ ଜ୍ଞାନ ସେମିଫାଇନାଲ୍‌ରେ କଡ଼ା ସଂଘର୍ଷ କରି ଇଣ୍ଡୋନେସିଆର ରାଦିତ୍ୟା ବାୟୁ ଓ୍ୱାର୍ଧାନାଙ୍କଠୁ ୨୧-୯, ୧୩-୨୧, ୧୩-୨୧ରେ ହାରି ଫାଇନାଲ୍‌ରୁ ବଞ୍ଚିତ ହୋଇଥିଲେ।

# ୪୩୦ କୋଟି ଛାଡ ପାଇଁ ଆଇସିସି ସହ କଥା ହେବ ଷ୍ଟାର ସ୍ପୋର୍ଟ୍ସ

ମୁମ୍ବାଇ: ବ୍ରଡକାଷ୍ଟର ଷ୍ଟାର ସ୍ପୋର୍ଟସ ପାଇଁ ଟି -୨୦ ବିଶ୍ୱକପ ୨୦୨୪ ଆଦୌ ଭଲ ନଥିଲା। ଷ୍ଟାର ସ୍ପୋର୍ଟ୍ସ ପକ୍ଷରୁ କୁହାଯାଇଛି ଯେ ଚଳିତ ଡ-୨୦ ବିଶ୍ୱକପରେ କମ୍ପାନୀ ସର୍ବାଧିକ କ୍ଷତି ସହିଛି। ଏନେଇ ଡିସନି ଷ୍ଟାର ଆଇସିସି ସହିତ ଏହାର ପ୍ରସାରଣ ଚୁକ୍ତି ବିଷୟରେ ପୁନଃ ଆଲୋଚନା କରିବାକୁ ଚାହୁଁଛି, ଯାହାକି କିଛି ବର୍ଷ ପୂର୍ବେ ସ୍ୱାକ୍ଷରିତ ହୋଇଥିଲା। ଆଇସିସି ଏବଂ ଷ୍ଟାର ମଧ୍ୟରେ ୩ ବିଲିୟନ ଡଲାରର ଚୁକ୍ତି ଆମେରିକା ଏବଂ ଓ୍ୱେଷ୍ଟଇଣ୍ଡିଜରେ ଅନୁଷ୍ଠିତ ଟି -୨୦ ବିଶ୍ୱକପ ପାଇଁ ସ୍ୱାକ୍ଷରିତ ହୋଇଥିଲା। ବର୍ତ୍ତମାନ 'କ୍ରିକବଜ୍'ର ଏକ ରିପୋର୍ଟରେ ଦର୍ଶାଯାଇଛି ଯେ ବ୍ରଡକାଷ୍ଟର ମୂଲ୍ୟ ଉପରେ ରିହାତି ଦାବି କରୁଛନ୍ତି। ରିପୋର୍ଟ ଅନୁଯାୟୀ, ଷ୍ଟାର ସ୍ପୋର୍ଟ୍ସ ପକ୍ଷରୁ ଆଇସିସିକୁ ଦୁଇଟି ଚିଠି ଲେଖାଯାଇଛି ଏବଂ ଗତ ମାସରେ କଲମ୍ବୋରେ ଆୟୋଜିତ ବାର୍ଷିକ ସମ୍ମିଳନୀରେ ଏହି ବିଷୟରେ ଆଲୋଚନା କରାଯାଇଥିଲା।ବର୍ତ୍ତମାନର ଆଇସିସି ଅଧ୍ୟକ୍ଷ ଗ୍ରେଗ ବାରକଲେ ମଧ୍ୟ ଅଧିକାରୀଙ୍କ ସହ ଏ ବାବଦରେ ଆଲୋଚନା କରିଥିଲେ। ତେବେ ଚୂଡ଼ାନ୍ତ ନିଷ୍ପତ୍ତି ବୋର୍ଡ ଉପରେ ନିର୍ଭର କରିବ।




ରିପୋର୍ଟରେ ଦର୍ଶାଯାଇଛି ଯେ ବିଭିନ୍ନ କାରଣରୁ ଷ୍ଟାର ବିଶ୍ୱକପରେ ୧୦୦ ମିଲିୟନ ଡଲାରରୁ ଅଧିକ (ପ୍ରାୟ ୮୩୦ କୋଟି ଟଙ୍କା) ରିହାତି ଦାବି କରୁଛି। ଏହି ଛାଡ ଦାବି କରିବାର ମୁଖ୍ୟ କାରଣ ହେଉଛି ଫ୍ଲୋରିଡାଠାରେ ଭାରତ ଏବଂ କାନାଡା ମଧ୍ୟରେ ମ୍ୟାଚ ବାତିଲ ହୋଇଯାଇଥିଲା। ଭାରତ-କାନାଡା ବ୍ୟତୀତ ଇଂଲଣ୍ଡ ବନାମ ସ୍କଟଲ୍ୟାଣ୍ଡ, ଆମେରିକା ବନାମ ଆୟର୍ଲାଣ୍ଡ ଏବଂ ଶ୍ରୀଲଙ୍କା ବନାମ ନେପାଳ ଭଳି କିଛି ମ୍ୟାଚ ମଧ୍ୟ ବାତିଲ କରାଯାଇଥିଲା।କେବଳ ଏତିକି ନୁହେଁ ଆଫଗାନିସ୍ତାନ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ କମ୍ ସ୍କୋରିଂ ସେମିଫାଇନାଲ ମ୍ୟାଚକୁ ନେଇ ମଧ୍ୟ ଷ୍ଟାର ସ୍ପୋର୍ଟ୍ସ ପକ୍ଷରୁ ଉଦ୍‌ବେଗ ପ୍ରକାଶ କରାଯାଇଥିଲା, ଯେଉଁଠାରେ ଆଫଗାନିସ୍ତାନ ୫୬ ରନରେ ଆଉଟ୍ ହୋଇଥିଲା ଏବଂ ତାପରେ ଆଫ୍ରିକା ମାତ୍ର ୯ ଓଭରରେ ଲକ୍ଷ୍ୟ ହାସଲ କରି ଜିତିଥିଲା। ଆଉ କମ୍ପାନୀ ପକ୍ଷରୁ କୁହାଯାଇଛି ଯେ ଏସବୁ କାରଣରୁ ବିପୁଳ କ୍ଷତି ହୋଇଥିଲା।

# ଜେଟଲୀଙ୍କ ପୁଅ ହେବେ ପରବର୍ତ୍ତୀ ବିସିସିଆଇ ସମ୍ପାଦକ !

ନୂଆଦିଲ୍ଲୀ, ୨୬।୮: ବର୍ତ୍ତମାନ ବିସିସିଆଇ ସମ୍ପାଦକ ଭାବେ କାର୍ଯ୍ୟ କରୁଥିବା ଜୟ ଶାହ ଖୁବଶୀଘ୍ର ଆଇସିସିର ଅଧ୍ୟକ୍ଷ ହୋଇପାରନ୍ତି। ଗ୍ରେଗ ବାର୍କଲେଙ୍କ କାର୍ଯ୍ୟକାଳ ଶେଷ ହେବା ପରେ ଜୟ ଶାହ ଏହି ପଦକ ସମ୍ଭାଳିବେ ବୋଲି ଏକାଧିକ ରିପୋର୍ଟ ପ୍ରକାଶ ପାଇଛି।

ଆଇସିସି ଅଧ୍ୟକ୍ଷ ପଦ ରେସରେ ସାମିଲ ହେବାକୁ ଜଣେ ଆଶାୟୀଙ୍କୁ ପ୍ରୋପଜର ଓ ସେକେଣ୍ଡରର ଆବଶ୍ୟକତା ରହିଛି।ଇଂଲଣ୍ଡ ଓ ଅଷ୍ଟ୍ରେଲିଆ। ଖୋଲାଖୋଲି ଭାବେ ଶାହଙ୍କୁ ସମର୍ଥନ କରିବେ।ତେଣୁ ସେ ଆଇସିସିର ଅଧ୍ୟକ୍ଷ ହେବା ଏକ ପ୍ରକାରର ନିଶ୍ଚିତ ହୋଇଛି।

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ପୁଅ ହେଉଛନ୍ତି ଜୟ ଶାହ। ସେ ଆଇସିସି ଅଧ୍ୟକ୍ଷ ହୋଇଗଲେ ବିସିସିଆଇ ସମ୍ପାଦକ କିଏ ହେବେ, ତାକୁ ନେଇ ମାନସମନ୍ଥନ ଆରମ୍ଭ ହୋଇଛି।ଜାତୀୟ ଗଣମାଧ୍ୟମର ରିପୋର୍ଟ ଅନୁସାରେ, ଯଦି ଜୟ ଶାହ ଆଇସିସି ଚେୟାରମ୍ୟାନ ହେଉଛନ୍ତି, ତାହେଲେ ରୋହନ ଜେଟଲୀ ବିସିସିଆଇର ସମ୍ପାଦକ



ହୋଇ ପାରନ୍ତି। ରୋହନ ହେଉଛନ୍ତି ଦିବଙ୍ଗତ ବିଜେପି ନେତା ଅରୁଣ ଜେଟଲୀଙ୍କ ପୁଅ। ସେ ଏବେ ଦିଲ୍ଲୀ ଓ ଡିଷ୍ଟ୍ରିକ କ୍ରିକେଟ ଆସୋସିଏସନର ସଭାପତି ରହିଛନ୍ତି।ତେଣୁ ତାଙ୍କୁ ବିସିସିଆଇର ଗୁରୁ ଦାୟିତ୍ୱ ଦିଆଯିବ ବୋଲି ଜଣାପଡ଼ିଛି।

ଆଇସିସି ଅଧ୍ୟକ୍ଷ ପ୍ରତ୍ୟେକ ଦୁଇ ବର୍ଷ ଲେଖାଏ ତିନି ଟର୍ମ ପାଇଁ କାର୍ଯ୍ୟଭାର ସମ୍ଭାଳନ୍ତି। ନ୍ୟୁଜିଲ୍ୟାଣ୍ଡର ଗ୍ରେଗ ବାର୍କଲେ ୨୦୨୦ରେ ଆଇସିସିର ଅଧ୍ୟକ୍ଷ ଭାବରେ ନିଯୁକ୍ତ ହୋଇଥିଲେ। ୨୦୨୨ରେ ମଧ୍ୟ ପୁନର୍ବାର ତାଙ୍କୁ ଦାୟିତ୍ୱମିଳିଥିଲା।ଚଳିତ ବର୍ଷ ନଭେମ୍ବରରେ ତାଙ୍କର ଚାରି ବର୍ଷର କାର୍ଯ୍ୟକାଳ ଶେଷ ହେବ କିନ୍ତୁ ସେ ତୃତୀୟ ଥର ପାଇଁ ଆଇସିସି ଅଧ୍ୟକ୍ଷ ପଦ ପାଇଁ ନିର୍ବାଚନ ଲଢିବେ ନାହିଁ ବୋଲି ମନା କରି ଦେଇଛନ୍ତି।

ଫଳରେ ନୂଆର ଅଧ୍ୟକ୍ଷ ପାଇଁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦକୁ ନିର୍ବାଚନ କରିବାକୁ ପଡ଼ିବ। ଯଦି ଏକାଧିକ ବ୍ୟକ୍ତି ନାମାଙ୍କନ ଦାଖଲ କରନ୍ତି, ତେବେ ନିଶ୍ଚିତ ରୂପେ ନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ନାମାଙ୍କନ ଭରିବାର ଶେଷ ତାରିଖ ଅଗଷ୍ଟ ୨୭ ରହିଛି।ଆଇସିସି ନିୟମ ଅନୁସାରେ, ଚେୟାରମ୍ୟାନ୍ ନିର୍ବାଚନରେ ୧୬ଟି ଭୋଟ୍ ରହିଛି। ପୂର୍ବରୁ ଅଧ୍ୟକ୍ଷ ହେବାକୁ ହେଲେ ଦୁଇ ତୃତୀୟାଂଶ ସଂଖ୍ୟାଗରିଷ୍ଠତା ହାସଲ କରିବାକୁ ପଡୁଥିଲା। ବର୍ତ୍ତମାନ କିନ୍ତୁ ବିଜୟ ହେବା ପାଇଁ ପ୍ରାର୍ଥୀଙ୍କୁ ନଅଟି ଭୋଟ୍ ଅର୍ଥାତ ୫୧% ସମର୍ଥନ ସହ ସଂଖ୍ୟାଗରିଷ୍ଠତା ଆବଶ୍ୟକ।

ଯଦି ଜୟ ଶାହ ଏଥିପାଇଁ ନାମାଙ୍କନ ଭରନ୍ତି, ତେବେ ସେ ଅଧ୍ୟକ୍ଷ ହୋଇପାରନ୍ତି ବୋଲି ଚର୍ଚ୍ଚା ହେଉଛି। କାରଣ ଭୋଟ୍ ଦେବାକୁ ଥିବା ୧୬ଜଣ ସଦସ୍ୟଙ୍କ ସହ ତାଙ୍କର ଭଲ ସମ୍ପର୍କ ରହିଛି। ଶାହ ମାତ୍ର ୩୫ ବର୍ଷ ବୟସରେ ଆଇସିସି ଅଧ୍ୟକ୍ଷ ହେବାର ରେକର୍ଡ କରିବେ। ସେ ସବୁଠାରୁ କନିଷ୍ଠ ବ୍ୟକ୍ତି ଭାବେ କ୍ରିକେଟର ସବୁଠାରୁ ବଡ଼ ସଂସ୍ଥାର ମୁଖ୍ୟ ହେବେ।ଏହାବାଦ ଶାହ ୫ମ ଭାରତୀୟ ଭାବେ ଏହି ପଦରେ ଅଳଙ୍କୃତ କରିବେ ଏହା ପୂର୍ବରୁ ଜଗମୋହନ ଡାଲମିଆ, ଶରଦ ପାଓ୍ୱାର, ଏନ ଶ୍ରୀନିବାସନ ଓ ଶଶାଙ୍କ ମନୋହର ଆଇସିସିର ମୁଖ୍ୟ ପଦରେ ରହିଥିଲେ।

# କୋହଲି ବଡ଼ ଭୁଲ୍ କରିଦେଇଛନ୍ତି : ବାଙ୍ଗର

ନୂଆଦିଲ୍ଲୀ, ୨୬।୮: ଷ୍ଟାର କ୍ରିକେଟ୍ ଖେଳାଳି ବିରାଟ କୋହଲି ପରିସଂଖ୍ୟାନ ଆଧାରରେ ଭାରତୀୟ କ୍ରିକେଟ ଦଳର ସବୁଠାରୁ ସଫଳ ଟେଷ୍ଟ ଅଧିନାୟକ। ତାଙ୍କୁ ନେଇ ଟିମ ଇଣ୍ଡିଆର ପୂର୍ବତନ ବ୍ୟାଟିଂ କୋଚ ଥିବା ସଞ୍ଜୟ ବାଙ୍ଗର ଏକ ବଡ଼ ବିବୃତ୍ତି ଦେଇଛନ୍ତି।ବିରାଟ ଅଧିନାୟକତ୍ୱ ଛାଡି ବହୁତ ବଡ଼ ଭୁଲ କରିଛନ୍ତି ବୋଲି ସେ କହିଛନ୍ତି।

ସଞ୍ଜୟ ବଙ୍ଗର କହିଛନ୍ତି, ମୁଁ ବ୍ୟକ୍ତିଗତ ଭାବେ ଭାବୁଛି ଯେ, ବିରାଟ କୋହଲି ଅନ୍ତତଃ ପକ୍ଷେ ଟେଷ୍ଟ ଦଳର ଅଧିନାୟକ ହେବା ଉଚିତ। ସେ ୬୫ ରୁ ଅଧିକ ଟେଷ୍ଟ ମ୍ୟାଚରେ ଭାରତର ଅଧିନାୟକତ୍ୱ କରିଛନ୍ତି।ତେଣୁ ସେ ଟେଷ୍ଟ ଅଧିନାୟିକ୍ ଜାରି ରଖିବାର ଥିଲା ସେ ଦାୟିତ୍ୱ ଛାଡିବାର ନ ଥିଲା। ୨୦୨୨ରେ ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ ସିରିଜ ପରେ ବିରାଟ ଅଧିନାୟକତ୍ୱ ଛାଡିଥିଲେ ତାଙ୍କ ଅଧୀନରେ ଭାରତ ଆଜି ପର୍ଯ୍ୟନ୍ତ ସର୍ବାଧିକ ୪୦ ଟେଷ୍ଟ ମ୍ୟାଚ ଜିତିଥିଲା।

ବିରାଟ କୋହଲିଙ୍କ ମାନସିକତା ଦଳକୁ ଯଥାସମ୍ଭବ ବିଦେଶରେ ଜିତିବାରେ ସାହାଯ୍ୟ କରିଥାନ୍ତା ବୋଲି ବାଙ୍ଗର କହିଛନ୍ତି। କାରଣ ସେହି ସମୟରେ ଭାରତ ଘରୋଇ ପଡ଼ିଆରେ ପ୍ରାଧାନ୍ୟ ବିସ୍ତାର କରିଆସୁଥିଲା। ପୂର୍ବତନ ବ୍ୟାଟିଂ ପ୍ରଶିକ୍ଷକ କହିଛନ୍ତି, ଘରୋଇ ପଡ଼ିଆରେ ଅନୁଷ୍ଠିତ ମ୍ୟାଚ୍‌ରେ ୭୫ ପ୍ରତିଶତରୁ ଅଧିକ ମ୍ୟାଚରେ ଜିତିବ ବୋଲି ଭାରତୀୟ ଦଳ ନିଶ୍ଚିତ ଏହି କାରଣରୁ କୋହଲି ଚାହୁଁଥିଲେ ଯେ, ଭାରତ ବିଦେଶୀ ପିଚରେ ଭଲ ପ୍ରଦର୍ଶନ କରିବ। ବିରାଟ କୋହଲି ତାଙ୍କ କ୍ୟାରିୟରରେ ୬୮ଟି ଟେଷ୍ଟ ମ୍ୟାଚରେ ଭାରତର ଅଧିନାୟକତ୍ୱ କରିଥିଲେ, ଯେଉଁଥିରୁ ଦଳ ୪୦ଥର ଜିତିଥିଲା ଏମଏସ ଧୋନୀ ଏବଂ ସୌରଭ ଗାଙ୍ଗୁଲିଙ୍କ ତୁଳନାରେ ତାଙ୍କର ବିଜୟ ପ୍ରତିଶତ ବହୁତ ଭଲ। ୨୦୧୪/୨୦୧୫ ଅଷ୍ଟ୍ରେଲିଆ। ଗସ୍ତ ସମୟରେ କୋହଲି ପ୍ରଥମ ଥର ପାଇଁ ଟିମ ଇଣ୍ଡିଆର ଦାୟିତ୍ୱ ନେଇଥିଲେ ଏହା ପରେ ସେ ଜଣେ ଅଧିନାୟକ ଭାବରେ ହାରାହାରି ୫୪.୮୦ରେ ଭାରତ ପାଇଁ ୫,୮୬୪ ରନ ସ୍କୋର କରିଛନ୍ତି।

# ସଚିନ, ଧୋନୀ ଓ ବିରାଟ ମୋ ପସନ୍ଦର ଆଥଲେଟ୍ : ମନୁ

ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ରେ ଭାରତ ପାଇଁ ଦୁଇଟି ବ୍ରୋଞ୍ଜ ପଦକ ଜିତିଥିଲେ ମନୁ ଭାକର ସେବେଠାରୁ ସେ ଚର୍ଚ୍ଚାରେ ଅଛନ୍ତି ନିକଟରେ ଏକ ମିଡିଆ। ସାକ୍ଷାତକାରରେ ମନୁ ସେହି କ୍ରିକେଟରଙ୍କ ନାମ ପ୍ରକାଶ କରିଛନ୍ତି ଯାହାଙ୍କ ସହ ସେ ଏକ ଘଣ୍ଟା ବିତାଇ ବହୁତ ଖୁସି ହେବେ।

ଏହି ସାକ୍ଷାତକାରରେ ମନୁ ଭାକରଙ୍କୁ ପଚରାଯାଇଥିଲା ଯେ ତାଙ୍କର ପ୍ରିୟ ଆଥଲେଟ କିଏ ? ଏହାର ପ୍ରତିକ୍ରିୟାରେ ମନୁ ଭାକର କହିଛନ୍ତି, ମୁଁ ଏହିପରି ଅନେକ ନାମ ନେଇପାରେ ମୁଁ ଜାମାଇକା ସ୍ପ୍ରିଣ୍ଟର୍ ଉସେନ ବୋଲ୍ଟଙ୍କ ପୁସ୍ତକ ଅନେକ ଥର ପଢିଛି ଏବଂ ତାଙ୍କର ଯାତ୍ରା କିପରି ହୋଇଛି ତାହା ମଧ୍ୟ ମୋର ଧାରଣା ଅଛି ମୁଁ ତାଙ୍କର ଅନେକ ସାକ୍ଷାତକାର ମଧ୍ୟ ଦେଖିଛି।

ମନୁ ତାଙ୍କର ପ୍ରିୟ ଭାରତୀୟ ଆଥଲେଟ୍‌ଙ୍କ ବିଷୟରେ ଉଲ୍ଲେଖ କରି କହିଛନ୍ତି, ସଚିନ ତେନ୍ଦୁଲକର, ଏମଏସ ଧୋନୀ ଏବଂ ବିରାଟ କୋହଲି ତାଙ୍କର ପ୍ରିୟ ଆଥଲେଟ ଅଟନ୍ତି।ସଚିନ, ଧୋନୀ କିମ୍ବା ବିରାଟଙ୍କ ସହ ଏକ ଘଣ୍ଟା ବିତାଇବା ତାଙ୍କ ପାଇଁ ଗୌରବର ବିଷୟ। ଗତ ଦୁଇଟି ଅଲିମ୍ପିକ୍ସରେ ନୀରଜ ଚୋପ୍ରା ମଧ୍ୟ ଅଂଶଗ୍ରହଣ କରିଛନ୍ତି।ମନୁ ଭାକର ମଧ୍ୟ ତାଙ୍କର ଜଣେ ଭଲ ବନ୍ଧୁ। କିନ୍ତୁ ମନୁ ନୀରଜଙ୍କୁ ତାଙ୍କର ପ୍ରିୟ ଭାରତୀୟ ଆଥଲେଟ୍‌ଙ୍କ ମଧ୍ୟରେ ସ୍ଥାନ ଦେଇନାହାଁନ୍ତି।କିଛି ଦିନ ପୂର୍ବରୁ ଉଭୟଙ୍କ ଏକ ଭିଡିଓ ମଧ୍ୟ ଭାଇରାଲ ହୋଇଥିଲା। ଏହାପରେ ସେମାନଙ୍କ ବିବାହର ଗୁଜବ ବ୍ୟାପିବାରେ ଲାଗିଥିଲା।

# ଆଇପିଏଲ୍ : ଧାଓ୍ୱନଙ୍କ ସ୍ଥାନ ନେବେ ରୋହିତ !

ନୂଆଦିଲ୍ଲୀ, ୨୬।୮: ଇଣ୍ଡିଆନ ପ୍ରିମିୟର ଲିଗ ୨୦୨୫ ପୂର୍ବରୁ ଏକ ଗୁରୁତ୍ୱପୂର୍ଣ୍ଣ ଖବର ସାମ୍ନାକୁ ଆସିଛି। ମେଗା ନିଲାମରେ ରୋହିତ ଶର୍ମାଙ୍କୁ ଦେଖିବାକୁ ମିଳିପାରେ। ଯଦି ମୁମ୍ବାଇ ଇଣ୍ଡିଆନ୍ସ ତାଙ୍କୁ ମୁକ୍ତ କରେ ତେବେ ପଞ୍ଜାବ କିଙ୍ଗସ ତାଙ୍କୁ ଯେକୌଣସି ମୂହୁର୍ତ୍ତରେ କିଣିବାକୁ ଚାହିଁବ। ଶିଖର ଧାଓ୍ୱନଙ୍କ ଅବସର ପରେ ପଞ୍ଜାବ ପାଖରେ ଅଧିନାୟକ ନାହାଁନ୍ତି। ତେଣୁ ସେ ରୋହିତଙ୍କୁ କିଣିବାକୁ ଚାହୁଁଥିବା କୁହାଯାଉଛି।ରୋହିତଙ୍କ ବିଷୟରେ ପଞ୍ଜାବ ଅନେକ ସୂଚନା ଦେଇଛି। ଏହି ଟିମ ନିକଟରେ ଏକ୍ସରେ ଏକ ପୋଷ୍ଟ ଶେୟାର କରିଛି ସେବେଠାରୁ ମାହୋଲ ଅଧିକ ଗରମ ରହିଛି।ମୁମ୍ବାଇ ଆଇପିଏଲ ୨୦୨୪ରେ ରୋହିତଙ୍କୁ ଅଧିନାୟକତ୍ୱରୁ ହଟାଇ ତାଙ୍କ ସ୍ଥାନରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଦାୟିତ୍ୱ ଦେଇଥିଲା। ଏହାକୁ ରୋହିତ ଏବଂ ତାଙ୍କ ପ୍ରଶଂସକମାନେ ପସନ୍ଦ କରିନଥିଲେ। ରୋହିତଙ୍କୁ ଅଧିନାୟକ ପଦରୁ ହଟାଇବା ବିଷୟରେ ପୂର୍ବରୁ କୌଣସି ସୂଚନା ଦିଆଯାଇ ନ ଥିଲା।ତେଣୁ ଏହା ସମ୍ଭବ ଯେ ରୋହିତ ଏଥର ଦଳ



ଛାଡିପାରନ୍ତି। ରୋହିତଙ୍କ ବିଷୟରେ ଗୁଜବ ପ୍ରଚାରିତ ହୋଇଛି ଯେ ସେ ପଞ୍ଜାବ କିଙ୍ଗ୍ସରେ ଯୋଗ ଦେଇପାରନ୍ତି। ପ୍ରୀତି ଜିଣ୍ଟା ତାଙ୍କୁ ଯେକୌଣସି ମୂହୁର୍ତ୍ତରେ ଦଳରେ ଅନ୍ତର୍ଭୁକ୍ତ କରିବାକୁ ଚାହିଁବେ। ପଞ୍ଜାବ ମଧ୍ୟ ଏ ସମ୍ପର୍କରେ ସୂଚନା ଦେଇଛି ବାସ୍ତବରେ ଦଳ ଏକ୍ସରେ ଏକ ପୋଷ୍ଟ ଶେୟାର କରିଛି। ଏଥିରେ ରୋହିତ ଏବଂ ଶିଖର ଧାଓବନ ନଜର ଆସିଛନ୍ତି ରୋହିତ ଏବଂ ଧାଓ୍ୱନଙ୍କ ଏହି ପୁରୁଣା ଫଟୋ ଉପରେ ପ୍ରଶଂସକଙ୍କ ଠାରୁ ଅନେକ ମନ୍ତବ୍ୟ ଆସିଛି।ଅଧିନାୟକ ଭାବରେ ରୋହିତଙ୍କର ଏପର୍ଯ୍ୟନ୍ତ ଏକ ଭଲ ରେକର୍ଡ ରହିଛି। ତାଙ୍କ ଅଧିନାୟକତ୍ୱରେ ମୁମ୍ବାଇ ଇଣ୍ଡିଆନ୍ସ ଟାଇଟଲ ଜିତିଛି। ରୋହିତ ଏପର୍ଯ୍ୟନ୍ତ ଲିଗରେ ମୋଟ ୨୫୭ ମ୍ୟାଚ ଖେଳିଛନ୍ତି।ସେ ୬୬୨୮ ରନ ସ୍କୋର କରିଛନ୍ତି ଲିଗ୍‌ରେ ରୋହିତ ଦୁଇ ଶତକ ଏବଂ ୪୩ ଅର୍ଦ୍ଧଶତକ ହାସଲ କରିଛନ୍ତି।

# ଆଇପିଏଲ୍ ୨୦୨୫ ମେଗା ଅକ୍ସନ୍ : ଭାଙ୍ଗିପାରେ ସବୁ ରେକର୍ଡ

ନୂଆଦିଲ୍ଲୀ ୨୬।୮(ଏଜେନ୍ସି): ଆଇପିଏଲ୍ ୨୦୨୫ ମେଗା ଅକ୍ସନକୁ ସମସ୍ତେ କରିଛନ୍ତି ଅପେକ୍ଷା। ବଡ ବଡ ପ୍ଲେୟରଙ୍କୁ କିଣିବେ ଫ୍ରାଞ୍ଚାଇଜ୍। ଏଥିପାଇଁ ଆରମ୍ଭ ହୋଇଛି ପ୍ରସ୍ତୁତି। ତେବେ ମେଗା ଅକ୍ସନରେ ବେଶ୍ ଡିମାଣ୍ଡରେ ଭାରତୀୟ ପ୍ଲେୟର। ବିଗତ କିଛି ବର୍ଷରେ ଭାରତୀୟ ପ୍ଲେୟରଙ୍କ ଦାମ୍ ଆକାଶଛୁଆଁ ହୋଇଛି। ମେଗା ଅକ୍ସନରେ ଅନେକ ଭାରତୀୟ ଖେଳାଳୀ ନିଲାମୀ ପାଇଁ ରହିବେ ଉପଲବ୍ଧ। ଯାହାଙ୍କ ଦାମ୍ ବହୁତ ଅଧିକ ହୋଇପାରେ। ଏପରି କିଛି ଭାରତୀୟ ପ୍ଲେୟର ଅଛନ୍ତି ଯିଏକି ଆଇପିଏଲ୍ ୨୦୨୫ରେ ବହୁତ ଦାମରେ ହୋଇପାରନ୍ତି ବିକ୍ରି। ଖାସ୍ କରି ୩ ଭାରତୀୟ ପ୍ଲେୟରଙ୍କ ଉପରେ ରହିଛି ନଜର। ଟିମ୍ ଇଣ୍ଡିଆ। କ୍ୟାପଟେନ୍ ରୋହିତ ଶର୍ମା ଆଇପିଏଲ୍‌ରେ ମଧ୍ୟ ମୁମ୍ବାଇ ଇଣ୍ଡିଆ। ପାଇଁ କରିଛନ୍ତି କ୍ୟାପଟେନ୍ସିପ୍ ୫ଥର ଆଇପିଏଲ୍ ଟ୍ରଫି ହାତେଇଛି ଏମ୍ଆଇ କିନ୍ତୁ ଚଳିତ ବର୍ଷ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ପାଇଁ ପଛ ଘୁଞ୍ଚା ଦେଇଥିଲେ ରୋହିତ ଆଉ ଅଧିନାୟକ ପଦରୁ ହଟିଯାଇଥିଲେ ସେ ଆଇପିଏଲ୍ ୨୦୨୪ରେ ୧୪ଟି ମ୍ୟାଚ ଖେଳି ଗୋଟିଏ ଶତକ ଏବଂ ଗୋଟିଏ ଅର୍ଦ୍ଧଶତକ ସହିତ କରିଥିଲେ ୪୧୭ ରନ୍। ରିପୋର୍ଟ ଅନୁଯାୟୀ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ସମ୍ଭାବିତ ଏହା ବିଦାୟୀ ମ୍ୟାଚ୍ ହୋଇଥାଇପାରେ ଏମିତିରେ ବି ପଞ୍ଜାବ କିଙ୍ଗ୍ସ ଏବଂ ସିଏସକେ ପରି ଫ୍ରାଞ୍ଚାଇଜ୍ ତାଙ୍କ ପାଇଁ ମୋଟା ଅଙ୍କ ଖର୍ଚ୍ଚ କରିବାକୁ ରହିଛନ୍ତି ତିୟାର। ଖାସ୍ କରି ସେତେବେଳେ କି ଯେତେବେଳେ ଟିମ୍ ପାଇଁ କ୍ୟାପଟେନଙ୍କ ଆବଶ୍ୟକତା ରହିଛି। ଲକ୍ଷ୍ନୌ ସୁପର ଜାଏଣ୍ଟସ୍ର ଅଧିନାୟକ କେ.ଏଲ୍ ରାହୁଲ। ୨୦୨୨ରେ ଦଳର ଅଧିନାୟକ୍ ଗ୍ରହଣ କରିଥିଲେ ପ୍ରଥମ ୨ଟି ସିଜନରେ ସେ ଦଳକୁ ପ୍ଲେଅଫ୍‌କୁ ନେଇଥିଲେ ତେବେ ଆଇପିଏଲ୍ ୨୦୨୪ରେ ଟିମ୍ କରିଥିଲା ଖରାପ ପ୍ରଦର୍ଶନ ଆଉ ରାହୁଲଙ୍କ ଭବିଷ୍ୟତ ଉପରେ ଉଠିଛି ପ୍ରଶ୍ନ ତେବେ ତାଙ୍କୁ ଲକ୍ଷ୍ନୌ ସୁପର ଜାଏଣ୍ଟସ୍ ନିଜ ପାଖରେ ରଖିବାର ରହିଛି କମ୍ ସମ୍ଭାବନା କିନ୍ତୁ ବ୍ୟାଟିଂ କ୍ଷମତା ତାଙ୍କୁ ନିଲାମରେ ଏକ ବଡ ନାଁ ହୋଇପାରେ। ହର୍ଷିତ ରାଣା କୋଲକାତା ନାଇଟ୍ ରାଇଡର୍ସର ଯୁବ ଦ୍ରୁତ ବୋଲର ଆଇପିଏଲ୍ ୨୦୨୪ରେ କରିଥିଲେ ଚମତ୍କାର ପ୍ରଦର୍ଶନ ୨୨ ବର୍ଷୀୟ ହର୍ଷିତ ରାଣା ୧୩ଟି ମ୍ୟାଚରେ ନେଇଥିଲେ ୧୯ ୱିକେଟ୍ ଏମିତିକି ଫାଇନାଲରେ ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ନାଇଟ୍ ରାଇଡର୍ସ ତାଙ୍କ ପ୍ରଦର୍ଶନକୁ ନଜରରେ ରଖି ତାଙ୍କୁ ରିଟେନ୍ କରିପାରେ କିନ୍ତୁ ମେଗା ନିଲାମୀର ସୀମିତତା କାରଣରୁ ଅନ୍ୟ ଫ୍ରାଞ୍ଚାଇଜ୍ ତାଙ୍କୁ ନିଜ ଦଳରେ ସାମିଲ୍ କରିବାକୁ ନିଲାମୀ ଲଗାଇପାରନ୍ତି ତେବେ ଦେଖିବାକୁ ବାକି ରହିଲା ମେଗା ଅକ୍ସନରେ କେଉଁ ପ୍ଲେୟର କେତେ ପ୍ରାଇସ୍ ହେଉଛନ୍ତି ବିକ୍ରି।

# ସେପ୍ଟେମ୍ବର ୧୩ରୁ ଆଇଏସ୍ଏଲ୍

ଭୁବନେଶ୍ୱର: ଇଣ୍ଡିଆନ୍ ସୁପର ଲିଗ୍ (ଆଇଏସ୍ଏଲ୍) ଏକାଦଶତମ ସଂସ୍କରଣ ଆସନ୍ତା ମାସ ୧୩ ତାରିଖରୁ ଆରମ୍ଭ ହେବ ରବିବାର ସୂଚୀ ଘୋଷିତ ହୋଇଛି ଏହି ୧୩ ଦଳୀୟ ପ୍ରତିଯୋଗିତାର ଉଦ୍‌ଘାଟନୀ ମୁକାବିଲାରେ ଗତ ସଂସ୍କରଣ ଫାଇନାଲିଷ୍ଟ ମୋହନ ବାଗାନ ସୁପର ଜାଏଣ୍ଟ ଓ ମୁମ୍ବାଇ ସିଟି ଏଫ୍‌ସି ମୁହାଁମୁହିଁ ହେବେ ଏହି ମୁକାବିଲା କୋଲ୍‌କାତାର ବିବେକାନନ୍ଦ ଯୁବ ଭାରତୀ କ୍ରୀଡ଼ାଙ୍ଗନରେ ଖେଳାଯିବ ଭୁବନେଶ୍ୱର ଭିତ୍ତିକ ଦଳ ଓଡ଼ିଶା ଏଫ୍‌ସି ୧୪ ତାରିଖରେ ଚେନ୍ନାୟିନ୍ ଏଫ୍‌ସି ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ ଏହି ମ୍ୟାଚ୍ କଳିଙ୍ଗ ଷ୍ଟାଡିୟମ୍‌ରେ ସଂଧ୍ୟା ୫ଟାରେ ଖେଳାଯିବ।ଏହି ପ୍ରତିଯୋଗିତାରେ ୧୩ ଦଳ ଭାଗ ନେଉଛନ୍ତି ଆଇ-ଲିଗ୍ ବିଜେତା ମହମ୍ମଡାନ ସ୍ପୋର୍ଟ୍ସ କ୍ଲବ୍ ପ୍ରଥମ ଥର ଲାଗି ଆଇଏସ୍ଏଲ୍‌ରେ ଖେଳିବ ତେବେ ହାଇଦ୍ରାବାଦ ଏଫ୍‌ସି ସୂଚୀରେ ରହିଥିଲେ ମଧ୍ୟ ଏହାର ଖେଳିବା ଆଶା ଏଆଇଏଫ୍ଏଫ୍ କ୍ଲବ୍ ଲାଇସେନ୍ସ ମଞ୍ଜୁରି ଉପରେ ରହିଛି ଏହି ଦଳ ୧୯ ତାରିଖରେ ବେଙ୍ଗାଲୁରୁ ଏଫ୍‌ସି ବିପକ୍ଷରେ ଖେଳିବାର ଅଛି ତେବେ ଏହା ମଧ୍ୟରେ ମଞ୍ଜୁରି ମିଳେ ତେବେ ଏହି ଦଳ ବାଦ୍ ପଡ଼ିବ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ